READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews


EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524




ବର୍ଷ-୭ ସଂଖ୍ୟା-୪୧ ୨୩ - ୨୯ ଅକ୍ଟୋବର, ୨୦୨୩ ଭୁବନେଶ୍ୱର Monday Weekly VOL-7 ISSUE-41 23rd - 29th OCTOBER, 2023 BHUBANESWAR ₹ 5/- (8 Pages)

## ଭୁବନେଶ୍ୱରରେ ହେବ ନାର୍କୋ ଟେଷ୍ଟ



**ଭୁବନେଶ୍ୱର :** ପୁଣେ ନୁହେଁ, ଏଣିକି ଭୁବନେଶ୍ୱରରେ ହେବ ନାର୍କୋ ଆନାଲିସିସ୍ ଟେଷ୍ଟ। ଅପରାଧୀଙ୍କ ଠାରୁ ଆଦାୟ ହେବ ସତ। ଖର୍ଚ୍ଚ କମ୍ ହେବା ସହ ବଞ୍ଚିବ ସମୟ। ଆସନ୍ତା ମାସରୁ କ୍ୟାପିଟାଲ ହସ୍ପିଟାଲରେ ଆରମ୍ଭ ହେବ ଏହି ଟେଷ୍ଟ। ମେସିନ ବି ଆସି ସାରିଛି। ଏନେଇ ଷ୍ଟେଟ୍ ଫରେନସିକ୍ ଲ୍ୟାବ୍ ଓ କ୍ୟାପିଟାଲ ହସ୍ପିଟାଲ ମଧ୍ୟରେ ବୈଠକ ହୋଇଛି। ଏଥିପାଇଁ କ୍ୟାପିଟାଲ ହସ୍ପିଟାଲର ଆନାସ୍ଥେସିଆ ବିଶେଷଜ୍ଞ ଓ ମନସ୍ତତ୍ତ୍ୱବିତଙ୍କୁ ତାଲିମ୍ ଦିଆଯାଇଛି। ମିଛ କହୁଥିଲେ ସାବଧାନ। ଆଉ ବର୍ତ୍ତି ପାରିବେନି ଅପରାଧୀ। ଏଣିକି ଭୁବନେଶ୍ୱରରେ ଧରା ପଡ଼ିବ ମିଛ। ଅଭିଯୁକ୍ତଙ୍କ ଠାରୁ ସତ ଓଗାରିବାକୁ ଆଉ ଯିବାକୁ ପଡ଼ିବନି ପୁଣେ। ନଭେମ୍ବରରୁ କ୍ୟାପିଟାଲ ହସ୍ପିଟାଲରେ ହେବ ନାର୍କୋ ଆନାଲିସିସ୍ ଟେଷ୍ଟ। ମିଳିତ ଭାବେ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବେ କ୍ୟାପିଟାଲ ହସପିଟାଲ ଓ ଷ୍ଟେଟ୍ ଫରେନସିକ୍ ଲ୍ୟାବ୍। ପହଞ୍ଚି ସାରିଛି ମିଛ ଧରା ମେସିନ୍। ପୂର୍ବରୁ କୋର୍ଟଙ୍କ ଅନୁମତି ସାଙ୍ଗକୁ ପୁଣେ ଲ୍ୟାବ ପାଇଁ ମଗାଯାଉଥିଲା ସମୟ। ଯେଉଁଥିରେ ସମୟ ନଷ୍ଟ ହେବା ସହ ଖର୍ଚ୍ଚ ବି ବଢୁଥିଲା। ହେଲେ ଏବେ କ୍ୟାପିଟାଲ ହସପିଟାଲରେ ନାର୍କୋ ଟେଷ୍ଟ କରାଗଲେ, କୋର୍ଟଙ୍କ ଅନୁମତି ମିଳିବା ସହ ସମୟ ଓ ଅର୍ଥ ବଞ୍ଚିବ। ଟେଷ୍ଟ ସମୟରେ ମିଛ ଧରା ମେସିନକୁ ଷ୍ଟେଟ୍ ଫରେନସିକ୍ ଲ୍ୟାବ୍ ପକ୍ଷରୁ କ୍ୟାପିଟାଲ ହସ୍ପିଟାଲକୁ ନିଆଯିବ। କ୍ୟାପିଟାଲ ହସପିଟାଲ ଓଟିରେ ଟେଷ୍ଟ କରାଯିବା ସହ ସମସ୍ତ ପ୍ରକ୍ରିୟାର ଭିଡିଓ ରେକର୍ଡିଂ କରାଯିବ। ପୂର୍ବରୁ ଷ୍ଟେଟ୍ ଫରେନସିକ୍ ଲ୍ୟାବରେ ଅଭିଯୁକ୍ତଙ୍କ ପଲିଗ୍ରାଫ୍ ଟେଷ୍ଟ କରାଯାଉଥିଲା। ପଲିଗ୍ରାଫ୍ ଟେଷ୍ଟ ସମୟରେ ଅଭିଯୁକ୍ତଙ୍କ ବ୍ୟବହାରରୁ ମିଛ ଧରାପଡ଼େ। ଯେଉଁଥିରେ ଅଭିଯୁକ୍ତଙ୍କୁ ପ୍ରଶ୍ନ କରାଯାଏ। ପ୍ରଶ୍ନକୁ ନେଇ ଅଭିଯୁକ୍ତଙ୍କ ବ୍ୟବହାର ଓ ରକ୍ତଚାପ ଦେଖାଯାଏ। ବ୍ୟବହାରରେ ପରିବର୍ତ୍ତନ ହେବାରୁ ସତମିଛର ପରୀକ୍ଷା କରାଯାଏ। ହେଲେ ନାର୍କୋ ଆନାଲିସିସ୍ ଟେଷ୍ଟ ସଂପୂର୍ଣ୍ଣ ଭିନ୍ନ। ଏହି ପ୍ରକ୍ରିୟାରେ ଅଭିଯୁକ୍ତଙ୍କୁ ସାଲାଇନରେ ସୋଡିୟମ୍ ପେଣ୍ଟୋଥାଲ ଦିଆଯାଏ। ଏହା ଦ୍ୱାରା ଅଭିଯୁକ୍ତଙ୍କୁ ନିଶାଶକ୍ତ କରାଯାଇ ସତ ବାହାର କରାଯାଏ।

# ‘ରତ୍ନଭଣ୍ଡାର ଖୋଲିବାର ପ୍ରକୃଷ୍ଟ ସମୟ ରଥଯାତ୍ରା’



**ପୁରୀ :** ରତ୍ନଭଣ୍ଡାର ଖୋଲିବା ନେଇ ଗଜପତି ମହାରାଜା କହିଛନ୍ତି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରର ରତ୍ନଭଣ୍ଡାର ଖୋଲା ଯିବାର ପ୍ରକୃଷ୍ଟ ସମୟ ହେଉଛି ରଥଯାତ୍ରା। କାରଣ ରଥଯାତ୍ରା ପରେ କିଛି ମାସ ମଧ୍ୟରେ ସେଭଳି କୌଣସି ବିଶେଷ ପର୍ବପର୍ବାଣୀ ନଥାଏ। ଯାତ୍ରୀ ଏବଂ ଦର୍ଶନାର୍ଥୀଙ୍କ ସଂଖ୍ୟା ମଧ୍ୟ ଅପେକ୍ଷାକୃତ କମ୍ ଥାଏ। ସେହିପରି ସେ ଆହୁରି କହିଛନ୍ତି ଯେ, ଆସନ୍ତା ୨୦୨୪ ରଥଯାତ୍ରା ସମୟରେ ଶ୍ରୀମନ୍ଦିରର ବାହାର ଓ ଭିତର ରତ୍ନଭଣ୍ଡାର ଖୋଲାଯାଉ। ସେଠାରେ ଗଚ୍ଛିତ ଥିବା ମୂଲ୍ୟବାନ ସମ୍ପତ୍ତିର ଗଣତି କରାଯାଉ। ଏହାସହ ଏଏସଆଇ ଦ୍ୱାରା ରତ୍ନଭଣ୍ଡାର ମରାମତି ସମ୍ପର୍କିତ କାର୍ଯ୍ୟ କରାଯାଉ। ଏନେଇ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବ। ଗଜପତି ମହାରାଜ କହିଛନ୍ତି, ଏହି କାର୍ଯ୍ୟ ପାଇଁ ରଥଯାତ୍ରା ହିଁ ପ୍ରକୃଷ୍ଟ ମସୟ ହୋଇପାରିବ। କାରଣ ଏହାପରେ କିଛି ମାସ ମଧ୍ୟରେ ସେଭଳି କୌଣସି ବିଶେଷ ପର୍ବପର୍ବାଣୀ ନଥାଏ। ଯାତ୍ରୀ ଏବଂ ଦର୍ଶନାର୍ଥୀଙ୍କ ସଂଖ୍ୟା ମଧ୍ୟ ଅପେକ୍ଷାକୃତ କମ୍ ଥାଏ। ବର୍ତ୍ତମାନ ସମୟରେ କିମ୍ବା ଆଗାମୀ କିଛି ମାସ ମଧ୍ୟରେ ରତ୍ନଭଣ୍ଡାର ଖୋଲିବା ଉଚିତ ହେବନି। ଆସନ୍ତା ରଥଯାତ୍ରା ପୂର୍ବରୁ ରତ୍ନ ଭଣ୍ଡାର ଖୋଲାଗଲେ ମହାପ୍ରଭୁଙ୍କ ନୀତିକାନ୍ତି ଓ ସେବାପୂଜା ପ୍ରଭାବିତ ହୋଇପାରେ। ଏଥିସହ ଶ୍ରୀମନ୍ଦିରରେ ଏବେ ଭକ୍ତଙ୍କ ସମାଗମ ହେଉଥିବାରୁ ଦର୍ଶନରେ ମଧ୍ୟ ବାଧା ଉପୁଜିପାରେ। ଗଜପତି ପ୍ରେସ ➤ ପୃ-୬




# ଲୋକଙ୍କୁ ନାହିଁ ପିଇବା ପାଣି, ପ୍ରଚାର ସର୍ବସ୍ୱ ବିକାଶ କାହାଣୀ

**ଭୁବନେଶ୍ୱର :** ରାଜ୍ୟ ସରକାର ବିକାଶର ଡିଣ୍ଡିମ ପିଟୁଥିଲାବେଳେ ରାଜ୍ୟବାସୀଙ୍କୁ ସର୍ବନିମ୍ନ ଆବଶ୍ୟକତା ପୂରଣକରିବାରେ ସମ୍ପୂର୍ଣ୍ଣ ଅସମର୍ଥ। ‘ସୁସ୍ଥ ଓଡିଶା ସୁଖି ଓଡିଶା’ ନାରା ଦେଇ ରାଜ୍ୟବାସୀଙ୍କୁ ନିରାପଦ ପାନୀୟଜଳ ଯୋଗାଣକୁ ଅଗ୍ରାଧିକାର ଦେବା କଥା କହୁଥିବା ସରକାର ପାଣି ମୁନ୍ଦାଏ ପାଇଁ ଦୁଃଖି ମଣିଷର ଯନ୍ତ୍ରଣା ବୁଝିବା ପାଇଁ ଅସମର୍ଥ। ୨୦୨୪ ସୁଦ୍ଧା ରାଜ୍ୟର ସମସ୍ତ ଗ୍ରାମୀଣ ପରିବାରକୁ ପାଇପ ଯୋଗେ ପାନୀୟଜଳ ଯୋଗାଇ ଦିଆଯିବ ବୋଲି ୨୦୨୨ ମସିହା ମହାମହିମ ରାଜ୍ୟପାଳଙ୍କ ଅଭିଭାଷଣ ଓ ତତ୍‌କାଳୀନ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ବକ୍ତବ୍ୟରେ ପାନୀୟ ଜଳକୁ ସର୍ବାଧିକ ଅଗ୍ରାଧିକାର ଦିଆଯିବ ଏବଂ ଶତପ୍ରତିଶତ ପରିବାରକୁ ୨୦୨୪ ସୁଦ୍ଧା ଗ୍ରାମୀଣ ଓ ସହରୀ ପରିବାକୁ ଜଳ ଯୋଗାଇ ଦିଆଯିବ ବୋଲି କୁହାଗଲା। ରାଜ୍ୟରେ ଘର ସଂଖ୍ୟା ୮୮ଲକ୍ଷ ୩୩,୫୩୬। ପାଇପ ଜଳ ସଂଯୁକ୍ତ ଘର ୨୦୨୨ସୁଦ୍ଧା ୪୪ପ୍ରତିଶତ ଥିଲାବେଳେ ବର୍ତମାନ ୨୦୨୩-୨୪ରେ ଏହା ୫୮ପ୍ରତିଶତ ବୋଲି କୁହାଯାଉଛି। ଅଧିକାଂଶ ଗାଁ ଓ ପଡା ଗାଁରେ ଟ୍ୟାପ ପାଇପର ଜଳ ସଂଯୁକ୍ତ ହୋଇନାହିଁ। ଲୋକଙ୍କୁ ନାହିଁ ପିଇବା ପାଣି, ପ୍ରଚାର ସର୍ବସ୍ୱ ବିକାଶ କାହାଣୀ ବୋଲି ବିଜେପି ମୁଖପାତ୍ର ରମାରଞ୍ଜନ ବଳିୟାରସିଂହ କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବଳିୟାରସିଂହ କହିଛନ୍ତି ଯେ, ଓଡିଶା ଦେଶର ଚତୁର୍ଥ ଡାଇରିଆ ପ୍ରବଣ ରାଜ୍ୟ। କଲେରା, ଡିସେଣ୍ଟ୍ରି ଓ ଡାଇରିଆ ମୃତ୍ୟୁ ପ୍ରଦୂଷିତ ନଦୀ ଓ ପୋଖରୀ ଯୋଗୁଁ ହେଉଛି। ନିକଟରେ ଅନୁଗୁଳ ଜିଲ୍ଲାର ଆଠମଲ୍ଲିକ ପଞ୍ଚଧାରା ଅଞ୍ଚଳର ୪ଟି ଗାଁ (ଧଣ୍ଡାତୋଗା, ବାସୁଦେବପୁର, ଆରାମପୁର, ଅମାସମାବାଶି)ରେ ପାନୀୟ ଜଳ ସଂକଟରୁ ୯୦ପ୍ରତିଶତରୁ ଉର୍ଦ୍ଧ୍ୱ ଲୋକ କିଡନି ରୋଗାକ୍ରାନ୍ତ ହେଲାବେଳେ ୧୮ଜଣଙ୍କ ମୃତ୍ୟୁ ଘଟିଛି। ଅଥଚ ପ୍ରତିଟି ଜୀବନ ମୂଲ୍ୟବାନ ➤ ପୃ-୬

### ସଂସଦରେ ‘ପ୍ରଶ୍ନ ପାଇଁ ଟଙ୍କା’ ସ୍କାଣ୍ଡାଲ

# ସାଂସଦଙ୍କ କାରନାମା ଜନବିରୋଧୀ ନୁହେଁ କି ?



**ଭୁବନେଶ୍ୱର :** ବହୁଚର୍ଚ୍ଚିତ ‘ପ୍ରଶ୍ନ ପାଇଁ ଟଙ୍କା’ ସ୍କାଣ୍ଡାଲରେ ପୁରୀ ସାଂସଦ ପିନାକି ମିଶ୍ରଙ୍କ ସଂପୃକ୍ତି ଅଛି ବୋଲି ମାନ୍ୟବର ସିବିଆଇ ଅଦାଲତ ଏବଂ ସଂସଦର ଏଥିକ୍ସ କମିଟି ପାଖରେ ଦାଖଲ ହୋଇଥିବା ୨ଟି ସତ୍ୟପାଠରୁ ସ୍ପଷ୍ଟ ହୋଇଛି ଏବଂ ଏ ସଂପର୍କରେ ପିନାକୀ ମିଶ୍ର ଓ ପ୍ରଶ୍ନ ପଚାରିବା ପାଇଁ ଟଙ୍କା ନେଇଥିବା ସାଂସଦ ମହୁଆ ମୈତ୍ରଙ୍କ ଘନିଷ୍ଠ ସଂପର୍କ ନେଇ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ଚାଲିଛି। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଧାମ ପୁରୀକୁ ପ୍ରତିନିଧିତ୍ୱ କରୁଥିବା ସାଂସଦ ଶ୍ରୀ ମିଶ୍ର, ମହୁଆ ମୈତ୍ରଙ୍କୁ ଦିଆଯାଇଥିବା ହାୱାଲା ଟଙ୍କାକୁ ➤ ପୃ-୬

# ଲକ୍ଷ୍ମୀ ଯୋଜନା ସମସ୍ତଙ୍କୁ ବିକାଶ ସହିତ ଯୋଡିବ : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଜପତି ଜିଲ୍ଲାରେ ଲକ୍ଷ୍ମୀ ବସ୍ ଯୋଜନା ଶୁଭାରମ୍ଭ କରିଛନ୍ତି। ଏହି ଯୋଜନା ପ୍ରଥମେ ମାଲକାନଗିରିରେ ଆରମ୍ଭ ହୋଇଥିଲା। ଏଥିରେ ପଞ୍ଚାୟତରୁ ବ୍ଲକକୁ ବସ୍ ଚଳାଚଳର ସୁବିଧା କରାଯାଇଛି। ସାରା ରାଜ୍ୟରେ ୧୦୦୦ରୁ ଅଧିକ ବସ୍ ଚାଲିବ। ଏଥିରେ ମିଶନ ଶକ୍ତି ମା’ମାନଙ୍କୁ ବସ୍ ପରିଚଳନାର ଦାୟିତ୍ୱ ଦିଆଯାଇଛି। ଏହି ଯୋଜନାରେ ମହିଳା, ଛାତ୍ରଛାତ୍ରୀ ଓ ଭିନ୍ନକ୍ଷମ ବର୍ଗର ଲୋକମାନେ ମାତ୍ର ୫ ଟଙ୍କାରେ ଗାଁରୁ ବ୍ଲକକୁ ଯାଇପାରିବେ। ଏହି ଅବସରରେ ଉଦ୍‌ବୋଧନ ଦେଇ ଗଜପତି ଜିଲ୍ଲାବାସୀଙ୍କୁ ମୁଖ୍ୟମନ୍ତ୍ରୀ କହିଲେ ଯେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲ୍ଲାଗସ୍ତରୁ ଲୋକଙ୍କ ଯିବା ଆସିବାର ଅସୁବିଧା ବିଷୟରେ ମୁଁ ଜାଣିବା ପରେ ଆମର ଏହି ଲକ୍ଷ୍ମୀ ଯୋଜନା ଆରମ୍ଭ କରାଗଲା। ଆମର ଗମନାଗମନ ଓ ପରିବହନ ବ୍ୟବସ୍ଥାରେ ଏହା ରୂପାନ୍ତର ଆଣିବ। ଗାଁ କୁ ଗାଁ ସହିତ ଯୋଡିବ। ଲୋକଙ୍କ ସାମାଜିକ ସମ୍ପର୍କ ମଜବୁତ୍ ହେବ। ଏହା ଦ୍ୱାରା ଆମର ଅର୍ଥନୀତି ମଧ୍ୟ ଆହୁରି ମଜବୁତ୍ ହେବ ବୋଲି ସେ କହିଲେ। ଏହି ଯୋଜନା ସମ୍ପର୍କରେ ଆଲୋକପାତ କରି ମୁଖମନ୍ତ୍ରୀ କହିଲେ ଯେ ପ୍ରଥମ ପର୍ଯ୍ୟାୟରେ ମାଲକାନଗିରି ଓ ଗଜପତି ସହିତ, ନବରଙ୍ଗପୁର, କୋରାପୁଟ, ରାୟଗଡା ଓ କନ୍ଧମାଳ ଜିଲ୍ଲାରେ ଏହି ଯୋଜନାରେ ବସ୍ ଚାଲିବ। ଗଜପତିରେ ଆଜି ୩୬ଟି ବସ୍ ଚାଲିଲା। ଗଜପତିର ୭ଟି ବ୍ଲକର ୧୨୬ଟି ପଞ୍ଚାୟତକୁ ବସ୍ ସୁବିଧା ମିଳିଲା। ଏହି ଯୋଜନା ପାଇଁ ଗଜପତିରେ ୬୯ଟି ନୂଆ ବସ୍ ଷ୍ଟପେଜ୍ ତିଆରି କରାଯାଇଛି। ପୂର୍ବରୁ ଥିବା ୬୪ଟି ବସ୍ ଷ୍ଟପେଜର ➤ ପୃ-୬

## ଏଥର ଜନମତ

ଭକ୍ତଙ୍କ ପାଇଁ ଡ୍ରେସ୍‌କୋଡ କେତେ ଯଥାର୍ଥ ?

ଶେଷପୃଷ୍ଠା ପଢ଼ନ୍ତୁ ...

## ବକ୍ରବାଣୀ




ରତ୍ନଭଣ୍ଡାର ଚାବି ଖୋଜିବାରେ
ବର୍ଷ ପରେ ବର୍ଷ ଗଡ଼େଇ ଦେଲେ
ଗରୀବ ଧନରୁ ବାଇଶ୍ ଲକ୍ଷ
ତଦନ୍ତ ଆଳରେ ଚଳୁ କରିଲେ
ଭଣ୍ଡାରଘରକୁ ଖୋଲିବେ ବୋଲି
ଚାରିଆଡ଼େ ଏବେ ଶୁଣାଯାଉଚି
ଆଉ ଯାହା ଅଛି ଖାଇଲା ପରେ
ଖୋଲିବେ ଆଗକୁ ଭୋଟ ଆଉଚି
ମଦୁଆ ଗାଉଚି ଗୀତ ଗୋବିନ୍ଦ
ଜାଣୁନି କିଛି ସେ ଭଲ କି ମନ୍ଦ।


— ଟୁଟୁ

## ଓଡ଼ିଶା ଭୂସଂସ୍କାର ଆଇନ ସଂଶୋଧନକୁ କ୍ୟାବିନେଟ୍ ମୋହର

**ଭୁବନେଶ୍ୱର :** ରାଜ୍ୟରେ ସିକିମ୍ ଭାବେ ରେକର୍ଡ ହୋଇଥିବା ଜମି ଉପରେ ଉପ-ରୟତ ଅବା ସେମାନଙ୍କ ଉତ୍ତରାଧିକାରୀମାନଙ୍କୁ ରୟତି ଅଧିକାର ପ୍ରଦାନ କରାଯିବ। ଏଥିପାଇଁ ଓଡ଼ିଶା ଭୂ-ସଂସ୍କାର ଆଇନ,୧୯୬୦ର ଧାରା-୪ରେ ଆବଶ୍ୟକୀୟ ଉପଧାରାକୁ ସଂଶୋଧନକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ କରିଛନ୍ତି। କଟକ, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ପୁରୀ, ଯାଜପୁର, ଜଗତସିଂହପୁର, ବାଲେଶ୍ୱର, ଭଦ୍ରକ, ଅନୁଗୋଳ ଓ ଗଞ୍ଜାମର ପ୍ରାୟ ୨.୪୬ଲକ୍ଷ ଲୋକେ ଉପକୃତ ହେବେ ବୋଲି ଜଣାପଡ଼ିଛି। ଏହା ସହିତ ମୋଟ ୧୬ଟି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ➤ ପୃ-୬

ପବିତ୍ର ଦଶହରା ଓ
ଦୁର୍ଗାପୂଜା ଅବସରରେ ହାର୍ଦ୍ଦିକ
ଶୁଭେଚ୍ଛା ଓ ଅଭିନନ୍ଦନ





ଚନ୍ଦ୍ରମୋହନ ସିଂ
ଶ୍ୟାମାଖୁଣ୍ଟା ବ୍ଲକ ଅଧ୍ୟକ୍ଷ
ମୟୁରଭଞ୍ଜ

### ବଜ୍ରପାତର ସର୍ତକତା ସଂକ୍ରାନ୍ତରେ ଲୋକଙ୍କୁ ଦିଆଯିବ ପ୍ରଶିକ୍ଷଣ

# ସମସ୍ତ ବିଦ୍ୟାଳୟରେ ରହିବ ବଜ୍ରପାତ ନିରୋଧକ ବ୍ୟବସ୍ଥା






**ଭୁବନେଶ୍ୱର :** ବଜ୍ରପାତର ସର୍ତକତା ସଂକ୍ରାନ୍ତରେ ଲୋକଙ୍କୁ ପ୍ରଶିକ୍ଷଣ ଦିଆଯିବ। ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଓଡ଼ିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସଡମା)ର ୩୬ତମ ପରିଚାଳନା କମିଟି ବୈଠକରେ ଏଭଳି ନିଷ୍ପତ୍ତି ହୋଇଛି। ବୈଠକରେ ବ୍ଲକ, ପଞ୍ଚାୟତ ଓ ଗ୍ରାମ୍ୟ ସ୍ତରରେ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ଯୋଜନା କାର୍ଯ୍ୟକାରିତା ସଂପର୍କରେ ଆଲୋଚନା କରାଯାଇଥିଲା। ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସହିତ ବିଜୁଳି ଓ ବଜ୍ରପାତ ଭଳି ବିପର୍ଯ୍ୟୟର ପରିଚାଳନା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ବିଜୁଳି ଓ ବଜ୍ରପାତରେ ଅଧିକ ମୃତାହତ ଘଟୁଥିବା ମୟୂରଭଞ୍ଜ, ଗଞ୍ଜାମ, କେନ୍ଦୁଝର, ବାଲେଶ୍ୱର, କଟକ, ସୁନ୍ଦରଗଡ଼, ନବରଙ୍ଗପୁର, ଯାଜପୁର, ବଲାଙ୍ଗିର, କୋରାପୁଟ ଆଦି ୧୦ଟି ଜିଲ୍ଲାରେ ସତର୍କତା ସଂପର୍କରେ ଜନସାଧାରଣଙ୍କୁ ପ୍ରଶିକ୍ଷଣ ଦିଆଯିବ ଓ ପରବର୍ତ୍ତୀ ସମୟରେ ଅନ୍ୟ ସମସ୍ତ ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିପରି ସମସ୍ତ ବିଦ୍ୟାଳୟରେ ବଜ୍ରପାତ ନିରୋଧକ ବ୍ୟବସ୍ଥା (ଲାଇଟନିଂ ଆରେଷ୍ଟର) ରହିବା ଓ ଏହାର କାର୍ଯ୍ୟକାରିତା ତଦାରଖ ସଂପର୍କରେ ଆଲୋଚନା କରାଯାଇଛି। ବଜ୍ରପାତ ସମୟରେ ଛାତ୍ରଛାତ୍ରୀମାନଙ୍କୁ ସତର୍କ ରହିବା ପାଇଁ ଶିକ୍ଷକ ଶିକ୍ଷୟତ୍ରୀମାନେ ଆବଶ୍ୟକ ସଚେତନ କରିବେ। ଏଥିପାଇଁ ଫାୟାର ଆଲାରାମ ବ୍ୟବସ୍ଥା ସହ ଅଗ୍ନିଶମ ବିଭାଗ ତରଫରୁ ମକଡ୍ରିଲ କରାଯିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ➤ ପୃ-୬

ଭବାନୀପାଟଣା ପୌର ପରିଷଦ

ପବିତ୍ର ଦୁର୍ଗା ପୂଜା ଓ ମା’ ମାଣିକେଶ୍ୱରୀଙ୍କ ଛତର ବିଜୟ ଯାତ୍ରା-୨୦୨୩ ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ଭବାନୀପାଟଣା ପୌରପାଳିକାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସହରବାସୀଙ୍କ ସହଯୋଗ କାମନା କରୁଛି। ଆସନ୍ତୁ, ଏହି ଶୁଭ ଅବସରରେ ଆମେ ସମସ୍ତେ ମିଶି ଭବାନୀପାଟଣାକୁ ଏକ ସବୁଜ, ସୁନ୍ଦର, ସ୍ୱଚ୍ଛ, ଆବର୍ଜନାମୁକ୍ତ ଓ ପଲିଥିନମୁକ୍ତ ସହର ରୂପେ ପରିଣତ କରିବା ପାଇଁ ସଂକଳ୍ପ ନେବା ଏବଂ ନାରୀ ସଶକ୍ତିକରଣ ନିମନ୍ତେ ଅଗ୍ରସର ହେବା।

ଶ୍ରୀଯୁକ୍ତ ଚିନ୍ମୟ କୁମାର ନାୟକ — ନିର୍ବାହୀ ଅଧିକାରୀ
ଶ୍ରୀଯୁକ୍ତ ବିଷ୍ଣୁ ପ୍ରଧାନ — ଉପ-ନଗରପାଳ
ଶ୍ରୀମତୀ ସଂଯୁକ୍ତା ବେହେରା — ନଗରପାଳ
ତଥା
ସମସ୍ତ ପାରିଷଦ ବୃନ୍ଦ, ଭବାନୀପାଟଣା ପୌର ପରିଷଦ

ପଶ୍ଚିମ ଓଡିଶାର ଗଣପର୍ବ
ନୂଆଁଖାଇ ଓ ମାଁ
ମାଣିକେଶ୍ୱରୀଙ୍କ ଛତରଯାତ୍ରା
ତଥା ଦଶହରା ଅବସରରେ
ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ



ଅଭିରାମ ପ୍ରସାଦ ପଟ୍ଟନାୟକ (ଅନିଲ୍)
କଳାହାଣ୍ଡି ଜିଲ୍ଲା ପ୍ରତିନିଧି, ଏକମାତ୍ର

### ନାବାଳିକା ମୃତ୍ୟୁ ଘଟଣା

# ଡାକ୍ତର ଓ ୩୧ ଜଣଙ୍କ ନାଁରେ ମାମଲା

**ଅସ୍ତରଙ୍ଗ,(ଶରତ କୁମାର ପରିଡା) :** ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଆଳସାହି ପଞ୍ଚାୟତ ପାଟସୁନ୍ଦରପୁର ଗ୍ରାମର ସୁକାନ୍ତ ସେନାପତିଙ୍କ ୬ବର୍ଷର ନାବାଳିକା ଝିଅ ମୃତ୍ୟୁ ଘଟଣା ଏବେ ଭିନ୍ନ ଧରଣର ମୋଡ ନେଉଥିବା ଜଣାପଡିଛି। ବର୍ଷକ ପରେ ମାମଲା ରୁଜ୍ଜୁ ଯୋଗୁଁ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ନାବାଳିକା ମୃତ୍ୟୁ ଘଟଣା ଘଟିବାର ୧ବର୍ଷ ପରେ ୨ ଡାକ୍ତରଙ୍କ ସମେତ ୩୧ ଜଣଙ୍କ ନାମରେ ମାମଲା ରୁଜ୍ଜୁ ହୋଇଛି। ସେତେବେଳେ ଏ ସଂକ୍ରାନ୍ତରେ ସୁକାନ୍ତଙ୍କ ପରିବାର ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇନଥିଲା। ଏକ ବର୍ଷ ପରେ ଥାନାରେ ଅଭିଯୋଗ କରିବାକୁ ପରିବାର ପକ୍ଷରୁ ଉଦ୍ୟମ କଲା ବେଳେ ପୋଲିସ ଅଭିଯୋଗ ଗ୍ରହଣ କରି ନ ଥିଲେ। କାରଣ ଘଟଣାଟି ବହୁ ବିଳମ୍ବ ହୋଇଯାଇଥିଲା। ତଦନ୍ତରେ ସ୍ୱଚ୍ଛତା ଆସିବାରେ ବାଧା ଉପୁଜିବାର ପୋଲିସ ଆଶଙ୍କା ପ୍ରକଟ କରିଥିଲା।ତା ପରେ ସୁକାନ୍ତ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ ଘଟଣା ପ୍ରତି ଗୁରୁତ୍ୱାରୋପ କରି ଅସ୍ତରଙ୍ଗ ପୋଲିସକୁ ମାମଲା ରୁଜ୍ଜୁ କରିବାକୁ ନିର୍ଦ୍ଦେଶ ଦେବା ସହିତ ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ସରକାରୀ କାମର ସମାଧାନ ହେବ। ପରୀକ୍ଷା ଓ ପଦୋନ୍ନତି ଯୋଗ ଅଛି। ଅଚାନକ ଧନ ପ୍ରାପ୍ତି ଯୋଗ ଅଛି। କାର୍ଯ୍ୟକ୍ଷେତ୍ରରେ ସମ୍ମାନ ଯୋଗ ଅଛି। ଜୀବନସାଥୀଙ୍କ ଉପହାର ଦେଇପାରନ୍ତି। ଗୃହରେ ଶାନ୍ତି ବଜାୟ ରହିବ।

**ବୃଷ** ଧନର ପ୍ରାପ୍ତି ସୁନ୍ଦର ଯୋଗ ଅଛି। ଗାଡି ଚାଳନାରେ ସଂଯତ ରହନ୍ତୁ। କାର୍ଯ୍ୟକ୍ଷେତ୍ରରେ ବାଦବିବାଦ ହୋଇପାରେ। ପ୍ରେମୀ ଓ ଜୀବନସାଥୀଙ୍କର ଅଟକିଥିବା କାମ ପୂରା ହେବ। ବିଦେଶ ଭ୍ରମଣର ଯୋଗ ରହିଛି।

**ମିଥୁନ** ସଫଳତାର ସହ ପୁରୁଣା କାମ ହେବ। ଧନପ୍ରାପ୍ତି ଯୋଗ ଅଛି। ଖର୍ଚ୍ଚର ଅନେକ ସୁଯୋଗ ଆସିବ। କାର୍ଯ୍ୟକ୍ଷେତ୍ରରେ ନୂଆ କାମ ପାଇବେ। ଜୀବନସାଥୀଙ୍କ ସହ ସୁନ୍ଦର ସମ୍ପର୍କ ରହିବ। ପରିବାରରେ ଖୁସି ଆସିବ।

**କର୍କଟ** ବାଣୀରେ ଲଗାମ ଦିଅନ୍ତୁ। ମାଆଙ୍କ ସହ ବିବାଦ ରହିପାରେ। ରକ୍ତଚାପ ବଢ଼ିପାରେ। ଧନହାନୀ ଯୋଗ ଅଛି। କାର୍ଯ୍ୟକ୍ଷେତ୍ରରେ ସ୍ତ୍ରୀ ଲୋକଙ୍କ ସହ ବିବାଦ ହୋଇପାରେ। ନୂତନ ଗୃହ କିଣି ପାରନ୍ତି।

**ସିଂହ** ରୋକିଥିବା କାମ ପୁରା ହେବ। ଆର୍ଥିକ ସ୍ଥିତି ଉତ୍ତମ ରହିବ ଓ ଉପହାର ପାଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି। ଶ୍ୱଶୁର ଘରକୁ ଭ୍ରମଣରେ ଯାଇପାରନ୍ତି। ନୂତନ ବସ୍ତ୍ର କ୍ରୟ କରିପାରନ୍ତି।

**କନ୍ୟା** ଧନ ସମ୍ବନ୍ଧୀୟ ସୂଚନା ପାଇପାରନ୍ତି। ଆୟ ଓ ବ୍ୟୟ ହେବ। କ୍ୟାରିୟରରେ ପରିଶ୍ରମ କରିପାରନ୍ତି। ପାର୍ଟନରଙ୍କ ଧନହାନୀ ଯୋଗ ଅଛି। ବିଦେଶ ଭ୍ରମଣ କରିପାରନ୍ତି। ଗୃହରେ କିଛି ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**ତୁଳା** ଗୃହ ମରାମତି ଯୋଗ ଅଛି। ବିଦେଶରୁ ଶୁଭ ସୂଚନା ପାଇବେ। ଧନ ସମ୍ବନ୍ଧୀୟ ଶୁଭ ସୂଚନା ପାଇବେ। ସ୍ଥାନ ପରିବର୍ତ୍ତନ ଯୋଗ ଅଛି। ପ୍ରେମୀ ମାନେ ସୁନ୍ଦର ସମୟ କଟାଇବେ ଓ ଉପହାର ଦେଇ ପାରନ୍ତି।

**ବିଛା** ବଡ କାମ ଓ ବଡ ଧନପ୍ରାପ୍ତି କରିପାରନ୍ତି। ଭୂମିରେ ଧନ ବିନିଯୋଗ କରିବେ। କାର୍ଯ୍ୟକ୍ଷେତ୍ରରେ ସମ୍ମାନିତ ହେବେ। ଜୀବନସାଥୀଙ୍କ ଠାରୁ ଭଲ ଖବର ପାଇବେ। ବିଦେଶ ଭ୍ରମଣ କରିପାରନ୍ତି।

**ଧନୁ** ହଠାତ୍ ସବୁକାମ କରିବାକୁ ପଡିପାରେ। ଆଶ୍ଚର୍ଯ୍ୟ ଲାଗିବ। ପଦୋନ୍ନତି ହୋଇପାରେ। ସବୁକାମରୁ ଭଲ ଖବର ପାଇପାରନ୍ତି। ଜୀବନସାଥୀଙ୍କ ପୁରୁଣା ଦାବି କରିବେ।

**ମକର** ସପ୍ତାହ ସଂଘର୍ଷମୟ ରହିବ। ଘର ତିଆରି କାମ କରନ୍ତୁ ନାହିଁ। ଆୟ ତୁଳନାରେ ବ୍ୟୟ ବଢ଼ିବ। କାର୍ଯ୍ୟ କ୍ଷେତ୍ରରେ ଅସହଯୋଗ ପାଇବେ। ଦମ୍ପତ୍ତିଙ୍କର ମତାନ୍ତର ହୋଇପାରେ। ପ୍ରେମୀ ଯୁଗଳଙ୍କ ପାଇଁ ଭଲ ସମୟ।

**କୁମ୍ଭ** ଭୂମି ବାହାନ ଆଦି କିଣିପାରନ୍ତି। ଧନ ସ୍ଥିତି ମଧ୍ୟମ ରହିବ। କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇଷବ। ଘରେ କୌଣସି ମାଙ୍ଗଳିକ କାର୍ଯ୍ୟ କରିପାରନ୍ତି। ବିଦେଶ ଭ୍ରମଣର ଯୋଗ ରହିଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପରିବାରେ ଶାନ୍ତି ବଜାୟ ରହିବ।

**ମୀନ** କୌଣସି ମହିଳାଙ୍କ ସହ ବିବାଦ ହୋଇପାରେ। ସପ୍ତାହଟି ବ୍ୟସ୍ତତାରେ କଟିବ। ମାଆ ଓ ପାର୍ଟନରଙ୍କ ମଧ୍ୟରେ ବଡ ବିବାଦ ହୋଇପାରେ। ଜୀବନସାଥୀଙ୍କ ସହ ନଦୀ ବା ସମୁଦ୍ର ପାଖକୁ ଯାଇ ପାରନ୍ତି। ବିଦେଶ ଭ୍ରମଣର ଯୋଗ ଅଛି।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ପରିବର୍ତ୍ତିତ ଜଳବାୟୁ ଅନୁକୂଳ ଚାଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ : ରାଷ୍ଟ୍ରପତି

**ପାଟନା:** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି କହିଛନ୍ତି ଯେ ବିଶ୍ୱ ତାପମାତ୍ରା ଏବଂ ଜଳବାୟୁ ପରିବର୍ତ୍ତନ ଏକ ବିଶ୍ୱ ସମସ୍ୟା ଏବଂ ଏହା ସମଗ୍ର ମାନବିକତାର ଅସ୍ତିତ୍ୱ ପ୍ରତି ବିପଦ ସୃଷ୍ଟି କରୁଛି। ବିହାରର ରାଜଧାନୀ ପାଟଣାରେ ୨୦୨୩-୨୮ ବର୍ଷ ପାଇଁ ରାଜ୍ୟର ଚତୁର୍ଥ କୃଷି ରୋଡମ୍ୟାପ ଉଦ୍‌ଘାଟନ କରି ରାଷ୍ଟ୍ରପତି ଏକ କାର୍ଯ୍ୟକ୍ରମରେ ସମ୍ବୋଧିତ କରିଥିଲେ। ରାଷ୍ଟ୍ରପତି କହିଛନ୍ତି ଯେ ଉଭୟ ବିଶ୍ୱବ୍ୟାପୀ ସମସ୍ୟା ଗରିବ ଏବଂ ବଞ୍ଚିତ ଲୋକଙ୍କ ଉପରେ ସର୍ବାଧିକ ପ୍ରଭାବ ପକାଇଥାଏ। ରାଷ୍ଟ୍ରପତି କହିଛନ୍ତି ଯେ ଜଳବାୟୁ ପରିବର୍ତ୍ତନର ଆହ୍ୱାନର ମୁକାବିଲା କରିବାରେ ପରିବର୍ତ୍ତିତ ଜଳବାୟୁ ଅନୁକୂଳ ଚାଷ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ। ବିହାରର କୃଷି ରୋଡମ୍ୟାପକୁ ପ୍ରଶଂସା କରି ରାଷ୍ଟ୍ରପତି କହିଛନ୍ତି ଯେ ଚାଷୀଙ୍କ ଆୟ ବୃଦ୍ଧି ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଛି। ବିହାରର ସର୍ବଦଳୀୟ ବିକାଶ ପାଇଁ ସେ ଶୁଭେଚ୍ଛା ଜଣାଇଛନ୍ତି। ବିକାଶର ପ୍ରତ୍ୟେକ ମାନକରେ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରି ବିହାର କ୍ରମାଗତ ଭାବରେ ପ୍ରଗତି ପଥରେ ଆଗକୁ ବଢିଲେ ସେ ଅତ୍ୟନ୍ତ ଖୁସି ହେବେ ବୋଲି କହିଛନ୍ତି। ବିହାରର କୃଷକମାନେ କୃଷି କ୍ଷେତ୍ରରେ ନୂତନ ପରୀକ୍ଷଣ ପ୍ରୟୋଗ କରୁଥିବାରୁ ସେ ସେମାନଙ୍କ ପ୍ରଶଂସା କରିଥିଲେ। ଆଧୁନିକ କୃଷି ପ୍ରଣାଳୀ ଗ୍ରହଣ କରୁଥିବା ବେଳେ ପାରମ୍ପାରିକ ଚାଷ ପ୍ରଣାଳୀ ଏବଂ ଶସ୍ୟ କିସମର ସଂରକ୍ଷଣ ପାଇଁ ସେ ରାଜ୍ୟର କୃଷକମାନଙ୍କୁ ପ୍ରଶଂସା କରିଥିଲେ।



ରାଷ୍ଟ୍ରପତି କହିଛନ୍ତି ଯେ ବିହାର ଲୋକ ସଂସ୍କୃତିର କୃଷି ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ବଟୋହିୟା ଏବଂ ବିଦେସିଆ ଠାରୁ କଟନି ଏବଂ ରୋପନୀ ଗୀତରେ ଚାଷର ବିଷୟବସ୍ତୁ ରହିଛି। ସେ କହିଛନ୍ତି ଯେ ଏସବୁ ମାଧ୍ୟମରେ ରାଜ୍ୟର ଲୋକ ସଂସ୍କୃତି ଏବଂ ସାହିତ୍ୟ ସମଗ୍ର ବିଶ୍ୱରେ ନିଜର ପରିଚୟ ସୃଷ୍ଟି କରିଛି। ବିହାର ସରକାରଙ୍କ ଦ୍ୱାରା ପ୍ରସ୍ତୁତ ପାଞ୍ଚ ବର୍ଷର ଚତୁର୍ଥ କୃଷି ରୋଡମ୍ୟାପରେ ସରକାର ୧ ଲକ୍ଷ ୬୪ ହଜାର କୋଟି ଟଙ୍କା ଖର୍ଚ୍ଚ କରିବେ। ଏହି ସମାରୋହରେ ବିହାର ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର, ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ପ୍ରସାଦ ଯାଦବ, କୃଷି ମନ୍ତ୍ରୀ କୁମାର ସରବଜିତ ମଧ୍ୟ ସମ୍ବୋଧିତ କରିଛନ୍ତି। ଏହି ଅବସରରେ କୃଷି ବୈଜ୍ଞାନିକ ଏବଂ ବିଶେଷଜ୍ଞଙ୍କ ବ୍ୟତୀତ ଏକ ହଜାର ଆଠ ଶହରୁ ଅଧିକ କୃଷକ ଏବଂ ବିଭିନ୍ନ ଜିଲ୍ଲାର ସାତଶହରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଉପସ୍ଥିତ ଥିଲେ।

## ୨ ମାସରେ ହେବ ୩୫ ଲକ୍ଷ ବାହାଘର

**ନୂଆଦିଲ୍ଲୀ :** ଚଳିତ ବର୍ଷ ଦେଶରେ ହେବାକୁ ଯାଉଛି ପ୍ରାୟ ୩୫ ଲକ୍ଷ ବିବାହ। ଏହି ବିବାହ ଯୋଗୁ ଭାରତର ବାଣିଜ୍ୟ ବ୍ୟବସାୟ ଆଖିଦୃଶିଆ ଭାବେ ବୃଦ୍ଧି ପାଇବ। ଚଳିତ ବର୍ଷ ଏନେଇ ୪ ଦଶମିକ ୨୫ ଲକ୍ଷ କୋଟି ଟଙ୍କାର ବ୍ୟବସାୟ ହେବ ବୋଲି ସୂଚନା ଦେଇଛନ୍ତି କନଫେଡେରେସନ ଅଫ ଅଲ ଇଣ୍ଡିଆ ଟ୍ରେଡର୍ସ ବା ସିଏଆଇଟି। ସିଆଇଏଟି ମହାସଚିବ ପ୍ରବୀଣ ଖଣ୍ଡେଲୱାଲ କହିଛନ୍ତି- ଆସନ୍ତା ନଭେମ୍ବର ୨୩ରୁ ଡିସେମ୍ବର ୧୫ ଯାଏ ଦେଶରେ ଆଖିଦୃଶିଆ ବିବାହ ଅନୁଷ୍ଠିତ ହେବ। ମାତ୍ର ୨୩ ଦିନ ମଧ୍ୟରେ ଏହି ବିବାହ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଭାରତରେ ୪ ଦଶମିକ ୨୫ ଲକ୍ଷ କୋଟି ଟଙ୍କାର ବ୍ୟବସାୟ ହେବ ବୋଲି ଆକଳନ କରାଯାଇଛି। ଭାରତରେ ପ୍ରତି ବିବାହ ପିଛା ହାରାହାରି ୫ ଲକ୍ଷ ଟଙ୍କା ବ୍ୟୟ ହିସାବରେ ଏହି ଆକଳନ କରାଯାଇଛି। ଗୋଆ, କେରଳ, ଜୟପୁର, ସିମଳାରେ ସବୁଠାରୁ ଅଧିକ ବିବାହ ହେବାକୁ ଯାଉଛି। ସେ କହିଛନ୍ତି ଏହି ବିବାହ ମଧ୍ୟରୁ ପ୍ରାୟ ୬ ଲକ୍ଷ ବିବାହ ୩ ଲକ୍ଷ ଟଙ୍କା ଖର୍ଚ୍ଚ ମଧ୍ୟରେ ହେବା ଆଶା ରହିଛି। ନଭେମ୍ବର ୨୩, ୨୪, ୨୭, ୨୮, ୨୯, ଡିସେମ୍ବର ୩, ୪, ୭, ୮, ୯ରେ ଦେଶରେ ଅଧିକାଂଶ ବିବାହ ସମ୍ପନ୍ନ ହେବ। ଗତବର୍ଷ ଦେଶରେ ୩୨ ଲକ୍ଷ ବିବାହ ହୋଇଥିବାବେଳେ ମୋଟ ଖର୍ଚ୍ଚ ହୋଇଥିଲା ୩ ଲକ୍ଷ ୭୫ ହଜାର କୋଟି ଟଙ୍କା।

## ତାଜମହଲ ପ୍ରତି ବଢୁଛି ବିପଦ !

**ଆଗ୍ରା :** ଆଗ୍ରାରେ ଥିବା ପ୍ରସିଦ୍ଧ ତାଜମହଲ ପ୍ରତି ବିପଦ ବଢ଼ିବାରେ ଲାଗିଛି। ଏହାର ୫୦୦ ମିଟର ପରିଧି ମଧ୍ୟରେ ଥିବା ଅଞ୍ଚଳକୁ ସଂରକ୍ଷିତ ଅଞ୍ଚଳ ଭାବେ ଘୋଷଣା କରାଯାଇଛି ସତ। ହେଲେ ଏହାକୁ କେହି ବି ମାନୁ ନାହାନ୍ତି। ତାଜମହଲର ସଂରକ୍ଷିତ ଅଞ୍ଚଳ ମଧ୍ୟରେ ରେଷ୍ଟୁରାଣ୍ଟ, କାଫେ, ଇମ୍ପୋରିୟମ ଠାରୁ ଆରମ୍ଭ କରି ପ୍ରାୟ ୪୭୦ଟି ବେଆଇନ ପ୍ରତିଷ୍ଠାନ ତିଆରି କରାଯାଇଛି। ଏହା ମଧ୍ୟରୁ ଅନେକ ଦୋକାନ ଦଶନ୍ଧି ଦଶନ୍ଧି ଧରି ଏଠାରେ ରହିଛି। ଏଗୁଡ଼ିକ ତାଜମହଲର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଥିବାରୁ ଏଏସଆଇ ବେଆଇନ ଦଖଲ ବିରୋଧରେ ଏଫଆଇଆର ରୁଜୁ କରିଛି। କିନ୍ତୁ ସ୍ଥାନୀୟ ପ୍ରଶାସନ ବେଆଇନ ଦଖଲକୁ ଉଚ୍ଛେଦ କରିବା ପାଇଁ କୌଣସି ପ୍ରକାରର ପଦକ୍ଷେପ ନେଇ ନାହିଁ। ତାଜମହଲର ସଂରକ୍ଷିତ ଅଞ୍ଚଳ ମଧ୍ୟରେ ବେଆଇନ ଭାବେ ପ୍ରତିଷ୍ଠାନ ଖୋଲିଥିବା ଲୋକଙ୍କ ତାଲିକା ଏଏସ୍ଆଇର ମହାନିର୍ଦ୍ଦେଶକ ଉତ୍ତର ପ୍ରଦେଶ ସରକାର ଓ ଜିଲ୍ଲା ପ୍ରଶାସନ ପାଖକୁ ପଠାଇଥିଲେ। ବେଆଇନ ଭାବେ ଥିବା ନିର୍ମାଣଗୁଡ଼ିକୁ ହଠାଇବା ପାଇଁ ସେ ଗତବର୍ଷ ତାଲିକା ପଠାଇ ଥିଲେ ମଧ୍ୟ କିଛି ବି ଲାଭ ମିଳି ନାହିଁ। ଏଏସ୍ଆଇ ଅଧିକାରୀ ଦାବି କରିଛନ୍ତି ଯେ ବାରମ୍ବାର ଏହି ସମସ୍ୟାକୁ ଜିଲ୍ଲା ପ୍ରଶାସନକୁ ଅବଗତ କରାଯାଇଥିଲେ ହେଁ ଜବରଦଖଲକୁ ଉଚ୍ଛେଦ



କରାଯାଇ ନାହିଁ। ସଂରକ୍ଷିତ ଐତିହର ଚାରି ପାଖରେ ଜବରଦଖଲ ବିରୋଧରେ ଏଫଆଇଆର କରିବାର ଅଧିକାର ଏଏସ୍ଆଇର ରହିଛି। ଏଏସ୍ଆଇ ମହାନିର୍ଦ୍ଦେଶକଙ୍କ ଅଫିସ ପକ୍ଷରୁ ଜବବରଦଖଲ ଉଚ୍ଛେଦ ପାଇଁ ନୋଟିସ ପଠାଯାଇ ପାରିବ। କିନ୍ତୁ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାୟିତ୍ୱ ଆଗ୍ରା ବିକାଶ ପ୍ରାଧିକରଣ(ଏଡିଏ) ଓ ସ୍ଥାନୀୟ ପ୍ରଶାସନର। ସେମାନେ କିନ୍ତୁ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରି ନାହାନ୍ତି। ଏଏସ୍ଆଇର ତଥ୍ୟ ଅନୁସାରେ, ୨୦୧୫ରୁ ୨୦୨୨ ମଧ୍ୟରେ ତାଜମହଲର ୧୦୦ରୁ ୩୦୦ ମିଟର ଅଞ୍ଚଳ ମଧ୍ୟରେ ନୂଆ କରି ୨୪୮ଟି ବେଆଇନ ପ୍ରତିଷ୍ଠାନ ତିଆରି କରାଯାଇଛି। ଏହା ମଧ୍ୟରୁ କିଛି ପ୍ରତିଷ୍ଠାନ ୫୦ ମିଟିର ପରିଧି ଭିତରେ ମଧ୍ୟ ରହିଛି। ଏଥିଯୋଗୁ ତାଜମହଲ ମଧ୍ୟ ଦୂରରୁ ଆଉ ଠିକ ଭାବେ ଦୃଶ୍ୟମାନ ହେଉନାହିଁ। ଦିନକୁ ଦିନ ଏହାକୁ ଘେରାବନ୍ଦୀ କରିବା ଭଳି ସ୍ଥିତି ଦେଖାଯାଉଛି।

## ୨୦୨୭ ସୁଦ୍ଧା ଭାରତ ହେବ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ରାଷ୍ଟ୍ର

**ନୂଆଦିଲ୍ଲୀ:** ଆସନ୍ତା କିଛି ବର୍ଷ ମଧ୍ୟରେ ଭାରତର ଅର୍ଥନୀତି ଖୁବ୍ ଦ୍ରୁତ ଗତିରେ ବୃଦ୍ଧି ପାଇବ। ୨୦୨୭ ସୁଦ୍ଧା ଭାରତ ବିଶ୍ୱର ତୃତୀୟ ବୃହତ ଅର୍ଥନୀତି ବିଶିଷ୍ଟ ରାଷ୍ଟ୍ରରେ ପରିଣତ ହେବ। ତେବେ ୨୦୩୦ ସୁଦ୍ଧା ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ଦ୍ୱିଗୁଣିତ ହୋଇ ୭ ଟ୍ରିଲିୟନ ଡଲାରରେ ପହଞ୍ଚିବ ବୋଲି ଜେପି ମୋର୍ଗାନ୍ ପକ୍ଷରୁ ପୂର୍ବନୁମାନ କରାଯାଇଛି। ଜେପି ମୋର୍ଗାନ ଏସିଆ ପାସିଫିକ୍ ଇକ୍ୱିଟି ରିସର୍ଚ୍ଚର ପରିଚାଳନା ନିର୍ଦ୍ଦେଶକ ଜେମ୍ସ ସୁଲିଭାନ୍ ପୂର୍ବାନୁମାନ କରିଛନ୍ତି ଯେ, ଅର୍ଥ ବିନିଯୋଗ କରିବା ପାଇଁ ଭାରତ ଏକ ଭଲ ସ୍ଥାନ। ଏହାର ଭବିଷ୍ୟତ ଉଜ୍ଜ୍ୱଳ। ସେ ବିଶ୍ୱାସ କରିରନ୍ତି ଯେ ଆସନ୍ତା କିଛି ବର୍ଷ ମଧ୍ୟରେ ଭାରତର ଅର୍ଥନୀତି ଦ୍ରୁତ ଗତିରେ ବୃଦ୍ଧି ପାଇବ। ଏହାର ଷ୍ଟକ୍ ବଜାରର ପ୍ରଦର୍ଶନମଧ୍ୟ ଭଲ ରହିବ। ଆସନ୍ତା କିଛି ବର୍ଷ ମଧ୍ୟରେ ଭାରତର ବିନିର୍ମାଣ କ୍ଷେତ୍ର ଦ୍ରୁତ ଗତିରେ ବୃଦ୍ଧି ପାଇବ। ଭାରତର ଜିଡିପିରେ ଏହି କ୍ଷେତ୍ରର ଅବଦାନ ୧୭ ପ୍ରତିଶତରୁ ୨୫ ପ୍ରତିଶତକୁ ବୃଦ୍ଧି ପାଇପାରେ। ସେହିପରି ଏହି ସମୟରେ ଦେଶର ରପ୍ତାନି ଦୁଇଗୁଣରୁ ୧ ଟ୍ରିଲିୟନ ଡଲାରରୁ ଅଧିକ ହୋଇପାରେ। ସେ କହିଛନ୍ତି ଯେ ଏକ ଦୀର୍ଘ କାଳୀନ ଅବଧିରେ ଭାରତୀୟ ଅର୍ଥନୀତିରେ ପ୍ରମୁଖ ଗଠନମୂଳକ ପରିବର୍ତ୍ତନ ଆଶା କରାଯାଉଛି।ଏହାର ଅର୍ଥ ହେଉଛି ଭାରତୀୟ ଅର୍ଥନୀତିର ରୂପରେଖ ବଦଳିବ, କେତେକ କ୍ଷେତ୍ର ଅନ୍ୟମାନଙ୍କ ତୁଳନାରେ ଦ୍ରୁତ ଗତିରେ ବୃଦ୍ଧି ପାଇବ। ଶ୍ରୀ ସୁଲିଭାନ୍‌ଙ୍କ ମତରେ ଏହି ଗଠନମୂଳକ ପରିବର୍ତ୍ତନ ନିବେଶକମାନଙ୍କୁ କ୍ଷେତ୍ର ଚୟନରେ ସ୍ୱଷ୍ଟ ସୁଯୋଗ ଯୋଗାଇବ, ଯାହା ଭାରତୀୟ ଅର୍ଥନୀତିର ଦୀର୍ଘକାଳୀନ ଅଭିବୃଦ୍ଧିରୁ ଲାଭ ଉଠାଇବାକୁ ଭଲ ସ୍ଥିତିରେ ରହିଛି। ଚାଇନାର ଅର୍ଥ ବ୍ୟବସ୍ଥା ଧୀମା ହେବାରେ ଲାଗିଛି। ଚାଇନା କମ୍ପାନୀଗୁଡିକର ଆୟ ହାରାହାରିଠାରୁ ମଧ୍ୟ କମ୍ ରହିଛି, ଯାହାକି ୨୦୦୫ପରଠାରୁ ସର୍ବନିମ୍ନ ସ୍ତର। ଚାଇନାରେ, ଆମେ ନିର୍ଦ୍ଦିଷ୍ଟ କ୍ଷେତ୍ରଗୁଡିକରେ ପୁଞ୍ଜି ବିନିଯୋଗ ଉପରେ ଧ୍ୟାନ ଦେଉଛୁ ଯାହା ସରକାରୀ ନୀତି ସହିତ ସମାନ ଏବଂ ଯାହାର ମୂଲ୍ୟ କମ୍। ତେବେ ଆମେ ଅନ୍ୟ ବଜାରରେ ବ୍ୟବହାର କରୁଥିବା ପୋର୍ଟଫୋଲିଓ ଆବଣ୍ଟନ କୌଶଳଠାରୁ ଏହା ଭିନ୍ନ। ରିପୋର୍ଟ ଅନୁଯାୟୀ, ନୂତନ ପ୍ରୋତ୍ସାହନ ପ୍ୟାକେଜ୍ ପାଣ୍ଠି ଯୋଗାଇବା ପାଇଁ ଚୀନ୍ ୨୦୨୩ରେ ବଜେଟ୍ ନିଅଣ୍ଟ ବୃଦ୍ଧି କରିବାକୁ ଚିନ୍ତା କରୁଛି। ସେୟାର ବଜାରରେ ନିବେଶକଙ୍କ ଆତ୍ମବିଶ୍ୱାସ ବଢ଼ାଇବା ପାଇଁ ଡ୍ରାଗନ୍ ଏକ ଷ୍ଟକ୍ ସ୍ଥିରତା ପାଣ୍ଠି ଗଠନ କରିବାକୁ ମଧ୍ୟ ଯୋଜନା କରିଥିବା ଶ୍ରୀ ସୁଲିଭାନ୍ କହିଛନ୍ତି।

## ପୁରୁଷ ଗର୍ଭନିରୋଧକର ସଫଳ ପରୀକ୍ଷା କଲା ଆଇସିଏମ୍ଆର୍


**ନୂଆଦିଲ୍ଲୀ:** ଭାରତୀୟ ମେଡିକାଲ ରିସର୍ଚ୍ଚ କାଉନସିଲ (ଆଇସିଏମ୍ଆର) ପ୍ରଥମ ଥର ପାଇଁ ଏକ ପୁରୁଷ ଗର୍ଭନିରୋଧକର ସଫଳ ପରୀକ୍ଷା କରିଛି। ଏହି ଗର୍ଭନିରୋଧକ ପୁରୁଷଙ୍କଠାରେ ଦୀର୍ଘକାଳୀନ ପ୍ରଭାବ ରଖୁଛି। ଆଇସିଏମ୍ଆର୍ ୭ ବର୍ଷ ଧରି ଗବେଷଣା କରିବା ପରେ ଏହି ସଫଳତା ପାଇଛି। ଆଇସିଏମ୍ଆର୍ ୩୦୩ ଜଣ ସୁସ୍ଥ ପୁରୁଷ ସ୍ୱେଚ୍ଛାସେବୀଙ୍କଠାରେ ଏହି ପରୀକ୍ଷା କରିଥିଲା। ସମସ୍ତ ପ୍ରକ୍ରିୟାରୁ ଜଣାପଡ଼ିଥିଲା ଯେ ଇଂଜେକ୍ସନ ଆକାରରେ ଦିଆଯାଉଥିବା ଏହି ଅଣ-ହର୍ମୋନଯୁକ୍ତ କଣ୍ଟ୍ରାସେପ୍ଟିଭ୍ ଆରଆଇଏସ୍ୟୁଜି (ରିଭର୍ସିବ୍ଲ ଇନହିବିସନ ଅଫ୍ ସ୍ପର୍ମ ଅଣ୍ଡର ଗାଇଡାନ୍ସ) ନିରାପଦ, ଫଳପ୍ରଦ ଓ ଏହାର କୌଣସି ପାର୍ଶ୍ୱପ୍ରତିକ୍ରିୟା ନାହିଁ। ଅନ୍ତର୍ଜାତୀୟ ଜର୍ଣ୍ଣାଲ ଆଣ୍ଡ୍ରୋଲୋଜିରେ ଗବେଷଣାର ଫଳାଫଳ ପ୍ରକାଶ ପାଇଛି। ୨୫ରୁ ୪୦ ବର୍ଷ ବୟସବର୍ଗର ୩୦୩ ଜଣ ଯୌନ ସକ୍ରିୟ ବିବାହିତ ପୁରୁଷଙ୍କୁ ପରିବାର



ନିୟୋଜନ କ୍ଲିନିକ୍ ଗୁଡ଼ିକରେ ୬୦ ମିଲିଗ୍ରାମ୍ ଆରଆଇଏସ୍ୟୁଜି ଇଂଜେକ୍ସନ ଦିଆଯାଇଥିଲା। ପରୀକ୍ଷା ସମୟରେ ସେମାନଙ୍କ ସ୍ତ୍ରୀମାନେ ମଧ୍ୟ ସୁସ୍ଥ ଥିବା ଦେଖାଯାଇଥିଲା। ତୃତୀୟ ପର୍ଯ୍ୟାୟ ପରୀକ୍ଷା ଶେଷ ହେବା ପାଇଁ ୪ ବର୍ଷ ସମୟ ଲାଗିଥିଲା ଏବଂ ଏହି କଣ୍ଟ୍ରାସେପ୍ଟିଭ୍ ୯୯.୦୨ ପ୍ରତିଶତ ଫଳପ୍ରଦ ଥିବା ଜଣାପଡ଼ିଥିଲା। ଆଇଆଇଟି ଖଡ଼ଗପୁରର ଡ ସୁଜୟ କୁମାର ଗୁହ ଏହି କଣ୍ଟ୍ରାସେପ୍ଟିଭ୍‌ର ବିକାଶ କରିଛନ୍ତି।

## ୨୦୩୫ ସୁଦ୍ଧା ପ୍ରତିଷ୍ଠା ହେବ ଭାରତୀୟ ସ୍ପେଶ୍ ଷ୍ଟେସନ୍

**ନୂଆଦିଲ୍ଲୀ,(ପିଆଇବି):** ଚନ୍ଦ୍ରଯାନ-୩ର ସଫଳତା ପରେ ଭାରତୀୟ ବୈଜ୍ଞାନିକମାନଙ୍କ ମଧ୍ୟରେ ମହାକାଶ ପ୍ରତି ଉତ୍ସାହ ଅଧିକ ରହିଛି। ଚନ୍ଦ୍ରଯାନ-୩ ମିଶନ ପରେ ଆଦିତ୍ୟ ଏଲ୍-୧ର ସଫଳତା ସମଗ୍ର ବିଶ୍ୱକୁ ଚକିତ କରିଛି। ମହାକାଶରେ ଏକ ଦୃଢ ଉପସ୍ଥିତି ବଜାୟ ରଖିବା ପାଇଁ ଭାରତ ଏହିପରି ମିଶନ ଜାରି ରଖିବ। ଏହି କ୍ରମରେ ଏବେ ଗଗନଯାନ ମିଶନରେ ଜୁଟିଯାଇଛନ୍ତି ଇସ୍ରୋ ବୈଜ୍ଞାନିକ। ଏହି ପ୍ରସ୍ତୁତିର ସମୀକ୍ଷା କରିବାକୁ ଯାଇଥିବାବେଳେ ଉଚ୍ଚ ସ୍ତରୀୟ ବୈଠକ ଡକାଇଥିଲେ ପ୍ରଧାନମନ୍ତ୍ରୀ ମୋଦୀ। ଗଗନଯାନ ପଠାଇବା କାମ କେତେ ଦୂର ଯାଇଛି ଓ ଏହା ସହ ଜଡ଼ିତ ଅନ୍ୟାନ୍ୟ ବିଷୟବସ୍ତୁ ଗୁଡ଼ିକ ଉପରେ ସେ ସମୀକ୍ଷା କରିଥିଲେ।ବୈଠକରେ ଇସ୍ରୋ ବୈଜ୍ଞାନିକ ତଥା ଅଧିକାରୀଙ୍କ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିବା କ୍ରମରେ




କହିଛନ୍ତି ଯେ, 'ଭାରତ ୨୦୩୫ ସୁଦ୍ଧା ସ୍ପେଶ୍ ଷ୍ଟେସନ୍ ଓ ୨୦୪୦ ସୁଦ୍ଧା ଚନ୍ଦ୍ରମାକୁ ମାନବ ପଠାଇବ। ଏହା ବ୍ୟତୀତ ଶୁକ୍ର ଓ ମଙ୍ଗଳ ଗ୍ରହ ମିଶନ ମଧ୍ୟ ଆରମ୍ଭ କରିବ ଇସ୍ରୋ। ତେଣୁ ଏବେଠାରୁ ତତ୍ପର ହୋଇଛନ୍ତି ଇସ୍ରୋ ବୈଜ୍ଞାନିକ। ମହାକାଶ ବିଭାଗ ଗଗନଯାନ ଅଭିଯାନ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛି। ଯେଉଁଥିରେ ଏପର୍ଯ୍ୟନ୍ତ ବିକଶିତ ହୋଇଥିବା ବିଭିନ୍ନ ଜ୍ଞାନକୌଶଳ ଯଥା ମାନବ-ରେଟେଡ୍ ଲଞ୍ଚ ଯାନ ଏବଂ ସିଷ୍ଟମ୍ କ୍ଷମତା ଅନ୍ତର୍ଭୁକ୍ତ। ଏବେ ମହାକାଶରେ ଥିବା ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ଉଭୟ ଆମେରିକା ଓ ରୁଷ ମିଳିତଭାବେ ପ୍ରତିଷ୍ଠା କରିଛନ୍ତି। ଏଥିରେ ୟୁରୋପୀୟ ମହାକାଶ ଏଜେନ୍ସି, ଜାପାନ ଓ କାନାଡାର ମହାକାଶ ଏଜେନ୍ସି ବି ସଂପୃକ୍ତ ଅଛନ୍ତି। ସେହିପରି ଚୀନ ମଧ୍ୟ ନିଜସ୍ୱ ମହାକାଶ କେନ୍ଦ୍ର ସ୍ଥାପନ କରିସାରିଛି। ସେପଟେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ଏହି ଟାର୍ଗେଟକୁ ପୂରଣ କରିବା ପାଇଁ ପ୍ରଧାନମନ୍ତ୍ରୀ ସ୍ପେଶ ବିଭାଗକୁ ବିସ୍ତୃତ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବାକୁ କହିଛନ୍ତି। ଏହି ରୋଡମ୍ୟାପ୍ରେ ଚନ୍ଦ୍ରଯାନ ମିଶନର ବିଭିନ୍ନ ସିରିଜ ମଧ୍ୟ ରହିଛି। ପରବର୍ତ୍ତୀ ପିଢ଼ି ଲଞ୍ଚ ଭେଇକିଲ ବା ଏନଜିଏଲଭିକୁ ତିଆରି କରିବା, ଲଞ୍ଚ ପ୍ୟାଡ ଗଠନ କରିବା, ମଣିଷକୁ ସୁହାଉଥିବା ଲ୍ୟାବ ଓ ଏହା ସହ ଜଡ଼ିତ ବିଭିନ୍ନ ଟେକ୍ନୋଲୋଜିକୁ ବିକଶିତ କରିବାକୁ ମଧ୍ୟ କୁହାଯାଇଛି।

### ସମଲିଙ୍ଗୀ ବିବାହକୁ ନେଇ ସୁପ୍ରିମ୍‌କୋର୍ଟଙ୍କ ଐତିହାସିକ ରାୟ

# 'କୋର୍ଟ କରିପାରିବେନି ଆଇନ, ଏହା ସଂସଦର ଅଧିକାର'

**ନୂଆଦିଲ୍ଲୀ :** ସମଲିଙ୍ଗୀ ବିବାହର ବୈଧୀକରଣକୁ ନେଇ ସୁପ୍ରିମ୍‌କୋର୍ଟ ସଂରକ୍ଷିତ ରଖିଥିବା ରାୟ ପ୍ରକାଶ ପାଇଛି। ସର୍ବୋଚ୍ଚ ଅଦାଲତ ସମଲିଙ୍ଗୀ ବିବାହକୁ ଆଇନଗତ ମାନ୍ୟତା ଦେଇ ପାରିବେ ନାହିଁ ବୋଲି କହିଛନ୍ତି। କୋର୍ଟ ଆଇନ୍ ତିଆରି କରିପାରିବନି, କେବଳ ଆଇନ୍‌କୁ ବ୍ୟାଖ୍ୟା କରିପାରିବେ। ନୂତନ ଆଇନ ପ୍ରଣୟନ କରିବା ସଂସଦ ବା ବ୍ୟବସ୍ଥାପନା ସଭାର ଅଧିକାର। ତେଣୁ ଏ ସଂକ୍ରାନ୍ତୀୟ ଆଇନ ପ୍ରଣୟନ ସଂସଦର ଅଧିକାର କ୍ଷେତ୍ର ବୋଲି ପ୍ରଧାନବିଚାରପତି ଜଷ୍ଟିସ୍ ଡି ୱାଇ ଚନ୍ଦ୍ରଚୂଡ଼ କହିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରମାନେ ସମଲିଙ୍ଗୀଙ୍କ ଲାଗି ଉଚିତ ପଦକ୍ଷେପ ଗ୍ରହଣ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଅନେକ ଦେଶରେ ସମଲିଙ୍ଗୀ ବିବାହ ସ୍ୱୀକୃତିପ୍ରାପ୍ତ ହୋଇଥିବା ବେଳେ ଅନେକ ଦେଶରେ ଏହାକୁ ଅପରାଧ ବର୍ଗରେ ରଖାଯାଉଛି। ସମଲିଙ୍ଗୀ ସମ୍ପର୍କ ଭାରତରେ ଅପରାଧ ନୁହେଁ। ୨୦୧୮ ମସିହାରେ ସୁପ୍ରିମ୍‌କୋର୍ଟ ସମଲିଙ୍ଗୀ ସଂପର୍କ ଅପରାଧ ନୁହେଁ ବୋଲି ରାୟ ଦେଇଥିଲେ। ପ୍ରଧାନବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱରେ ଗଠିତ ୫ ଜଣିଆ ଖଣ୍ଡପୀଠ ମାମଲାର ଶୁଣାଣି କରିଛନ୍ତି। ଜଷ୍ଟିସ୍ ଏସ୍‌କେ କୌଲ, ଏସ୍ଆର୍ ଭଟ୍, ହିମା କୋହଲି ଓ ପିଏସ୍ ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ସମଲିଙ୍ଗୀ ବିବାହର ବୈଧୀକରଣ ମାମଲାର ୧୦ ଦିନ ଧରି ଶୁଣାଣି କରିବା ପରେ ଏହାର ରାୟ ସଂରକ୍ଷିତ ରଖିଥିଲେ। ଆବେଦନକାରୀମାନଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭି, ରାଜୁ ରାମଚନ୍ଦ୍ରନ, କେଭି ବିଶ୍ୱନାଥନ, ଆନନ୍ଦ ଗ୍ରୋଭର ଓ ସୌରଭ କିରପାଲ ଯୁକ୍ତି ଉପସ୍ଥାପନ କରିଥିଲେ। ଏହି ସାମ୍ବିଧାନିକ ଖଣ୍ଡପୀଠ ୨୦ଟି ପିଟିସନର ଶୁଣାଣି ପରେ ମେ ମାସରେ ରାୟ



ସଂରକ୍ଷିତ ରଖିଥିଲେ। ସାମ୍ବିଧାନିକ ଖଣ୍ଡପୀଠ ସମଲିଙ୍ଗୀ ବିବାହକୁ ମାନ୍ୟତା ଦେଇ ନଥିଲେ ହେଁ କେନ୍ଦ୍ର ସରକାରଙ୍କୁ ଏଥିଲାଗି ଅନୁମତି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସମାଜରେ ଥିବା ସମଲିଙ୍ଗୀମାନେ ନିଜର ବ୍ୟକ୍ତିଗତ ନିଷ୍ପତ୍ତି ଓ ମାର୍ଗଚୟନ ଲାଗି ଯେଭଳି ଭେଦଭାବର ଶିକାର ନହୁଅନ୍ତି, ସେଥିପ୍ରତି ଯତ୍ନବାନ୍ ହେବାକୁ କହିଛନ୍ତି। ମାମଲାର ରାୟ ପ୍ରକାଶ କରି ପ୍ରଧାନ ବିଚାରପତି ଡି ୱାଇ ଚନ୍ଦ୍ରଚୁଡ଼ କହିଛନ୍ତି ଯେ ଆମେ ସ୍ୱତନ୍ତ୍ର ବିବାହ ଆଇନକୁ ଉଚ୍ଛେଦ କରିପାରିବୁ ନାହିଁ। ଏହା ସଂସଦର ଅଧିକାର। ଅନ୍ୟପକ୍ଷରେ ବିବାହ ନିଷ୍ପତ୍ତି ଜଣଙ୍କର ବ୍ୟକ୍ତିଗତ ବ୍ୟାପାର ଏଥିରେ ହସ୍ତକ୍ଷେପ କରିବା ଦ୍ୱାରା ସମ୍ବିଧାନ ପ୍ରଦତ୍ତ ଧାରା ୨୧ ଅଧିନସ୍ଥ ମୌଳିକ ଅଧିକାରର ଉଲ୍ଲଂଘନ ହେବ। ତେଣୁ ସମଲିଙ୍ଗୀ ବିବାହକୁ ବେଆଇନ ବୋଲି କହିହେବନାହିଁ ବୋଲି ସୁପ୍ରିମ୍‌କୋର୍ଟ ତାଙ୍କ ରାୟରେ ପ୍ରକାଶ କରିଛନ୍ତି। ଭାରତୀୟ ଦଣ୍ଡ ସଂହିତା ଧାରା ୩୭୭କୁ ସୁପ୍ରିମ୍‌କୋର୍ଟ ଖଣ୍ଡନ କରିବାର ପାଞ୍ଚ ବର୍ଷ ପରେ, ସମଲିଙ୍ଗୀ ବିବାହକୁ ଭାରତରେ ଆଇନଗତ ମାନ୍ୟତା ଦିଆଯିବା ଉଚିତ କି ନାହିଁ ତାହା ଉପରେ ସର୍ବୋଚ୍ଚ ନ୍ୟାୟାଳୟ ରାୟ ଦେଇଛନ୍ତି। ଶୁଣାଣିରେ ଅଦାଲତ କହିଛନ୍ତି ଯେ ନିଜ ପାଇଁ ଜୀବନସାଥୀ ଚୟନ କରିବାର ଅଧିକାର ସମସ୍ତଙ୍କ ନିକଟରେ ରହିଛି। ଜୀବନସାଥୀ ବାଛିବା ଆମ ଜୀବନର ଏକ ପ୍ରମୁଖ ଅଂଶ। ସମଲିଙ୍ଗୀ ବିବାହ ମୌଳିକ ଅଧିକାର ନୁହେଁ। କୋର୍ଟ ଆଇନ୍ ତିଆରି କରିପାରିବନି, କେବଳ ଆଇନ୍‌କୁ ବ୍ୟାଖ୍ୟା କରିପାରିବ। ଅନ୍ୟପକ୍ଷରେ ମାମଲାର ଶୁଣାଣି ସମୟରେ ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଯୁକ୍ତି ରଖି କହିଥିଲେ ଯେ କୋର୍ଟ ଏକ ଅତି ଜଟିଳ ପ୍ରସଙ୍ଗ ଉପରେ ଶୁଣାଣି କରୁଛନ୍ତି ଏବଂ ଏହାର ବ୍ୟାପକ ସମାଜିକ ପ୍ରଭାବ ରହିଛି। ସମଲିଙ୍ଗୀ ବିବାହକୁ ମାନ୍ୟତା ଦେଲେ ତାହା ଅନ୍ୟ କ୍ଷେତ୍ରକୁ ପ୍ରଭାବିତ କରିବ ଯାହା ଉପରେ ସମାଜରେ ତଥା ପାର୍ଲାମେଣ୍ଟରେ ବିତର୍କ ହେବା ଉଚିତ। ସମାଜରେ ଅନେକ ପ୍ରକାର ସମ୍ପର୍କ ଅଛି କିନ୍ତୁ ସବୁ ସମ୍ପର୍କକୁ ମାନ୍ୟତା ଦେବା ସମ୍ଭବ ନୁହେଁ ବୋଲି ମେହଟ୍ଟା କହିଥିଲେ।

### କୃଷିଜାତ ଦ୍ରବ୍ୟର ଉପଯୁକ୍ତ ସଂରକ୍ଷଣକୁ ଗୁରୁତ୍ୱ

# ରାଜ୍ୟରେ ସ୍ଥାପନ ହେବ ୧୦୦୦ରୁ ଉର୍ଦ୍ଧ୍ୱ କୋଲଡ୍ ରୁମ୍

**ଭୁବନେଶ୍ୱର :** ରାଜ୍ୟରେ ପନିପରିବା ଓ ଫଳଚାଷର ପର୍ଯ୍ୟାପ୍ତ ସୁଯୋଗକୁ ସମ୍ପଦରେ ପରିଣତ କରିବାକୁ କୃଷି ବିଭାଗ ଆରମ୍ଭ କରିଛି ପ୍ରକ୍ରିୟା। କୃଷି କ୍ଷେତ୍ରରେ ଫସଲର ବିବିଧିକରଣକୁ ପ୍ରାଧାନ୍ୟ ଦେଉଥିବାବେଳେ ପନିପରିବା ଚାଷ ଦ୍ୱାରା ଚାଷୀମାନଙ୍କର ଆୟବୃଦ୍ଧି ଉପରେ କୃଷି ବିଭାଗ ଗୁରୁତ୍ୱ ଦେଉଛି। ଏହି କ୍ରମରେ ପନିପରିବା ଆଦି କୃଷିଜାତ ଦ୍ରବ୍ୟର ଉପଯୁକ୍ତ ସଂରକ୍ଷଣ ପାଇଁ ରାଜ୍ୟରେ ୧୦ରୁ ୧୫ ଟନ କ୍ଷମତା ବିଶିଷ୍ଟ ଏକ ହଜାରରୁ ଉର୍ଦ୍ଧ୍ୱ କୋଲଡ୍ ରୁମ୍ ସ୍ଥାପନ କରାଯିବ। ଅନୁରୂପ ଭାବରେ ରାଜ୍ୟରେ ଆଳୁ ଚାଷକୁ ବ୍ୟାପକ କରିବା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯିବ। ୨୦୨୩-୨୪ ବର୍ଷ ଖରିଫରେ ରାଜ୍ୟରେ ଖରିଫ୍ ଆଳୁ ଚାଷ କରାଯାଇଥିବାବେଳେ ରବିଋତୁରେ ଆଳୁଚାଷ ପାଇଁ ଓଡ଼ିଶା ରାଜ୍ୟ ବିହନ ନିଗମ ପକ୍ଷରୁ ପ୍ରାମାଣିକ ଆଳୁ ବିହନ ସଂଗ୍ରହ କରାଯାଉଛି। ଅଧିକ ଆଳୁ ଉତ୍ପାଦନ ନିମନ୍ତେ ଚାଷୀମାନଙ୍କୁ ଉନ୍ନତ ମାନର ଆଳୁ ବିହନ ଯୋଗାଇଦେବା ଉପରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଗୁରୁତ୍ୱ ପ୍ରଦାନ କରୁଛି। କୃଷି ଭବନଠାରେ ବୁଧବାର ଉଦ୍ୟାନ କୃଷି ଏବଂ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ଅଧିନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ



ଡ. ଅରବିନ୍ଦ ପାଢ଼ୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ବିଷୟରେ ଆଲୋଚନା ହୋଇଛି। ବୈଠକରେ ବିଭିନ୍ନ ଯୋଜନାର ସମୀକ୍ଷା କରି ଡ. ପାଢ଼ୀ ଯୋଜନାଗୁଡ଼ିକରେ ଜିଲ୍ଲା ନିମନ୍ତେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ଦିଗରେ କ୍ଷେତ୍ରସ୍ତରର ଅଧିକାରୀମାନେ ଅଧିକ ତତ୍ପରତାର ସହ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ପିଆଜ, ଶଙ୍କରଜାତୀୟ ପନିପରିବା, ମସଲା, ଅଦା, ହଳଦୀ, ଲଙ୍କା ଚାଷ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଏଥି ସହିତ ଜିଲ୍ଲା ପାଇଁ ଉଦ୍ଦିଷ୍ଟ ଅଏଲ୍ ପାମ୍ କମ୍ପାନୀମାନଙ୍କ ସହିତ ନିୟମିତ ବୈଠକ କରି ଜିଲ୍ଲାରେ ପାମ୍ ତେଲ ଉତ୍ପାଦନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଜିଲ୍ଲା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପୁନଶ୍ଚ ସ୍ୱତନ୍ତ୍ର ଯୋଜନା ଅଧିନରେ କଦଳୀ, ସେଓ, ଆତ, କମଳା, ଲିଚୁ, ସପୁରୀ, ଅମୃତଭଣ୍ଡା, ପିଜୁଳି, ଡାଳିମ୍ବ ଓ ପଣସ ଆଦି ଚାଷ ସମ୍ପର୍କରେ ସବିଶେଷ ଆଲୋଚନା ହୋଇଛି। ଏଥି ସହିତ ବୈଠକରେ ଫାର୍ମ ପଣ୍ଡ ପ୍ଲସ୍ ଯୋଜନାରେ ସମନ୍ୱିତ କୃଷି, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି ଯୋଜନାରେ ବିଭିନ୍ନ ଚାରା ରୋପଣ କାର୍ଯ୍ୟକ୍ରମ ଆଦି କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରାଯାଇଛି। ବୈଠକରେ ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା, ବିଭାଗୀୟ ବରିଷ୍ଠ ଅଧିକାରୀ, ବିଭିନ୍ନ ଯୋଜନାର ଭାରପ୍ରାପ୍ତ ଅଧିକାରୀଙ୍କ ସମେତ ସମସ୍ତ ଜିଲ୍ଲାର ଉପନିର୍ଦ୍ଦେଶକ, ଉଦ୍ୟାନ କୃଷି ଏବଂ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନର ଅଧିକାରୀ ଓ ପ୍ରକଳ୍ପ ନିର୍ଦ୍ଦେଶକମାନେ ଯୋଗଦେଇଥିଲେ।

## ବାରକୋଟରେ ଖୋଲିବ ଜେଏମ୍ଏଫ୍ସି କୋର୍ଟ

**ଭୁବନେଶ୍ୱର :** ଦେବଗଡ଼ ଜିଲ୍ଲା ବାରକୋଟରେ ପ୍ରତିଷ୍ଠା ହେବ ଜେଏମଏଫସି କୋର୍ଟ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଦେବଗଡ ଜିଲ୍ଲା ବାରକୋଟଠାରେ ଗୋଟିଏ ଅତିରିକ୍ତ ସିଭିଲ୍ ଜଜ୍ (କନିଷ୍ଠ ଡିଭିଜନ୍) ତଥା ଜେଏମଏଫସି କୋର୍ଟ ପ୍ରତିଷ୍ଠାକୁ ଅନୁମୋଦନ ଦେଇଛନ୍ତି। ତ୍ୱରିତ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଜିଲ୍ଲାବାସୀଙ୍କ ପାଇଁ ଏହି କୋର୍ଟ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି। ଏହି ନୂତନ କୋର୍ଟ ପାଇଁ ଆଇନ ବିଭାଗ ପକ୍ଷରୁ ଆବଶ୍ୟକୀୟ ୧୨ଟି ଗେଜେଟେଡ୍ ଓ ଅଣଗେଜେଟେଡ୍ ପଦବୀ ସୃଷ୍ଟି କରାଯାଇଛି। ବିଭିନ୍ନ କାରଣରୁ ପଡିରହିଥିବା ମାମଲାଗୁଡିକ ତୁରନ୍ତ ଫଇସଲା ନିମନ୍ତେ ଏହି ନୂତନ କୋର୍ଟ ସହାୟକ ହେବ।

## ଭିକାରୀ ମୁକ୍ତ ହେବ ରାଜଧାନୀ

**ଭୁବନେଶ୍ୱର :** ଭିକାରୀ ମୁକ୍ତ ହେବ ରାଜଧାନୀ ଭୁବନେଶ୍ୱର। ରାସ୍ତା କଡ଼ କିମ୍ବା ମନ୍ଦିର ସାମ୍ନାରେ ଆଉ ଭିକ ମାଗିପାରିବେନି ଭିକାରୀ। ରାସ୍ତାରେ ଭିକ ମାଗୁଥିବା ଦେଖିଲେ ଉଠାଇନେବ ବିଏମସି ସ୍କ୍ୱାର୍ଡ। କମିଶନରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ବିଏମସି ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଭିକାରୀମାନଙ୍କୁ ଥଇଥାନ କେନ୍ଦ୍ରରେ ରଖିବା ସହ ରାସ୍ତା କିମ୍ବା ମନ୍ଦିର ଆଖପାଖରେ ଦେଖିଲେ ବିଏମସି ଉଠାଇନେବାକୁ ନିଷ୍ପତ୍ତ ହୋଇଛି। ରାଜଧାନୀର ୩ ଜୋନରେ ତିନୋଟି ସ୍ୱତନ୍ତ୍ର ସ୍କ୍ୱାର୍ଡ ବୁଲିବା ସହ ଭିକାରୀଙ୍କ ଉପରେ ନଜର ରଖିବ। ବିଏମସି ଅଧୀନରେ ଥିବା ୫ଟି ଭିକାରୀ ଥଇଥାନ କେନ୍ଦ୍ରରେ ଏମାନଙ୍କୁ ରଖାଯିବ। ପୂଜା ପୂର୍ବରୁ ଦର୍ଶନାର୍ଥୀ ଯେପରି ଅସୁବିଧାର ସାମ୍ନା ନ କରନ୍ତୁ ସେଥିପାଇଁ ଏହି ନିଷ୍ପତ୍ତି ନେଇଛି ବିଏମସି। ରଙ୍ଗ ବଜାର, ଅନ୍ଧାରୁଆ, ନିଳାଦ୍ରୀବିହାର, ପିଡବ୍ଲୁଡି କଲୋନୀ ଭଳି ଅଞ୍ଚଳରେ ଭିକାରି ଥଇଥାନ କେନ୍ଦ୍ର ରହିଛି। ପ୍ରତ୍ୟେକ କେନ୍ଦ୍ରରେ ଶହେ ଲେଖାଏଁ ଭିକାରୀ ରହିବା ବ୍ୟବସ୍ଥା ରହିଛି। କିଛି ଭିକାରୀଙ୍କ ପରିବାର ସହ ଯୋଗାଯୋଗ କରାଇ ସେମାନଙ୍କୁ ଘରେ ଛାଡି ଦିଆଯାଇଛି। ଯଦି କୌଣସି ପରିବାର ଘରେ ଛାଡି ଦିଆଯାଇଥିବା ଭିକାରୀଙ୍କୁ ପୁଣି ଭିକ୍ଷାବୃତ୍ତି ପାଇଁ ପଠାନ୍ତି, ତେବେ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଏମ୍ସି ପକ୍ଷରୁ କୁହାଯାଇଛି।



## ‘ପରିବର୍ତ୍ତିତ ଜୀବନଶୈଳୀ ‘ଷ୍ଟ୍ରୋକ’ ନିୟନ୍ତ୍ରଣ ଲାଗି ବଡ଼ ଅସ୍ତ୍ର’




**ଭୁବନେଶ୍ୱର :** ଆଇଏଫଆଇ ଫାଉଣ୍ଡେସନ ପକ୍ଷରୁ ତଥା ଓଡ଼ିଶାଲାଇଭ୍ ଓ ସ୍ୱାସ୍ଥ୍ୟପ୍ଲସର ମିଳିତ ଆନୁକୂଲ୍ୟରେ ବୁଧବାର ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ ମିଡିଆ ସଚେତନତା କର୍ମଶାଳା ଏକ ବର୍ଣ୍ଣାଢ୍ୟ ପରିବେଶରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧୀ, ଛାତ୍ର ଛାତ୍ରୀଙ୍କ ସମେତ ବହୁ ବରେଣ୍ୟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ। ବିଭିନ୍ନ ଅଣସଂକ୍ରାମକ ରୋଗ ମଧ୍ୟରେ ଷ୍ଟ୍ରୋକ ବା ମସ୍ତିଷ୍କାଘାତ ଆଜି ମୃତ୍ୟୁ ଓ ଅକ୍ଷମତା ସୃଷ୍ଟିର ଏକ ପ୍ରମୁଖ କାରଣ ହୋଇଛି। ଏହା ସାରା ପୃଥିବୀ ପାଇଁ ବିରାଟ ଜନସ୍ୱାସ୍ଥ୍ୟ ଆହ୍ୱାନ ଭାବେ ଦେଖାଦେଇଛି। ତେଣୁ ଏ ସଂପର୍କରେ ବ୍ୟାପକ ସଚେତନତା କରାଯାଇପାରିଲେ ଆମେ ଆଗାମୀ ଦିନରେ ଷ୍ଟ୍ରୋକକୁ ନିୟନ୍ତ୍ରଣ କରିପାରିବା ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଇଛନ୍ତି। ବିଶ୍ୱରେ ପ୍ରତି ୬ ସେକେଣ୍ଡରେ ଜଣେ ବ୍ୟକ୍ତି ଷ୍ଟ୍ରୋକରେ ମୃତ୍ୟୁବରଣ କରୁଛନ୍ତି। ଅଧିକାଂଶ କ୍ଷେତ୍ରରେ ରୋଗୀମାନଙ୍କୁ ବହୁ ବିଳମ୍ବରେ ଡାକ୍ତରଖାନାକୁ ନିଆଯାଉଥିବାରୁ ସେମାନଙ୍କ ଚିକିତ୍ସା ବିଶେଷ ପ୍ରଭାବଶାଳୀ ହୋଇପାରୁ ନାହିଁ। ତେଣୁ କୌଣସି ବ୍ୟକ୍ତିଙ୍କ ମସ୍ତିଷ୍କାଘାତର ସନ୍ଦେହ ହେଲେ ତାଙ୍କୁ ଚାରିରୁ ସାଢ଼େ ଚାରି ଘଣ୍ଟା ମଧ୍ୟରେ ଷ୍ଟ୍ରୋକ ଚିକିତ୍ସା ଉପଲବ୍ଧ ଥିବା ଡାକ୍ତରଖାନାରେ ପହଞ୍ଚାଇବା ଜରୁରୀ”ବୋଲି କହିଛନ୍ତି ବିଶିଷ୍ଟ ନ୍ୟୁରୋଲୋଜିଷ୍ଟ ଡାକ୍ତର ଶୁଭ୍ରାଂଶୁ ଶେଖର ଜେନା। ଆଇଏଫଆଇ ଫାଉଣ୍ଡେସନ ପକ୍ଷରୁ ତଥା ଓଡ଼ିଶାଲାଇଭ୍ ଓ ସ୍ୱାସ୍ଥ୍ୟପ୍ଲସର ମିଳିତ ଆନୁକୂଲ୍ୟରେ ବୁଧବାର ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରୀୟ ମିଡିଆ ସଚେତନତା କର୍ମଶାଳାରେ ଡାକ୍ତର ଶୁଭ୍ରାଂଶୁ ଏହା କହିଛନ୍ତି। ଅକ୍ଟୋବର ୨୯ ବିଶ୍ୱ ଷ୍ଟ୍ରୋକ ଦିବସ ପାଇଁ ଫାଉଣ୍ଡେସନ ପକ୍ଷରୁ ଚଳିତ ୧୬ରୁ ୩୧ ତାରିଖ ପର୍ଯ୍ୟନ୍ତ ବିଶେଷ ଜନସ୍ୱାସ୍ଥ୍ୟ ସଚେତନତା ଅଭିଯାନ କରାଯାଉଛି। ଏହି ଅବସରରେ ଷ୍ଟ୍ରୋକର କାରଣ, ଲକ୍ଷଣ ଏବଂ ନିରାକରଣ ସଂପର୍କିତ ବିଭିନ୍ନ ସଚେତନତାମୂଳକ ଭିଡିଓ ଓଡ଼ିଶାଲାଇଭ୍ ଏବଂ ସ୍ୱାସ୍ଥ୍ୟପ୍ଲସର ବିଭିନ୍ନ ସୋସିଆଲ ଚ୍ୟାନେଲରେ ପ୍ରସାରଣ କରାଯିବ।

## ରଘୁବର ଦାସ ଓଡ଼ିଶାର ନୂଆ ରାଜ୍ୟପାଳ

**ଭୁବନେଶ୍ୱର :** ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେପିର ରାଷ୍ଟ୍ରୀୟ ଉପସଭାପତି ରଘୁବର ଦାସ ହେବେ ଓଡ଼ିଶାର ନୂଆ ରାଜ୍ୟପାଳ। ପ୍ରଫେସର ଗଣେଶୀ ଲାଲଙ୍କ ଉତ୍ତରାଧିକାରୀ ଭାବରେ ଶ୍ରୀ ଦାସଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିଯୁକ୍ତି ଦେଇଛନ୍ତି। ରାଷ୍ଟ୍ରପତି ଭବନରୁ ଏ ସଂକ୍ରାନ୍ତରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ରଘୁବର ଓଡ଼ିଶାର ୨୬ତମ ରାଜ୍ୟପାଳ ଭାବରେ ଅବସ୍ଥାପିତ ହେବେ। ରଘୁବର ୫ଥର ଝାଡ଼ଖଣ୍ଡ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ସେ ଝାଡ଼ଖଣ୍ଡର ଉପମୁଖ୍ୟମନ୍ତ୍ରୀ ଓ ପରବର୍ତ୍ତୀ ସମୟରେ ଝାଡ଼ଖଣ୍ଡର ଷଷ୍ଠ ମୁଖ୍ୟମନ୍ତ୍ରୀ ଭାବରେ ଅବସ୍ଥାପିତ ହୋଇଥିଲେ। ସେ ଝାଡ଼ଖଣ୍ଡ ରାଜ୍ୟ ବିଜେପିର ସଭାପତି ଭାବରେ ଦୁଇଥର ମଧ୍ୟ କାର୍ଯ୍ୟ କରିଛନ୍ତି। ୧୯୫୫ ମେ ୩ ତାରିଖରେ ଜନ୍ମ ଗ୍ରହଣ କରିଥିବା ରଘୁବର ଭାଲୁବସା ହରିଜନ ହାଇସ୍କୁଲର ମ୍ୟାଟ୍ରିକ ଓ ଜାମସେଦପୁର କୋ-ଅପରେଟିଭ୍ କଲେଜରୁ



ସ୍ନାତକ ଶିକ୍ଷା ଶେଷ କରିଥିଲେ। ପରବର୍ତ୍ତୀ ସମୟରେ ସେ ଆଇନରେ ସ୍ନାତକ ଡ଼ିଗ୍ରୀ ହାସଲ କରି ଟାଟା କମ୍ପାନୀରେ ଯୋଗ ଦେଇଥିଲେ। ଆରଏସ୍ଏସ୍ ପୃଷ୍ଠଭୂମି ସହ ଘନିଷ୍ଠ ଭାବରେ ଜଡ଼ିତ ରଘୁବର ୧୯୭୭ରେ ଜନତା ପାର୍ଟିରେ ଯୋଗ ଦେଇଥିଲେ ଓ ପରେ ୧୯୮୦ରେ ବିଜେପିର ପ୍ରତିଷ୍ଠାତା ସଦସ୍ୟ ରହିଥିଲେ। ଜାମସେଦପୁର (ପୂର୍ବ) ବିଧାନସଭା ଆସନରୁ ସେ ବିହାର ବିଧାନସଭାକୁ ୧୯୯୫ରେନିର୍ବାଚିତ ହୋଇଥିଲେ ଏବଂ ୨୦୦୪ରେ ଝାଡ଼ଖଣ୍ଡ ରାଜ୍ୟ ବିଜେପିର ସଭାପତି ରୂପେ ଅବସ୍ଥାପିତ ହୋଇଥିଲେ। ୨୦୦୫ରେ ଅର୍ଜୁନ ମୁଣ୍ଡାଙ୍କ ନେତୃତ୍ୱାଧୀନ ଝାଡ଼ଖଣ୍ଡ ବିଜେପି ସରକାରରେ ସେ ସହରାଞ୍ଚଳ ବିକାଶ ମନ୍ତ୍ରୀ ରୂପେ ନିଯୁକ୍ତି ପାଇଥିଲେ। ୨୦୦୯ରେ ସେ ଶିବୁ ସୋରେନଙ୍କ ସରକାରରେ ଉପମୁଖ୍ୟମନ୍ତ୍ରୀ ପଦରେ ଅବସ୍ଥାପିତ ହୋଇଥିଲେ। ୨୦୧୪ରେ ସେ ବିଜେପି ଜାତୀୟ କମିଟିରେ ସ୍ଥାନ ପାଇଥିଲେ ଓ ତାଙ୍କୁ ଦଳର ରାଷ୍ଟ୍ରୀୟ ଉପସଭାପତି ପଦ ମିଳିଥିଲା। ମାତ୍ର ରାଜ୍ୟରେ ସେହିବର୍ଷ ବିଜେପି ସଂଖ୍ୟା ଗରିଷ୍ଠତା ହାସଲ କରିବା ପରେ ଝାଡ଼ଖଣ୍ଡର ପ୍ରଥମ ଅଣ ଆଦିବାସୀ ମୁଖ୍ୟମନ୍ତ୍ରୀ ଭାବରେ ରଘୁବର ଦାସ ଅଧିଷ୍ଠିତ ହୋଇଥିଲେ।

## ୨୯ରୁ ଭୁବନେଶ୍ୱର- ଗୌହାଟୀ ବିମାନ ସେବା


**ଭୁବନେଶ୍ୱର :** ଓଡିଶା ସହ ଯୋଡିହେବ ଉତ୍ତର-ପୂର୍ବ ରାଜ୍ୟ। ଅକ୍ଟୋବର ୨୯ରୁ ଆରମ୍ଭ ହେବ ଭୁବନେଶ୍ୱରରୁ ଗୌହାଟୀ ଡାଇରେକ୍ଟ ଫ୍ଲାଇଟ୍। ସପ୍ତାହକୁ ସାତଦିନ ଇଣ୍ଡିଗୋ ଯୋଗାଇବ ବିମାନ ସେବା। ଦେଢ଼ ଘଣ୍ଟାରେ ଭୁବନେଶ୍ୱରରୁ ଗୌହାଟୀ ପହଞ୍ଚିବେ ଯାତ୍ରୀ । ଆଗକୁ ଜମ୍ମୁ, ଚଣ୍ଡିଗଡ ଏବଂ ସୁରଟକୁ ସିଧାସଳଖ ଉଡିପାରେ ବିମାନ। ଯାତ୍ରୀଙ୍କ ଡିମାଣ୍ଡକୁ ଦେଖି ବିଜୁ



ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦର କର୍ତ୍ତୃପକ୍ଷ ଏଭଳି ନିଷ୍ପତ୍ତି ନେଇଛନ୍ତି। ଏ ନେଇ ସୂଚନା ଦେଇଛନ୍ତି ବିମାନ ବନ୍ଦର ନିର୍ଦ୍ଦେଶକ। ପୂର୍ବରୁ ଓଡିଶା ସହ ଯୋଡି ହୋଇଛି ୨୦ ଟି ଡେଷ୍ଟିନେସନ। ଦୈନିକ ୧୩ ହଜାରରୁ ଅଧିକ ଯାତ୍ରୀ ଯିବା ଆସିବା କରୁଛନ୍ତି। ଗୌହାଟୀକୁ ସିଧା ବିମାନ ସେବାକୁ ନେଇ ଖୁସି ପ୍ରକଟ କରିଛନ୍ତି ଯାତ୍ରୀ। ସମୟ ବଞ୍ଚିବା ସହ ସହଜ ହେବ କାମ ବୋଲି ଯାତ୍ରୀ କହିଛନ୍ତି।

## ଚିଲିକାରେ ଖୁବ୍ଶୀଘ୍ର ଭାସମାନ ରେସ୍ତୋରାଁ

**ଭୁବନେଶ୍ୱର :** ଖୁବ୍ଶୀଘ୍ର ଚିଲିକା ଜଳରାଶିରେ ଭାସିବ ବିଳାସପୂର୍ଣ୍ଣ ରେସ୍ତୋରାଁ। ଏଥିପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ସବୁପ୍ରକାର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରାୟ ସାଢ଼େ ୬ କୋଟି ଟଙ୍କା ଖର୍ଚ୍ଚରେ ହେବାକୁ ଥିବା ଏହି ରେସ୍ତୋରାଁରେ ପର୍ଯ୍ୟଟକମାନେ ବିଭିନ୍ନ ରାଜକୀୟ ସେବା ପାଇବେ। ଏଥିରେ ପର୍ଯ୍ୟଟକମାନେ ଚିଲିକା ବୁଲିବା ସହ ରାତ୍ରିଯାପନ ବି କରିପାରିବେ। ଜନ୍ମଦିନ, ବିବାହ ବାର୍ଷିକୀ, ନିର୍ବନ୍ଧ ଭଳି ସାମାଜିକ କାର୍ଯ୍ୟକ୍ରମ ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ରହିବ। ଦୁଇ ମହଲା ବିଶିଷ୍ଟ ଏହି ଭାସମାନ ରେସ୍ତୋରାଁରେ ମୋଟ୍ ୮୪ ଜଣ ପର୍ଯ୍ୟଟକଙ୍କ ରହଣି ବ୍ୟବସ୍ଥା ରହିବ। ଟପ୍-ଡେକ୍ରେ ୩୬ ଓ ମେନ୍-ଡେକ୍ରେ ୪୮ଜଣ ପର୍ଯ୍ୟଟକଙ୍କ ପାଇଁ ସମସ୍ତ ସୁବିଧା ରହିବ ।ତାରକା



ହୋଟେଲ ଭଳି ଏସି-ରୁମ୍ ସାଙ୍ଗକୁ ସୁସ୍ୱାଦୁ ଖାଦ୍ୟର ମେନ୍ୟୁ ଉପଲବ୍ଧ ହେବ। ଏସବୁର ଦର ବି ପର୍ଯ୍ୟଟକଙ୍କ ପକେଟ୍କୁ ସୁହାଇଲା ଭଳି ରହିବ। ପର୍ଯ୍ୟଟକମାନେ ନିଜ ମନ ପସନ୍ଦର ଖାଣ୍ଟି ଓଡ଼ିଆ ପାରମ୍ପରିକ ଖାଦ୍ୟ ସାଙ୍ଗକୁ କଣ୍ଟିନେଣ୍ଟାଲ, ଚାଇନିଜ୍ ଆଦି ବିଭିନ୍ନ ପ୍ରକାର ଖାଦ୍ୟର ମଜା ନେଇପାରିବେ। ପ୍ରତିବର୍ଷ ଚିଲିକାକୁ ବହୁ ସଂଖ୍ୟାରେ ପର୍ଯ୍ୟଟକଙ୍କ ଆଗମନକୁ ଦୃଷ୍ଟିରେ ରଖି ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହି ଭାସମାନ ରେସ୍ତୋରାଁ ଆରମ୍ଭ କରିବାକୁ ବିଭାଗ ନିଷ୍ପତ୍ତି ନେଇଛି। ଚଳିତ ପର୍ଯ୍ୟଟନ ଋତୁରେ ହିଁ ପର୍ଯ୍ୟଟକମାନେ ଏହି ସୁବିଧା ପାଇପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।ସୂଚନାଯୋଗ୍ୟ, ରାଜ୍ୟର ପର୍ଯ୍ୟଟନ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ବିଭାଗ ପକ୍ଷରୁ ପୂର୍ବରୁ ବହୁ ଆଖିଦୃଶିଆ ପଦକ୍ଷେପ ନିଆଯାଇଛି। କିଛି ସ୍ଥାନରେ ପରିବେଶ ପର୍ଯ୍ୟଟନସ୍ଥଳୀ ଖୋଲାଯିବା ସହ ସେଠାରେ ବୋଟିଂ ସୁବିଧା ଆରମ୍ଭ କରାଯାଇଛି। ବିଳାସପୂର୍ଣ୍ଣ ହାଉସ୍ବୋଟ, କ୍ରୁଜ୍ ବୋଟ ସେବା ସାଙ୍ଗକୁ ‘ଗରୁଡ଼’ ମଧ୍ୟ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିପାରିଛି। ଏହାର ସଫଳତାକୁ ଲକ୍ଷ୍ୟ କରି ବିଭାଗ ଏବେ ଚିଲିକା ହ୍ରଦରେ ଭାସମାନ ରେସ୍ତୋରାଁ ସେବା ଆରମ୍ଭ କରିବାକୁ ଯାଉଥିବା କୁହାଯାଉଛି।

### ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ

## ବଦଳିଲେ ୧୬୦ଜଣ ଅତିରିକ୍ତ ତହସିଲଦାର

**ଭୁବନେଶ୍ୱର :** ଜାତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ସରକାର ୧୬୦ଜଣ ଅତିରିକ୍ତ ତହସିଲଦାରଙ୍କ ବଦଳି କରିଛନ୍ତି। ନିର୍ବାଚନ କମିଶନଙ୍କ ଦ୍ୱାରା ଜାରି ବଦଳି ଓ ନିଯୁକ୍ତି ନୀତି ଆଧାରରେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ଓଡ଼ିଶା ରାଜସ୍ୱ ସେବାର ୧୬୦ଜଣ ଅଫିସରଙ୍କ ବଦଳି ହୋଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ବିଭିନ୍ନ ତହସିଲରେ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟରତ ୧୬୦ଜଣ ଓଆରଏସ୍ ଅଫିସରଙ୍କୁ ବିଭିନ୍ନ ସ୍ଥାନରେ ଆସିଷ୍ଟାଣ୍ଟ କଲେକ୍ଟର, ଅତିରିକ୍ତ




ତହସିଲଦାର ଓ ମ୍ୟୁନିସପାଲଟି କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବଦଳି କରାଯାଇଛି। ଏହି ସମସ୍ତ ଓଆରଏସ୍ ଅଫିସରଙ୍କୁ ବିଭାଗ ପକ୍ଷରୁ ଆଜି ଅପରାହ୍ନରେ ସେମାନେ କାର୍ଯ୍ୟ କରୁଥିବା ସ୍ଥାନରୁ ରିଲିଭ୍ କରାଯାଇଛି। ନୂଆ ସ୍ଥାନରେ ଅକ୍ଟୋବର ୨୫ତାରିଖ ସୁଦ୍ଧା ଯୋଗ ଦେବାକୁ ଏହି ଅଫିସରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯାହାଫଳରେ ସେମାନେ ଅକ୍ଟୋବର ୨୭ତାରିଖରୁ ଆରମ୍ଭ ହେଉଥିବା ଫଟୋ ଇଲେକ୍ଟୋରାଲ ରୋଲ୍ ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟରେ ନିୟୋଜିତ ହୋଇପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ଅଫିସରମାନଙ୍କ ବଦଳି ପାଇଁ ନିର୍ବାଚନ କମିଶନ ଗାଇଡଲାଇନ୍ ଜାରି କରିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ଐତିହାସିକ ନିଷ୍ପତ୍ତି


# ବର୍ଷ ବର୍ଷର ଜମିଜମା ସମସ୍ୟାର ତୁରନ୍ତ ସମାଧାନ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଐତିହାସକ ନିଷ୍ପତ୍ତି ନେଇ ବିଭିନ୍ନ ସ୍ଥାନରେ ଜମି ସମସ୍ୟାର ସମାଧାନ କରାଯାଇ ଲୋକଙ୍କୁ ପଟ୍ଟା ଦେବାପାଇଁ ନୀତିଗତ ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ପୂର୍ବରୁ ଝାରସୁଗୁଡାର ହୀରାକୁଦ ବନ୍ଧ ବିସ୍ଥାପିତ, ଗଞ୍ଜାମ ସୋରଡା ବ୍ଲକ୍, ପୁରୀ ପୌରପାଳିକାରେ ଜମିଜମା ସମସ୍ୟାର ସମାଧାନ ପାଇଁ ନୀତିଗତ ନିଷ୍ପତ୍ତି ହୋଇଥିଲା। ସିକିମ ରୟତ ମାନଙ୍କ ଜମି ସମସ୍ୟା ଓ ସମ୍ବଲପୁର ଜିଲ୍ଲାର ରେଙ୍ଗାଲୀ ତହସିଲର ହୀରାକୁଦ ବାସଚ୍ୟୁତ ମାନଙ୍କ ଜମି ସମସ୍ୟାର ସମାଧାନ ପାଇଁ ନିଷ୍ପତ୍ତି ନିଆଯାଇଛି। ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବ ଭି.କେ. ପାଣ୍ଡିଆନ ତାଙ୍କର ଜିଲ୍ଲାଗସ୍ତ ସମୟରେ ଜମିଜମା ସଂପର୍କିତ ଅନେକ ଅଭିଯୋଗ ଲୋକଙ୍କ ଠାରୁ ପାଇଥିଲେ। ହୀରାକୁଦ ବନ୍ଧ ବିସ୍ଥାପିତ ମାନଙ୍କର ଦୀର୍ଘ ବର୍ଷର ସମସ୍ୟା, ଅନ୍ୟ ସ୍ଥାନରେ ସରକାରୀ ଜମିରେ ବହୁ ଦିନ ଧରି ରହୁଥିବା ଲୋକଙ୍କର ଜମି ଅଧିକାର ସମସ୍ୟା, ରୟତ ସମସ୍ୟା – ଏହିପରି ଅନେକ ସମସ୍ୟା ସଂପର୍କରେ ଲୋକମାନେ ୫ଟି ସଚିବଙ୍କୁ ଜଣାଇଥିଲେ। ଏ ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବା ପରେ ଲୋକଙ୍କ ବହୁ ବର୍ଷର ଜମି ସମସ୍ୟାର ସମାଧାନ ପାଇଁ ବାଟ ଫିଟିଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏ ସଂପର୍କରେ ସେପ୍ଟେମ୍ବର ମାସର ପ୍ରଥମ ଓ ଦ୍ୱିତୀୟ ସପ୍ତାହରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସହ ତିନି ଥର ବୈଠକ ଅନୁଷ୍ଠିତ ହୋଇଥିଲା। ସେହି ସମୀକ୍ଷା ବୈଠକରେ ନିଆଯାଇଥିବା ନିଷ୍ପତ୍ତିର ଅଗ୍ରଗତି ସଂପର୍କରେ ଆଉ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇ ବହୁ ଐତିହାସିକ ନିଷ୍ପତ୍ତି ନିଆଯାଇଛି। ବୈଠକରେ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ସହିତ ଉନ୍ନୟନ କମିଶନର ଅନୁ ଗର୍ଗ, ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଆଇନ ସଚିବ ମାନସ ରଂଜନ ବାରିକ, ଗଞ୍ଜାମ, ସମ୍ବଲପୁର, ପୁରୀ, ଖୋର୍ଦ୍ଧା ଓ ଝାରସୁଗୁଡା ଜିଲ୍ଲାର ଜିଲ୍ଲାପାଳ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଜମିଜମା ସମସ୍ୟାର ସ୍ଥାୟୀ ସମାଧାନ କରାଯାଇ ଲୋକଙ୍କୁ ଜମି ଯୋଗାଇ ଦେବାକୁ ନିଷ୍ପତ୍ତି କରାଯାଇଛି। ହୀରାକୁଦ ପ୍ରକଳ୍ପ ଯୋଗୁ ବାସଚ୍ୟୁତ ହୋଇଥିବା ସମ୍ବଲପୁର ଜିଲ୍ଲାର ରେଙ୍ଗାଲୀ ତହସିଲ ଅନ୍ତର୍ଗତ କୁର୍ଲା, ଥୁଣ୍ଟିକତରବଗା, ଯୋଗୀପାଲ୍ଲୀ, ସପନେ ଗ୍ରାମରେ ହାଇଟେକ୍



ସର୍ଭେ ମାଧ୍ୟମରେ ପୁରୁଣା ଜମିଜମା ସମସ୍ୟାର ସମାଧାନ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି । ସର୍ଭେ କାର୍ଯ୍ୟକୁ ଯେତେଶୀଘ୍ର ସମ୍ଭବ ସଂପୂର୍ଣ୍ଣ କରି ଜମି ସମସ୍ୟାର ସମାଧାନ କରିବାକୁ ପରାମର୍ଶ ଦିଆଯାଇଛି। ସେହିପରି ସିକିମ ରୟତ ମାନଙ୍କର ଜମି ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ନୀତିଗତ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲାର ପ୍ରାୟ ୨ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉପକୃତ ହେବେ। ସୂଚନାଯୋଗ୍ୟ ଯେ ପୂର୍ବରୁ ପୂର୍ବରୁ ଝାରସୁଗୁଡାର ହୀରାକୁଦ ବନ୍ଧ ବିସ୍ଥାପିତ, ଗଞ୍ଜାମ ସୋରଡା ବ୍ଲକ୍, ପୁରୀ ପୌରପାଳିକାରେ ଜମିଜମା ସମସ୍ୟାର ସମାଧାନ ପାଇଁ ନୀତିଗତ ନିଷ୍ପତ୍ତି ହୋଇଥିଲା। ଝାରସୁଗୁଡା ଜିଲ୍ଲାରେ ହୀରାକୁଦ ବନ୍ଧ ବିସ୍ଥାପିତ ମାନଙ୍କର ସମସ୍ୟା ୫୦ ବର୍ଷରୁ ଅଧିକ ସମୟର। ଲଖନପୁର ତହସିଲର ୧୮ଟି ଗାଁ ଓ ଝାରସୁଗୁଡା ତହସିଲର ଗୋଟିଏ ଗାଁ, ଏହିପରି ୧୯ଟି ଗାଁର ଜମି ସମସ୍ୟାର ସମାଧାନ ପାଇଁ ନିଷ୍ପତ୍ତି ହୋଇଥିଲା । ପ୍ରଥମ ପର୍ଯ୍ୟାୟ ପଟ୍ଟା ଲିମେଇତିକ୍ରା ଗ୍ରାମରୁ ବଣ୍ଟନ କରାଯିବ। ଗଞ୍ଜାମ ଜିଲ୍ଲା ସୋରଡାର ୨୨ଟି ଗାଁରେ ବହୁ ପୁରାତନ ଜମି ସମସ୍ୟାର ସମାଧାନ କରାଯାଇ ଉଭୟ ଘରବାଡି ଓ ଚାଷଜମି ପଟ୍ଟା ବଣ୍ଟନ କରାଯିବା ପାଇଁ ମଧ୍ୟ ନିଷ୍ପତ୍ତି ହୋଇଛି । ସେହିପରି ଜଟଣୀ ଖାସମାହାଲ ଜମି ସମସ୍ୟାର ସମାଧାନ କରାଯାଇ ଖୁବଶୀଘ୍ର ପ୍ରଥମ ପର୍ଯ୍ୟାୟ ପଟ୍ଟା ବଣ୍ଟନ କରାଯିବ। ସେହିପରି ପୁରୀ ପୌରପାଳିକା ବହୁ ବର୍ଷ ଧରି ବିଭିନ୍ନ ଅନୁଷ୍ଠାନ ଓ ଲୋକମାନଙ୍କୁ ଲିଜ ସୂତ୍ରରେ ପ୍ରାୟ ୫୦୪ ଏକର ଜମି ଦେଇଛି। ଏହି ଉଚ୍ଚସ୍ତରୀୟ ବୈଠକରେ ଉପଯୁକ୍ତ ଲିଜ୍ ସର୍ତ୍ତାବଳୀ ଓ ପୌରପାଳିକା ନିୟମ ଅନୁସାରେ ଆବଣ୍ଟିତ ଲିଜ୍ ନିୟମିତ କରିବା ପାଇଁ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ମାନଙ୍କ ଉପରେ ଉପଯୁକ୍ତ ଦେୟ ଧାର୍ଯ୍ୟ କରିବାକୁ ନିଷ୍ପତ୍ତି ହୋଇଥିଲା। ଲିଜ୍କୁ ନିୟମିତ କରିବାପାଇଁ ନିୟମାବଳୀ ଅନୁମୋଦନ ପରେ ଓଜିଏଲ୍ଏସ୍ ନିୟମରେ ଆବଶ୍ୟକ ପରିବର୍ତ୍ତନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୩ - ୨୯ ଅକ୍ଟୋବର, ୨୦୨୩



ନମସ୍ତେ ରୁଦ୍ରରୂପିଣ୍ୟୈ ନମସ୍ତେ ମଧୁମର୍ଦ୍ଦିନି।
ନମଃ କୈଟଭହାରିଣ୍ୟୈ ନମସ୍ତେ ମହିଷାର୍ଦ୍ଦିନି।।
ନମସ୍ତେ ଶୁମ୍ଭହନ୍ତ୍ର୍ୟୈ ନମସ୍ତେ ଚ ନିଶୁମ୍ଭାସୁରଘାତିନି।
ଜାଗ୍ରତଂ ହି ମହାଦେବି ଜପଂ ସିଦ୍ଧଂ କୁରୁଷ୍ୱ ମେ।।
ଐଂକାରୀ ସୃଷ୍ଟିରୂପାୟୈ ହ୍ରୀଂକାରୀ ପ୍ରତିପାଳିକା।
କ୍ଲୀଂକାରୀ କାମରୂପିଣ୍ୟୈ ବୀଜରୂପେ ନମୋଽସ୍ତୁ ତେ।।
ଚାମୁଣ୍ଡା ଚଣ୍ଡଘାତୀ ଚ ଯୈକାରୀ ବରଦାୟିନୀ।
ବିଚ୍ଚେ ଚାଭୟଦା ନିତ୍ୟଂ ନମସ୍ତେ ମନ୍ତ୍ରରୂପିଣି।।

# ଦୟାକର ଦୁର୍ଗେ ଦୁର୍ଗତିନାଶିନୀ

ଶରଦର ଅମୃତ କାଳରେ କାଶତଣ୍ଡିର ଅପରୂପ ଶୋଭା ଖୁସିର ଲହର ଆଣିଦେଇଛି। ଆସିଛି ପାର୍ବଣର ଋତୁ। ମାଆ ଆସୁଛନ୍ତି। ଦିବ୍ୟ ଝଲକର ଅପୂର୍ବ ସ୍ପର୍ଶ ପାଇଁ ବ୍ୟାକୁଳ ଭକ୍ତଗଣ। ମାଟିରୁ ଆକାଶ ବ୍ୟାପ୍ତି ସ୍ୱର୍ଗୀୟ ଅନୁଭବର ଦିବ୍ୟ ଝଟକ। ଆସୁଛନ୍ତି ମାଆ। ପଲ୍ଲୀରୁ ସହର ଝଟକୁଛି ସ୍ୱର୍ଣ୍ଣିମ ଯାତ୍ରାର ଦିବ୍ୟ ଦିଗନ୍ତ ପର୍ଯ୍ୟନ୍ତ। ପ୍ରତିଟି ପ୍ରାଣରେ ଗୁଞ୍ଜରିତ ମାଆ, ମା' ଆସ ମାଆ, ଅବତାରିଯାଅ ଏ ଧରାପୃଷ୍ଠରେ। ଅହଂକାରର ଅନ୍ଧକାରକୁ କ୍ଷଣିକେ ଦୂରୀଭୂତ କର ମାଆ। ସବୁଠି ଏବେ ଯୁଦ୍ଧ ଭୟ। ଗୋଳା ବାରୁଦ ନୁହଁ, ପରମାଣୁ ବୋମାର ଅଜଣା ଭୟ ଗ୍ରାସ କରୁଛି। ଧ୍ୱଂସର ପାହାଡ଼ ଉପରେ କେଉଁ ସବୁଜିମାର ସ୍ୱପ୍ନ ଦେଖିବ ମଣିଷ ସେଇଆ ଭାବି ଭାବି ରାତି ପାହିଯାଉଛି। ବାସ୍ତବିକ ମୃତ୍ୟୁ ଅପେକ୍ଷାରେ ଥିବା ଜୀବନରେ ଦିନ ରାତି ସବୁ ସମାନ ଯେମିତି। ସିଂହବାହିନୀ, ସର୍ବଶକ୍ତି ପ୍ରଦାୟିନୀ ମାଆ ଜଗତରୁ କଣ ପାପ ବିନାଶ ଯିବନି! କେତେଦିନ ଆଉ ମଣିଷରୂପୀ ଦାନ୍ବ ଏଭଳି ଅତ୍ୟାଚାର କରିଚାଲିଥିବ? କେବେ ଦୂରୀଭୂତ ହେବ ଅତ୍ୟାଚାରୀଙ୍କ ଶୋଷଣ, ଲୁଣ୍ଠନ ଓ ଅରାଜକତା? ଆଜି ପାପଭାରରେ ଜର୍ଜରିତ ବସୁଧା। ଚାରି ଦିଗରୁ ସତେ ଯେମିତି ରୋଗ ବ୍ୟାଧି ମାଡି ଆସୁଛି। ଯେଉଁ ଦିଗକୁ ଚାହିଁଲେ ଆତଙ୍କର କଳା ବାଦଲ। ସ୍ୱପ୍ନର ରଙ୍ଗ ରଙ୍ଗୀନ ନୁହଁ, ଠିକ ଅଙ୍ଗାର ପରି ଦିଶୁଚି। ମଣିଷ ସମାଜର ବଡ଼ ଶତ୍ରୁ ଏବେ ଆତଙ୍କବାଦ। ଏହା ବିଶ୍ୱ ପାଇଁ ଦିନେ ନା ଦିନେ ଧ୍ୱଂସର କାରଣ ପାଲଟିଯିବ ମାଆ। କାହାକୁ କେମିତି ରଖିବୁ? ଭ୍ରଷ୍ଟାଚାରରେ ଉବୁଟୁବୁ ବ୍ୟବସ୍ଥା। ବିପଣି ଏବେ ସମ୍ପୂର୍ଣ୍ଣ ଭେଜାଲର ମାଲଗୋଦାମ। ପଣ୍ୟ ମଣିଷର ଦରଦାମ ମୂଲଚାଲ ଚାଲିଛି। ଯେଉଁଠି ଦେଖ ଠକାମୀ, ଧୋକ୍କାବାଜି, ଜଘନ୍ୟ ଅପରାଧ ଭଳି ଅନେକ ଅତ୍ୟାଚାରର ଠୁଙ୍ଗା ଭର୍ତ୍ତି ହେଉଛି। କଳଙ୍କ ବୋଲି ଶବ୍ଦ ପ୍ରତି କାହାର ଯେମିତି ଭୟ ନାହିଁ। ନାମକୁ ମାତ୍ର ଜୀବେ ଦୟାର ଗୋଟେ ମହାନାଟକ ଚାଲିଛି ସବୁଠି। ସବୁଠାରେ ପାପୀ ଆଖିର ରକ୍ତ ଉବୁକି ଉଠୁଛି। ଜଣେ ଜଣକୁ ଠକି ମନେ ମନେ ମହାନୁଭବ ପାଲଟି ଯାଉଛନ୍ତି। ନିରସ୍ତ୍ର ହେବାର ମନ୍ତ୍ର ବଦଳରେ ହିଂସାର ରାଜନୀତି ଜାଳି ପୋଡି ମାରିଦେଉଛି ସଭିଙ୍କୁ, ଛଳନାର ମହାକୁମ୍ଭ ଘରେ ଘରେ ପ୍ରତିଷ୍ଠା ହୋଇସାରିଛି। ମାଆ! ଏଥର ଆଉ କ୍ଷମା ନୁହଁ, ଦୁରାଚାରୀଙ୍କୁ ସଂହାର ଦରକାର, ଗୋଟେ ଉତ୍ତମ ଶିକ୍ଷା ଦରକାର। ପାପର ଭାରା ସୀମା ଅତିକ୍ରମ କରିସାରିଲାଣି ମାଆ। ତୋ ଶାନ୍ତି ରୂପରେ ଲୋକଙ୍କ ମନରୁ ଯାତନା ଦୂର ହେଉଥିଲେ ବି ତୋ ପ୍ରତି ଅସଲ ଭକ୍ତି କ୍ୱଚିତ ଦେଖିବାକୁ ମିଳୁଛି। ତୋତେ ଗୋଟେ ମୂର୍ତ୍ତି ଭାବି ସମସ୍ତ କୁକର୍ମ କରୁଛି ମଣିଷ। ପାପୀ ମାନେ ରଣହୁଙ୍କାର ଦେଇଚାଲିଛନ୍ତି। ଦୀନ ଦୈନ୍ୟ ସେମିତି ଉପେକ୍ଷିତ। ଶାସନ ଗାଦିର ମହାଜନ ନିଜ ଚୌକି ଚିନ୍ତାରେ ରାଜକୋଷ ଲୁଟାଇ ଦେଉଛି ମାଆ। ନ୍ୟାୟ ପାଇବା ଲୋକ ନ୍ୟାୟ ପାଇବା ବଦଳରେ ଲାଂଛିତ ହେଉଛି। ବ୍ୟଭିଚାରୀ ସୁନା ମୁକୁଟ ପିନ୍ଧି ପରିଭ୍ରମଣ କରୁଛି ରାଜ୍ୟ। ଦେଶ - ଦେଶ ମଧ୍ୟରେ କପଟ ଖେଳ ବଢିଚାଲିଛି। ଭାଇଚାରା ବଦଳରେ ସବୁଠି ଆତଙ୍କର ପରିକଳ୍ପନା। ଲୁଣ୍ଠନକାରୀଙ୍କ କବ୍‌ଜାକୁ ବିଶ୍ୱ ଚାଲିଯାଉଛି ମାଆ। ଦେଶ ଯେବେ ଧ୍ୱଂସକୁ ଚାଲିଯିବ, ମାନବିକତା ହଜିଯିବ ସେତେବେଳେ କେଉଁ ସଂସାରର କଥା କହିବାକୁ ହେବ ତାହାର ଅନୁମାନ କରିହେଉନି। ଆକଳନ କରିହେଉନି ସେ ଭବିଷ୍ୟତର ବିକଳ ଚିତ୍ର କିପରି ଦିଶୁଥିବ! କେଉଁଠି ଥିବ ପାହାଡି ଝରଣା, କେଉଁଠି ସ୍ନାନ କରୁଥିବ ବଣ୍ଡା ରମଣୀ। କିପରି ଥିବ ଅଗନାଅଗନି ବନସ୍ତର ଘଞ୍ଚ ସବୁଜିମା। ହାତୀ ମାନେ କେଉଁ ବୃକ୍ଷର ଡାଳକୁ କରୁଥିବେ ଆହାର ଓ ବାଘର ହେଷ୍ଟାଳ କେଉଁ ଜଙ୍ଗଲର ଛାତି ଚିରି ଭାସି ଆସିବ। କେମିତି ମେଘ ଦେଖି ନାଚିବ ମୟୂରୀ ଓ ଆମ୍ବ ଗଛ ଡାଳରେ ବସି କୋଇଲି ଗାଉଥିବ ସୁମଧୁର ଗୀତ। ନଈ ଥିବ କି ନାଉରି ଥିବ ତାହାର ପରିକଳ୍ପନା କରିବା ବ୍ୟତିରେକ ଆଉକିଛି ଅଧିକ ଭାବନା ଆସୁନି ମୁଣ୍ଡକୁ। ଶରୀର ପାଇଛି ବୋଲି ମଣିଷ ନିଜକୁ ଦେବତା ଭାବିନେଉଛି। କର୍ମ, ଧର୍ମ ଓ କର୍ତ୍ତବ୍ୟ ଭୁଲି ଅପଥରେ ଆଗକୁ ଚାଲୁଛି। ସେ ବୁଝିପାରୁନି ଯାହା ବି ପାଇଛି ତାହା ଈଶ୍ୱରଙ୍କ ଦାନ। ନିଜର ବୋଲି କେବଳ କର୍ମଫଳ। ଏତେକଥା ଜାଣିଶୁଣି କାହିଁକି ଏପରି ଅମାନିଆ ବିଶ୍ୱବାସୀ। ଶେଷରେ ଟିକେ ଧୂଆଁ ଦେଖିବାକୁ ଅଭାବ ପଡିବ ଜୀବନ। ଜୀବନ ମୃତ୍ୟୁର ଦୋଛକିରେ ଜଟିଳ ପରିସ୍ଥିତିକୁ ସାମ୍ନା କରୁଛି ବିଶ୍ୱ। ସବୁଠି ଯୁଦ୍ଧ ପରିସ୍ଥିତି। ଭାତୃଭାବ ବଦଳରେ ଲଢେଇର ମନୋଭାବ ହିଂସ୍ର କରୁଛି ମଣିଷକୁ। ସମୟକ୍ରମେ ଦୀପ ଲିଭିବାର ଶେଷ ଦୃଶ୍ୟ ପରି ସବୁ କେମିତି ମନକୁ ଭାରାକ୍ରାନ୍ତ କରିଚାଲିଛି। ଆ' ମାଆ। ତୋ ଆଗମନରେ ଫୁଟିଉଠୁ ଶତକଦମ୍ବ, ପଲ୍ଲବିତ ହେଉ ଦୃବା। ମା' ଦୁର୍ଗେ ଦୁର୍ଗତୀ ନାଶିନୀ, ମା' ଗୋ ଏ ବିଶ୍ୱକୁ ଶାନ୍ତି, ମୈତ୍ରୀ ଓ ପ୍ରୀତି ପ୍ରଦାନ କର ଏହା ହିଁ ପ୍ରାର୍ଥନା



ତାରକ ମହାନ୍ତି

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ବିଶ୍ୱଯୁଦ୍ଧ ମାନବଜାତି ପାଇଁ ମହାବିପଦ



ମୌଲାନା ଫଜଲ ହକ ଖାଁ

ଆଜି ଦୁନିଆ ଏକ ଅଶାନ୍ତ ଝଡ଼ର ତାଣ୍ଡବରେ ଦୋଦୁଲ୍ୟମାନ ଅବସ୍ଥା ଦେଇ ଗତି କରୁଛି। ବିଶ୍ୱ ଆର୍ଥିକ ସଙ୍କଟ ଯୋଗୁଁ ପ୍ରାୟ ପ୍ରତି ସପ୍ତାହରେ ଆଗ ଠାରୁ ବଳି ବିପଦ ଘନେଇ ଆସୁଛି। ଦ୍ୱିତୀୟ ବିଶ୍ୱଯୁଦ୍ଧର ପୂର୍ବାବସ୍ଥା ସହିତ ସାମଞ୍ଜସ୍ୟ ଦେଖା ଦେଇଥିବାରୁ ବର୍ତ୍ତମାନର ସମୟକୁ ତା ସଙ୍ଗେ ତୁଳନା କରାଯାଉଛି। ମହାଶକ୍ତି ଗୁଡ଼ିକର ଆକ୍ରୋଶ, ଶାନ୍ତି ପ୍ରତିଷ୍ଠା କରିବା ବାହାନାରେ ଅନ୍ୟ ରାଷ୍ଟ୍ରର ଆଭ୍ୟନ୍ତରୀଣ କନ୍ଦଳ ଓ ଗୃହଯୁଦ୍ଧ ଗୁଡ଼ିକରେ ସେମାନଙ୍କର ଅବାଧ ପ୍ରବେଶ, ଆଇ.ଏସ୍.ପରି ଅନ୍ୟାନ୍ୟ ତଥାକଥିତ ଜେହାଦୀ ସଂଗଠନ ନରହନ୍ତା ରାକ୍ଷସ ସାଜି ମାନବିକତା ବିରୁଦ୍ଧରେ କରୁଥିବା କୂଟଚକ୍ରାନ୍ତ ଇତ୍ୟାଦି କାର୍ଯ୍ୟକଳାପ ସ୍ପଷ୍ଟ ରୂପେ ଦର୍ଶାଉଛି ଯେ ଆଜି କାଲିର ଘଟଣା ବହୁଳ ସଂକଟଜନକ ପରିସ୍ଥିତି ବିଶ୍ୱ ଜଗତକୁ ପ୍ରଚଣ୍ଡ ଗତିରେ ମୁହାଁଉଥିବା ଭୟାବହ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଠେଲି ଦେଇଛି।

ଆଜି ବିଶ୍ୱରେ ରାଜନୈତିକ ଓ ଅର୍ଥନୈତିକ ସମସ୍ୟା ହିଁ ଯୁଦ୍ଧ ପାଇଁ ବାଧ କରିଦେଇଛି। କେଉଁଠି ରୁଷ-ୟୁକ୍ରେନ ତ କେଉଁଠି ଇସ୍ରାଇଲ-ପାଲେଷ୍ଟାଇନ ମଧ୍ୟରେ ଘମାଘୋଟ ଯୁଦ୍ଧ ଲାଗିରହିଛି। ଏହା ଆମ ସମସ୍ତଙ୍କୁ ଜଣାଅଛି ଯେ ରାଷ୍ଟ୍ରସଂଘ ଗଠନର ବିଫଳତା ଏବଂ ୧୯୩୨ ମସିହାରେ ଉପୁଜିଥିବା ଉକ୍ଟ ଆର୍ଥିକ ସଂକଟ ଯୋଗୁଁ ହିଁ ମୁଖ୍ୟତଃ ଦ୍ୱିତୀୟ ବିଶ୍ୱଯୁଦ୍ଧର ସୂତ୍ରପାତ ହୋଇଥିଲା। ବର୍ତ୍ତମାନ ସମୟର ପ୍ରବୀଣ ଅର୍ଥନୀତିଜ୍ଞମାନେ କୁହନ୍ତି ଯେ ଚଳିତ ସମୟରେ ଦେଖା ଦେଇଥିବା ଆର୍ଥିକ ସଂକଟ ଏବଂ ୧୯୩୨ ମସିହାର ଆର୍ଥିକ ସଂକଟ ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଛି। ରାଜନେହତିକ ସମସ୍ୟା ତଥା ଅର୍ଥନୈତିକ ବିଶୃଙ୍ଖଳା ଇତ୍ୟାଦି ଛୋଟ ଛୋଟ ଦେଶ ମଧ୍ୟରେ ପୁଣି ଥରେ ଯୁଦ୍ଧର କାରଣ ସାଜିଛି। ପୁଣି ଏସବୁ ଦେଶମାନଙ୍କରେ ଆଭ୍ୟନ୍ତରୀଣ ଗୋଷ୍ଠୀ କନ୍ଦଳ ଓ ଜନ ଅସନ୍ତୋଷ ବୃଦ୍ଧି ପାଇବାର ଫଳ ସ୍ୱରୂପ ଏକ ମହା ଯୁଦ୍ଧ ରୂପେ ଉଭା ହେବ। ଯଦି ଛୋଟ ଦେଶଗୁଡ଼ିକ ମଧ୍ୟରେ ରହିଥିବା ବାଦ ବିବାଦ ଓ ସଂଘର୍ଷକୁ ରାଜନୀତି ବା କୂଟନୀତି ପ୍ରୟୋଗ କରି ଏହାର ଉପଯୁକ୍ତ ସମାଧାନ ନକରାଯାଏ, ତା ହେଲେ ନିଶ୍ଚିତ୍ ଭାବରେ ଏହି ଦେଶଗୁଡ଼ିକ ବିଭାଜିତ ହୋଇ ପୃଥିବୀରେ କେତେକ ନୂଆ ନୂଆ ଗୋଷ୍ଠୀ ବା ମହାମେଣ୍ଟ ଗଠନ କରିବେ। ଏହା ହିଁ ହେବ ତୃତୀୟ ବିଶ୍ୱଯୁଦ୍ଧ ସଂଘଟିତ ହେବାର ମୂଳ କାରଣ। ଆମେ ବର୍ତ୍ତମାନ ପରିପ୍ରେକ୍ଷୀରେ ବିଶ୍ୱର ପ୍ରଗତି ଦିଗରେ ବିଶେଷ ଧ୍ୟାନ ନଦେଇ ପୃଥିବୀକୁ କିପରି ଧ୍ୱଂସର କରାଳରୁ ରକ୍ଷା କରା ଯାଇପାରିବ, ସେଥି ପାଇଁ ଯଥା ଶୀଘ୍ର ଉଦ୍ୟମ ଚଳାଇବା ଉଚିତ୍। କାରଣ ବିଶ୍ୱ ମାନବ ଏକ ମାତ୍ର ତ୍ରାଣକର୍ତ୍ତା ଈଶ୍ୱରଙ୍କୁ ଚିହ୍ନିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। ଯେ କି ମାନବିକତାକୁ ବଞ୍ଚାଇବାର ଏକମାତ୍ର ଆଧାର ଓ ଆମ ସମାଜକୁ ଜୀବିତ ରଖିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଯଦି ଏହା ନହୁଏ, ତା ହେଲେ ଆମ ବିଶ୍ୱ ଧୀରେ ଧୀରେ ବିନାଶ ଆଡ଼କୁ ଏହିପରି ଧାବମାନ ହେଉଥିବ।

ବିଗତ ଦୁଇଟି ବିଶ୍ୱଯୁଦ୍ଧର ଭୟାବହ ଧ୍ୱଂସଲୀଳା ସମ୍ବନ୍ଧରେ ଆମେ ମାନେ ଭଲ ଭାବରେ ସଚେତନ ଅଛେ। ଅଥଚ ପରିତାପର ବିଷୟ ହେଉଛି ଯେ କେତେକ ଦେଶର ଜଟିଳ ଶାସନ ନୀତି ଓ ଗର୍ହିତ ଆଚରଣ ପୃଥିବୀର ଦିଗବଳୟରେ ଅନ୍ୟ ଏକ ବିଶ୍ୱଯୁଦ୍ଧର ଆଭାସ ଦେଉଛି। ଏହି ବିଶ୍ୱଯୁଦ୍ଧ ଏକ ଆଣବିକ ତଥା ପାରମାଣବିକ ଯୁଦ୍ଧରେ ହିଁ ପରିଣତ ହେବ। ପୃଥିବୀ ଯେଉଁ ଆଡ଼କୁ ଗତି କରୁଛି, ତହିଁରେ ନିଶ୍ଚିତ ଭାବରେ ଏପରି ଏକ ମହା ଯୁଦ୍ଧ ଲାଗି ଯିବାର ବିପଦ ଦେଖାଦେଇଛି। ଏହାର ଭୟାବହ ପରିଣତିରୁ ରକ୍ଷା ପାଉବା ପାଇଁ ଆମେ ନ୍ୟାୟ,ସାଧୁତା ଓ ସ୍ୱଚ୍ଛତାର ପଥ ଅବଲମ୍ବନ କରିବା ଉଚିତ୍। ଆମେ ସମସ୍ତେ ଏକଜୁଟ ହୋଇ ହିଂସା ଓ ଘୃଣାକୁ ପ୍ରସାର କରୁଥିବା ସେହିସବୁ ଗୋଷ୍ଠୀ ବା ସଂଗଠନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଏବଂ ଯେଉଁମାନେ ପୃଥିବୀରେ ଶାନ୍ତି ନଷ୍ଟ କରିବାକୁ ଚାହୁଁଛନ୍ତି, ସେମାନଙ୍କୁ ଦୃଢ ହସ୍ତରେ ଦମନ କରିବା ଏକାନ୍ତ ଅପରିହାର୍ଯ୍ୟ।

ବର୍ତ୍ତମାନର ସମୟରେ ଅହମଦୀୟା ମୁସଲିମ ସଂପ୍ରଦାୟର ୫ମ ଖଲିଫା ହଜରତ ମିର୍ଜା ମସରୁର ଅହମଦ ସାହେବ ନିରନ୍ତର ଏହା ପ୍ରୟାସ କରିଚାଲିଛନ୍ତି କି କିପରି ଏ ତୃତୀୟ ମହା ବିଶ୍ୱଯୁଦ୍ଧ ନହେଉ। ସେଥିପାଇଁ ସେ ସମସ୍ତ ରାଷ୍ଟ୍ରମୁଖ୍ୟଙ୍କୁ ପତ୍ର ଲେଖି ସୂଚିତ କରାଉଛନ୍ତି। ଅହମଦୀୟା ମୁସଲିମ ସଂପ୍ରଦାୟର ସର୍ବୋଚ୍ଚ ମୁଖ୍ୟ ଧର୍ମଗୁରୁ ହଜରତ ମିର୍ଜା ମସରୁର ଅହମଦ ସାହେବ ଇସ୍ରାଇଲ ପ୍ରଧାନ ମନ୍ତ୍ରୀଙ୍କ ନାମରେ ଲେଖିଥିବା ପତ୍ରରେ ସେ ଉଲ୍ଲେଖ କରିଛନ୍ତି ଯେ ମୁଁ ସେହି ପ୍ରତିଶ୍ରୁତ ମସିହଙ୍କ ଖଲିଫା ଭାବରେ ଆପଣଙ୍କୁ ସମ୍ବୋଧନ କରି କହୁଛି ଯେ ଦିବ୍ୟ ଅବତାର ହଜରତ ମୁହମ୍ମଦ ସଲ୍ଲମ୍‌ଙ୍କ ଜଣେ ଅନୁରକ୍ତ ଦାସ ରୂପେ ବର୍ତ୍ତମାନ ଯୁଗରେ ସେ ପ୍ରେରିତ ହୋଇଛନ୍ତି। ସୁତରାଂ ପ୍ରଭୁଙ୍କ ବାର୍ତ୍ତା ଆପଣଙ୍କ ନିକଟରେ ପହଂଚାଇ ଦେବା ହେଉଛି ମୋର କର୍ତ୍ତବ୍ୟ। ଯେଉଁମାନେ ପ୍ରଭୁଙ୍କ ବାଣୀକୁ କର୍ଣ୍ଣପାତ କରନ୍ତି, ଆପଣ ସେମାନଙ୍କ ମଧ୍ୟରେ ପରିଗଣିତ ହେବେ ବୋଲି ମୋର ଆଶା। ସେହି ପଥରେ ଯେଉଁମାନେ ପରିଚାଳିତ ହେବାର ସଫଳତା ହାସଲ କରନ୍ତି, ଆପଣ ସେହି ପଥକୁ ଅନୁସରଣ କରନ୍ତୁ। କାରଣ ତାହା ଆକାଶ ଓ ପୃଥିବୀର ଅଧିଶ୍ୱରଙ୍କ ନିର୍ଦ୍ଦେଶିତ ପଥ। ମୋର ଆପଣମାନଙ୍କୁ ଅନୁରୋଧ ଯେ ପୃଥିବୀକୁ ଯୁଦ୍ଧର ତଟଦେଶରେ ପହଞ୍ଚାଇବା ପରିବର୍ତ୍ତେ ମାନବିକତାକୁ ବିଶ୍ୱବ୍ୟାପି ଧ୍ୱଂସ ମୁଖରୁ ରକ୍ଷା କରିବା ପାଇଁ ଆପଣ ଯଥାସାଧ ଉଦ୍ୟମ କରନ୍ତୁ। ବଳ ପ୍ରୟୋଗ ଦ୍ୱାରା ବିବାଦର ସମାଧାନ କରିବା ପରିବର୍ତ୍ତେ ଆପୋଷ ଆଲୋଚନା ମାଧ୍ୟମରେ ଉତ୍ତମ ଭାବ ବିନିମୟ ଦ୍ୱାରା ମିମାଂସା କରିବା ଉଚିତ୍। ଯଦ୍ଦ୍ୱାରା ଆମେ ଆମ ଆଗାମୀ ବଂଶଧରମାନଙ୍କୁ ଏକ ଉଜ୍ଜ୍ୱଳ ଭବିଷ୍ୟତର ଉପହାର ଦେଇପାରିବା। ଅନ୍ୟଥା ଆମେ ସେମାନଙ୍କୁ ପଙ୍ଗୁ ଓ ବିକଳାଙ୍ଗର ଉପହାର ଦେବା ହିଁ ସାର ହେବ।

ଅନ୍ତିମ ଯୁଗର ପ୍ରବର୍ତ୍ତକ, ପ୍ରତିଶ୍ରୁତ ଅବତାର ଓ ମସିହ ତଥା ଅହମଦୀୟା ମୁସଲିମ ସଂପ୍ରଦାୟର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦ ସାହେବ(୧୮୩୫-୧୯୦୮)ବିଶ୍ୱ ସମାଜକୁ ମହା ବିଶ୍ୱଯୁଦ୍ଧର ଚେତାବନୀ ଦେଇ କୁହନ୍ତି, ହେ ୟୁରୋପ! ତୁ ମଧ ଶାନ୍ତିରେ ନାହୁଁ। ହେ ଏସିଆ! ତୁ ମଧ ନିରାପଦ ନାହୁଁ। ହେ ଦ୍ୱୀପପୁଞ୍ଜବାସୀ! କୌଣସି କୃତ୍ରିମ ଈଶ୍ୱର ତୁମକୁ ସାହାଯ୍ୟ କରିବେ ନାହିଁ। ମୁଁ ମହାନଗରୀ ସବୁ ଟଳି ପଡୁଥିବାର ଦେଖି ପାରୁଛି ଓ ଆବାଦି ବସ୍ତିକୁ ପରିତ୍ୟକ୍ତ ଓ ଅନାବାଦି ଅବସ୍ଥାରେ ଦେଖିବାକୁ ପାଉଛି। ପରମେଶ୍ୱର ବହୁ ସମୟ ଧରି ନୀରବ ରହିଲେ ଏବଂ ତାଙ୍କ ସମ୍ମୁଖରେ ବିଭତ୍ସ ଓ ଘୃଣିତ କାର୍ଯ୍ୟ କରାଗଲା, କିନ୍ତୁ ସେ ବାକ୍‌ସ୍ଫୁର୍ତ୍ତି କଲେ ନାହିଁ। ବର୍ତ୍ତମାନ ସେ ନିଜର ରୋଷଯୁକ୍ତ ମୁଖମଣ୍ଡଳ ଦେଖାଇଲେ। ଯାହାର କାନ ଅଛି, ସେ ଶୁଣୁ ଯେ ସେ ସମୟ ଏବେ ଆଉ ବେଶୀ ଦୂର ନାହିଁ। ମୁଁ ଯଥା ସାଧ ପ୍ରୟାସ କରିଛି ଯେ ପ୍ରଭୁଙ୍କ ଶାନ୍ତିପ୍ରଦ ଛାୟା ତଳେ ସମସ୍ତଙ୍କୁ ଏକତ୍ରିତ କରିବି। ପୁଣି ଏହା ଜରୁରୀ ଥିଲା ଯେ ନିୟତିର ବିଧାନ ଅବଶ୍ୟ ପୂରଣ ହେଉ। ମୁଁ ନିରାଟ ସତ କହୁଛି ଯେ ଏ ଦେଶର ନୂତନ ପରିବର୍ତ୍ତନ ମଧ ନିକଟତର ହୋଇ ଆସୁଛି। ନୋହାଙ୍କ ଯୁଗ ତୁମ ଚକ୍ଷୁ ସମ୍ମୁଖରେ ମହାଚକ୍ରବାତ ଜନିତ ବନ୍ୟାର ତାଣ୍ଡବ ଭଳି ଦୃଶ୍ୟ ଆସିଯିବ। ଲୁତ୍‌ଙ୍କ ଭୂମିର ଘଟଣା ତୁମେ ନିଜସ୍ୱ ନେତ୍ରରେ ଚରମ ବ୍ୟଭିଚାରର କୁପରିଣାମ ସ୍ୱରୂପ ଏଡ୍ସ ମହାମାରୀର ଭୟାବହତା ଦେଖିପାରିବ। କିନ୍ତୁ ପରମେଶ୍ୱର ପ୍ରକୋପ ସାଧନରେ ମନ୍ଥର ଗତିକୁ ପସନ୍ଦ କରନ୍ତି। ଏଣୁ ଅନୁତାପ କର। ଫଳରେ ତୁମ ପ୍ରତି ଦୟା କରା ଯାଇପାରିବ।

ଯଦି ବିଶ୍ୱବାସୀ ହଜରତ ଅହମଦଙ୍କ ଏହି ଅହି ଅମୂଲ୍ୟ ବାର୍ତ୍ତାକୁ ବୁଝି ତଦନୁଯାୟୀ କାର୍ଯ୍ୟ ନିର୍ବାହ କରନ୍ତେ ତାହେଲେ ବିଶ୍ୱରେ ଶାନ୍ତି ବିରାଜି ପାରନ୍ତା ଏବଂ ମନୁଷ୍ୟ ଜାତି ଆଉ ଅଧିକ ଦିନ ତିଷ୍ଠି ରହି ପାରନ୍ତା। ପରମତପ ଅଲ୍ଲାଃଙ୍କ ନିକଟରେ ଏତିକି ପ୍ରାର୍ଥନା ଯେ ସେ ସମସ୍ତ ମାନବ ସମାଜକୁ ଏଥିପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ। ବିଶ୍ୱବାସୀ ନିଜର ବ୍ୟକ୍ତିଗତ ସ୍ୱାର୍ଥ ଓ ବସ୍ତୁବାଦର ଲାଳସାକୁ ଜଳାଞ୍ଜଳୀ ଦେଇ ନିଜର ଦାୟିତ୍ୱ ପ୍ରତି ସଚେତନ ରହିବା ସଙ୍ଗେ ସଙ୍ଗେ ନିଜ କର୍ତବ୍ୟକୁ ସୁଚାରୁରୂପେ ସଂପାଦନ କରିବା ପାଇଁ ପ୍ରୟାସ କରିବେ। ପରମବ୍ରହ୍ମ ଅଲ୍ଲାଃ ଆମ ସମସ୍ତଙ୍କୁ ବିଶ୍ୱଯୁଦ୍ଧ ଜନିତ ଧ୍ୱଂସର ବିଭୀଷିକାର କୁପ୍ରଭାବରୁ ସୁରକ୍ଷିତ ରଖନ୍ତୁ। ଏହା ହିଁ ଆମର କାମନା।

କେରଙ୍ଗ-ଖୋର୍ଦ୍ଧା
ଦୂରଭାଷ : ୯୬୯୨୨୨୫୦୫୭

# କାନାଡା ଓ ପାକିସ୍ତାନ ଆତଙ୍କବାଦୀଙ୍କ ଭୂସ୍ୱର୍ଗ



ଆଶୁତୋଷ ନାୟକ

ଏକବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ସମଗ୍ର ବିଶ୍ୱ ଯେଉଁ ଏକ ଭୟଙ୍କର ସମସ୍ୟାରେ ଜର୍ଜରିତ ତାହା ହେଉଛି ଆତଙ୍କବାଦ। ନୈତିକତା ଓ ମାନବିକତାଶୂନ୍ୟ କେତେକ, ବିଶୃଙ୍ଖଳିତ ପଥଭ୍ରଷ୍ଟ, ଅଧର୍ମୀ, ଅତ୍ୟାଚାରୀ ଉଦ୍ଭ୍ରାନ୍ତ ବ୍ୟକ୍ତିଙ୍କର ରଗ୍‌ଣ ଏବଂ ବର୍ବର ମାନସିକତା ପ୍ରସୁତ ପୈଶାଚିକ ଆଚରଣ ହିଁ ଆତଙ୍କବାଦ। ନିରୀହ ଲୋକଙ୍କୁ ଆକ୍ରମଣ କରି ସେମାନଙ୍କୁ ଭୟଭୀତ କରିବା ସେମାନଙ୍କ ମୁଖ୍ୟ ଲକ୍ଷ୍ୟ। ସଂଘଟିତ ହତ୍ୟା, ଲୁଣ୍ଠନ, ଯାତ୍ରୀବାହୀ ବିମାନ ଅପହରଣ ଓ ବିସ୍ଫୋରଣ ଘଟାଇ ସାମାଜିକ ଧନଜୀବନ କ୍ଷତିସାଧନ ତାଙ୍କର ମୂଳଲକ୍ଷ୍ୟ। ଏକବିଂଶ ଶତାବ୍ଦୀରେ ସମଗ୍ର ବିଶ୍ୱ ପାଇଁ ଆତଙ୍କବାଦ ଏକ ଗମ୍ଭୀର ସମସ୍ୟା ଭାବେ ଦଣ୍ଡାୟମାନ। ବର୍ତ୍ତମାନ ପରିସ୍ଥିତିରେ ବିଶ୍ୱର ସମସ୍ତ ରାଷ୍ଟ୍ରଗୁଡ଼ିକ ନିଜର ରାଜନୈତିକ ମହତ୍ୱାକାଂକ୍ଷାରୁ ଉପରକୁ ଉଠି ସୁଚିନ୍ତିତ ରଣନୀତି ପ୍ରସ୍ତୁତ କରି ଆତଙ୍କବାଦୀଙ୍କର ବଂଶ ନିପାତ କରିବା ପାଇଁ ତତ୍ପରତା ପ୍ରକାଶ କରିବା ନିହାତି ଆବଶ୍ୟକ। କିଛି ରାଜନୈତିକ ସଂକୀର୍ଣ୍ଣ ଧର୍ମାନ୍ଧ ଅମାନବୀୟ ଅଭିପ୍ରାୟ ନେଇ ପାକିସ୍ତାନ ଓ କାନାଡା ଭଳି କିଛି ରାଷ୍ଟ୍ର ଆତଙ୍କବାଦୀଙ୍କର ହର୍ତ୍ତାକର୍ତ୍ତା ଦୈବ ବିଧାତା ସାଜିଛନ୍ତି। ଆତଙ୍କବାଦୀ ସଂଗଠନ ମାନଙ୍କୁ ଆର୍ଥିକ ସହାୟତା ଚୀନ୍,ପାକିସ୍ତାନ, ଆମେରିକା ପରି ରାଷ୍ଟ୍ର ବାରମ୍ବାର କରୁଛନ୍ତି। ଏହି ଉଗ୍ରବାଦୀ ସଂଗଠନମାନଙ୍କୁ ସଶକ୍ତ କରିବାରେ ସେମାନେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ସମସ୍ତ ସହାୟତା ଯୋଗାଇ ଦେଉଛନ୍ତି।

ଭାରତ ବିରୋଧୀ ଷଡ଼ଯନ୍ତ୍ରରେ ସାମିଲ୍ ଥିବା କିଛି ଦୁର୍ଦ୍ଧାନ୍ତ ଆତଙ୍କବାଦୀମାନେ ଚୀନ୍, ପାକିସ୍ତାନ, ତୁର୍କୀ, କାନାଡା ଭଳି ରାଷ୍ଟ୍ରରେ ନିର୍ବିଘ୍ନରେ ଆତ୍ମଗୋପନ କରୁଥିବାର ପ୍ରମାଣ ମିଳେ। ଆତଙ୍କବାଦୀଙ୍କୁ ସୁରକ୍ଷା ଓ ପ୍ରୋତ୍ସାହନ ଦେବା ଅର୍ଥ ନିଜେ ବିପଦକୁ ଡାକି ଆଣିବା। ସେଥିପାଇଁ ଅତିବଡ଼ି ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତରେ ଲିଖିତ 'ଆପଣା ହସ୍ତେ ଜିହ୍ୱା ଛେଦି, କେ ଅଛି ତାର ପ୍ରତିବାଦୀ'?

ଆତଙ୍କବାଦ ଏକ ପନ୍ଥା ଯଦ୍ଦ୍ୱାରା ଏକ ସଂଘଟିତ ଗୋଷ୍ଠୀ ନିଜର ଲକ୍ଷ୍ୟ ମୁଖ୍ୟତଃ ହିଂସ୍ର ପଦ୍ଧତି ଅବଲମ୍ବନ କରି ଚରିତାର୍ଥ କରନ୍ତି। ଜଣେ ଚୀନ୍ ଦାର୍ଶନିକଙ୍କ ମତରେ ଆତଙ୍କବାଦର ମୁଖ୍ୟ ଲକ୍ଷ୍ୟ ହେଉଛି ଜଣକୁ ହତ୍ୟା କରି ଅନେକ ଲୋକଙ୍କୁ ଭୟଭୀତ କରାଇବା। ସାମାଜିକ ଓ ସାମ୍ପ୍ରଦାୟିକ ସମନ୍ୱୟକୁ କେନ୍ଦ୍ର କରି ସେମାନେ ଜନସାଧାରଣଙ୍କ ମଧ୍ୟରେ ହିଂସାର ବାତାବରଣ ରୂପ ଦେଉଛନ୍ତି। ସଂକୀର୍ଣ୍ଣ ସ୍ୱାର୍ଥ ନିମନ୍ତେ ଏମାନେ ଭୟ ଓ ଆତଙ୍କ ମାଧ୍ୟମରେ ସମାଜରେ ଅରାଜକତା ସୃଷ୍ଟି କରୁଛନ୍ତି ତଥା ଶିଳ୍ପ ଓ ବାଣିଜ୍ୟର ପ୍ରଗତିରେ ବାଧକ ସାଜୁଛନ୍ତି। ଏହା ସହିତ ସୂଚନା ଓ ପ୍ରଯୁକ୍ତି ଉଦ୍ୟୋଗକୁ ମଧ ସେମାନେ ଦୁର୍ବଳ କରିଦେଉଛନ୍ତି।

ଉଗ୍ରପନ୍ଥୀ ମାନେ ଆମ ଦେଶର ଆର୍ଥିକ ରାଜଧାନୀ , ପ୍ରମୁଖ ବାଣିଜ୍ୟ ପେଣ୍ଠସ୍ଥଳୀ, ବିମାନ ବନ୍ଦର, ରେଳଷ୍ଟେସନ, ରେଳପଥ, ବିଭିନ୍ନ ରାଜନୈତିକ ବ୍ୟକ୍ତି ଓ ପ୍ରତିଷ୍ଠିତ ବ୍ୟବସାୟୀମାନଙ୍କୁ ଆକ୍ରମଣ କରି ଭୟାବହ ପରିସ୍ଥିତି ସୃଷ୍ଟି କରୁଛନ୍ତି। ସେମାନଙ୍କର ଲକ୍ଷ୍ୟ ହାସଲ ନିମନ୍ତେ ସୁଚିନ୍ତିତ ଷଡ଼ଯନ୍ତ୍ର କରୁଛନ୍ତି ଭାରତ ବିରୁଦ୍ଧରେ। ବିଭିନ୍ନ ସଂଗଠନମାନ ଗଢ଼ି ନିଜର ଅନୈତିକ ଦାବି ଉପସ୍ଥାପନ କରି ସରକାର ଉପରେ ଚାପ ପ୍ରୟୋଗ କରୁଛନ୍ତି। ନିଜର ସଂକୀର୍ଣ୍ଣ ସ୍ୱାର୍ଥ ହାସଲ ପାଇଁ ସେମାନେ ଅସଂଖ୍ୟ ଜନସାଧାରଣଙ୍କୁ ମୃତ୍ୟୁର କରାଳ ଗ୍ରାସ ମଧ୍ୟକୁ ଟାଣି ନେଉଛନ୍ତି। ପ୍ରଚୁର ଅର୍ଥ ଲାଳସା ଓ ନିଶାଦ୍ରବ୍ୟର ଅଧୀନ ହୋଇ ସେମାନେ ଜନଗହଳିପୂର୍ଣ୍ଣ ଅଞ୍ଚଳ ଯେପରି ରେଳଷ୍ଟେସନ, ବିମାନବନ୍ଦର, ମାର୍କେଟ କଂପ୍ଲେକ୍ସରେ ବିସ୍ଫୋରଣ ଘଟାଇ ଅନେକ ଧନଜୀବନ ନଷ୍ଟ କରୁଛନ୍ତି।

ଭାରତ ସରକାରଙ୍କ ପ୍ରତିରକ୍ଷା ରାଜ୍ୟ ମନ୍ତ୍ରୀ ଅଜୟ ଭଟ୍ଟ ରାଜ୍ୟସଭାରେ ଦେଉଥିବା ମନ୍ତବ୍ୟ ଅନୁସାରେ ସମୁଦାୟ ୫୬୦୧ ଥର ପାକିସ୍ତାନ ଅସ୍ତ୍ର ବିରତି ଚୁକ୍ତି ଉଲଙ୍ଘନ (୩୦ ନଭେମ୍ବର ୨୦୧୯ ରୁ ୨୯ ନଭେମ୍ବର ୨୦୨୧) ମଧ୍ୟରେ କରିଛି। ପାକିସ୍ତାନର ସଂଗଠିତ ହୋଇଥିବା ଆତଙ୍କୀ ସଂଗଠନ 'ଜୈସ୍ -ଏ-ମହମ୍ମଦ' ୨୦୧୬ ମସିହାର ଉରୀ ଅତର୍କିତ ଆକ୍ରମଣ ପାଇଁ ଦାୟୀ। ସେଥିପାଇଁ ଆମଦେଶର ୧୯ଜଣ ଲଢୁଆ ସେନାନୀ ଆତ୍ମ ବଳିଦାନ ଦେଇଥିଲେ। ସେହିପରି ୧୯୯୯ ମସିହାରେ କାରଗିଲ୍ ଯୁଦ୍ଧରେ ଭାରତ ସରକାରଙ୍କ ସରକାରୀ ହିସାବ ମୁତାବକ ୫୨୭ ଜଣ ସହୀଦ୍ ଏବଂ ୧୩୬୩ ଜଣ ଗମ୍ଭୀର ଆହତ ହୋଇଥିଲେ।

ବିଭିନ୍ନ ଜାତୀୟ, ଆନ୍ତର୍ଜାତୀୟ ଗଣମାଧ୍ୟମର ତଥ୍ୟ ମୁତାବକ ୨୦୧୪ମସିହାରେ ୮୬୦ଥର, ୨୦୧୫ ରେ ରେ ୮୮୪ଥର , ୨୦୧୬ରେ ୧୦୨୫ଥର ଓ ୨୦୧୭ ମସିହାରେ ୯୬୬ଥର ଅନୁପ୍ରବେଶ ହୋଇଥିଲା। ଆମଦେଶର ସଂଗଠିତ ସମସ୍ତ ଆତଙ୍କୀ ହମଲାରେ ପାକିସ୍ତାନର ପ୍ରତ୍ୟକ୍ଷ-ପରୋକ୍ଷ ସଂପୃକ୍ତି ରହିଆସିଛି। ସେମାନଙ୍କର ଅଭ୍ୟାସଗତ ମନ୍ଦ ଉଦ୍ଦେଶ୍ୟ ଚରିତାର୍ଥ କରିବା ନିମନ୍ତେ ଭାରତରେ ଏବେବି କିଛି ସ୍ଲିପରସେଲ୍ ଶୁପ୍ତାବସ୍ଥାରେ ଅଛନ୍ତି। ୨୬/୧୧ ମୁମ୍ବାଇ ଘଟଣା ଏହାର ଜ୍ୱଳନ୍ତ ଉଦାହରଣ। ଏହାଥିଲା ତତ୍ ସମୟର ଲୋମହର୍ଷକ ଘଟଣା ଯେଉଁଥିରେ ଏଟିଏସ୍‌ର ମୁଖ୍ୟଙ୍କ ସମେତ ୧୭୫ରୁ ଉର୍ଦ୍ଧ୍ୱ ଲୋକେ ପ୍ରାଣ ହରାଇଥିଲେ ଓ ୩୦୮ ଜଣ ଆହତ ହୋଇଥିଲେ। ପାକିସ୍ତାନର ପ୍ରରୋଚନାରେ ଆତଙ୍କୀ ସଂଗଠନ ଲସ୍କର-ଏ-ତୋଇବା ଦ୍ୱାରା ପ୍ରେରିତ ୧୦ ଜଣ ଦୁର୍ଦ୍ଧାନ୍ତ ଆତଙ୍କବାଦୀ ଏହି ନାରକୀୟ କାଣ୍ଡ ଘଟାଇଥିଲେ।

ସମସ୍ତ ଆତଙ୍କବାଦୀ ସଂଗଠନକୁ ପାକ୍ ସର୍ବଦା ଭାରତ ବିରୁଦ୍ଧରେ ଉପଯୋଗ କରେ ଏବଂ ନିଜର ସମସ୍ତ ଶକ୍ତି ସାମର୍ଥ୍ୟ, ଅର୍ଥ ଆତଙ୍କବାଦୀ ସଂଗଠନକୁ ଗଢିବା, ବଢିବା ଓ ତାଲିମ୍ ଦେବାରେ ବିନିଯୋଗ କରେ। ଯାହାଫଳରେ ସେମାନେ ଭାରତରେ ଧ୍ୱଂସର ତାଣ୍ଡବ ଲୀଳା ରଚାଇ ପାରିବେ।ଗତ କିଛି ବର୍ଷ ମଧ୍ୟରେ ପାକିସ୍ତାନ ଦ୍ୱାରା ପ୍ରେରିତ ଉଗ୍ରବାଦୀମାନେ ଭାରତୀୟ ସେନା ସହ ସମ୍ମୁଖ ଲଢେଇରେ ବିପୁଳ କ୍ଷୟକ୍ଷତିର ସମ୍ମୁଖୀନ ହେଉଛନ୍ତି ତେଣୁ ସେମାନେ ସେନାକୁ ପଛପଟୁ ଆକ୍ରମଣ କରୁଛନ୍ତି। ଆତଙ୍କବାଦୀମାନଙ୍କୁ ଏହା ଭଲ ଭାବରେ ଜଣା ସମ୍ମୁଖ ଯୁଦ୍ଧରେ ଭାରତୀୟ ଯବାନମାନଙ୍କର ସମ୍ମୁଖୀନ ହେବା ତାଙ୍କ ପକ୍ଷରେ ଅସମ୍ଭବ ସେଥିପାଇଁ ସେମାନେ ଭୀରୁ କାପୁରୁଷ ଭଳି ଶୀତଳ ଯୁଦ୍ଧର ସାହାରା ନେଉଛନ୍ତି।

ଭାରତ ସରକାରଙ୍କ ତଥ୍ୟ ଅନୁସାରେ ୧୯୭୦ ରୁ ୨୦୧୫ ମଧ୍ୟରେ ଭାରତରେ ୯୯୮୨ଟି ଆତଙ୍କବାଦୀ ହମଲା ହୋଇଥିବା ବେଳେ ୧୮,୮୪୨ରୁ ଉର୍ଦ୍ଧ୍ୱ ନିରୀହ ଜନତାଙ୍କ ମୃତ୍ୟୁ ହୋଇଥିଲା। ୨୦୧୬ ଜାନୁଆରୀ ୨ ତାରିଖରେ ପଞ୍ଜାବର ପଠାନକୋଟ୍ ବାୟୁ ସେନା ଶିବିରରେ ଆତଙ୍କବାଦୀ ଅନୁପ୍ରବେଶ ଘଟିଥିଲା। ଏଥିରେ ୫ ଜଣ ସହିଦ୍ ହୋଇଥିଲେ।୨୦୧୬ ସେପ୍ଟେମ୍ବର ୧୮ ରେ କାଶ୍ମୀରର ଉରୀ ରେ ସବୁଠୁ ଭୟାନକ ହମଲା ହୋଇଥିବା ବେଳେ ୧୯ ଜଣ ସହିଦ୍ ହୋଇଥିଲେ। ୨୦୧୯ ଫେବୃଆରୀ ୧୪ ରେ ବିଶ୍ୱ ଭାଲେଣ୍ଟାଇନସ୍ ଦିବସ ପାଳୁଥିବା ବେଳେ ଆମ ଦେଶର ବୀର ଯବାନ୪୨ ଜଣ ସହିଦ୍ ହୋଇଥିଲେ।

ନିଜର ରାଜନୈତିକ ମହତ୍ୱାକାଂକ୍ଷା ଏବଂ କ୍ଷମତା ଲାଳସା ପାଇଁ କାନାଡା ପ୍ରଧାନମନ୍ତ୍ରୀ 'ଜଷ୍ଟିନ୍ ଟ୍ରୁଡୋ' ସମସ୍ତ ଖଲିସ୍ତାନୀ ଆତଙ୍କବାଦୀ ମାନଙ୍କୁ ସୁରକ୍ଷା ଦେଉଛନ୍ତି ଏବଂ ନିଜ ଦେଶରେ ଭାରତ ବିରୋଧୀ ଖାଲିସ୍ ଆତଙ୍କୀ ମାନଙ୍କୁ ଆତଙ୍କୀ କାର୍ଯ୍ୟକଳାପ କରିବାକୁ ଯଥେଷ୍ଟ ସୁଯୋଗ ଦେଉଛନ୍ତି। କ୍ଷମତା ରାଜନୀତି ପାଇଁ ଜଷ୍ଟିନ୍ ଟ୍ରୁଡୋଙ୍କ ଖଲିସ୍ତାନୀ ଉଗ୍ରବାଦୀ ମାନଙ୍କ ଭଳି ଅସାମାଜିକ ତତ୍ତ୍ୱଙ୍କ ହତ୍ୟାରେ ବିଳାପ କରିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା । ଖାଲିସ୍ ଦତ୍ତ୍ଦାନ୍ତ ଆତଙ୍କୀ ହରଦୀପ ସିଂହ ନିଜ୍ଜାର ହତ୍ୟା ମାମଲାରେ ତାଙ୍କର ଭାରତ ଓ ଭାରତୀୟ କାନାଡ଼ା ନିବାସୀ ବନ୍ଧୁ ମାନଙ୍କ ପ୍ରତି ମନ୍ତବ୍ୟ ତାଂକର ଲୋକପ୍ରିୟତା ସାଂଘାତିକ ଭାବେ ହ୍ରାସ କରୁଛି। ନିକଟରେ ହୋଇଥିବା ଜନମତ ସର୍ଭେ ମୁତାବକ କାନାଡାର ୪୦% ନାଗରିକ ବିରୋଧୀ ଦଳ ନେତା ପିୟର୍ ପୋଲିବରେଙ୍କୁ ପ୍ରଧାନମନ୍ତ୍ରୀ ରୂପେ ପସନ୍ଦ କରୁଥିବା ଜଣାପଡିଛି। ଏବେ ନିର୍ବାଚନ ହେଲେ କାନାଡାରେ ପିୟର୍ ପୋଲିବରେଙ୍କୁ ୩୯% ଭୋଟ ମିଳିବ ଏବଂ ଟ୍ରୁଡୋଙ୍କୁ ମାତ୍ର ୩୦% ଭୋଟ ମିଳିବ। ସେହିପରି ଅନ୍ୟ ଏକ ସର୍ଭେରୁ ଜଣାପଡିଛି ଟ୍ରୁଡୋ ହଉଛନ୍ତି ୫୦ବର୍ଷ ମଧ୍ୟରେ ସବୁଠୁ ଖରାପ ଏବଂ ବିଫଳ ପ୍ରଧାନମନ୍ତ୍ରୀ।

ନିକଟରେ ଘଟିଥିବା ଘଟଣାକୁ ଲକ୍ଷ୍ୟ କଲେ ଏହା ପ୍ରତୀୟମାନ ହେଉଛି ଉଭୟ ଆତଙ୍କବାଦକୁ ନେଇ କୁମ୍ଭୀର କାନ୍ଦଣା ନୀତିକୁ ଆପଣେଇଛନ୍ତି ଏବଂ ଦୁମୁହାଁ ନୀତି ଅନୁସରଣ କରୁଛନ୍ତି। ଏହା ତାଙ୍କର ବିଶ୍ୱାସୀନତା ଉପରେ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି। ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂ ନିଜ୍ଜାର ହତ୍ୟା ଉପରେ ଆମେରିକା କାନାଡ଼ାକୁ ଗୁଇନ୍ଦା ତଥ୍ୟ ପ୍ରଦାନ କରିଛି। ଏହି ମାମଲାରେ ଆମେରିକାର ଭୂମିକା ଏବେ ସନ୍ଦେହ ଘେରରେ।

ପାକିସ୍ତାନୀ ଆତଙ୍କବାଦୀ ସଂଗଠନ 'ଲସ୍କର-ଏ -ତୋଏବା ' ପକ୍ଷରୁ ଜଣେ ଆତଙ୍କବାଦୀକୁ ଡ୍ରୋନ ସାହାଯ୍ୟରେ ପଞ୍ଜାବ ପଠାଯାଇଥିଲା। ଗୁଇନ୍ଦା ସୂତ୍ରରୁ ମିଳଥିବା ସୂଚନା ଅନୁସାରେ ପାକିସ୍ତାନ ପଟୁ ବିଶେଷ କରି ଜାମ୍ମୁ -କାଶ୍ମୀର, ପଞ୍ଜାବରେ ଡ୍ରୋନ ସାହାଯ୍ୟରେ ଡ୍ରଗ୍ସ ଏବଂ ଆତଙ୍କବାଦୀ ଗତିବିଧି ପାଇଁ ଅସ୍ତ୍ରଶସ୍ତ୍ର ପଠାଯାଉଛି। ଏବେ ଟେକ୍ନୋଲୋଜି ଏବଂ ଡ୍ରୋନ ଆଦିର ବ୍ୟବହାର କରି ପ୍ରାକ୍ ଆତଙ୍କବାଦୀ ମାନେ ଭାରତୀୟ ସୀମା ଭିତରେ ଅନୁପ୍ରବେଶ କରିବାକୁ ଉଦ୍ୟମ କରୁଛନ୍ତି। ନିକଟରେ କାଶ୍ମୀର ଅନନ୍ତନାଗରେ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ 'ଲସ୍କର-ଏ-ତୋଏବା ଦ୍ୱାରା ପ୍ରେରିତ ଆତଙ୍କବାଦୀଙ୍କ ସହିତ ଆମ ଦେଶର ସାହସୀ, ବୀର, ଯବାନମାନଙ୍କର ରକ୍ତାକ୍ତ ସଙ୍ଘର୍ଷ ହେଇଥିଲା। କାଶ୍ମୀରର ଅନନ୍ତନାଗରେ ଆତଙ୍କବାଦୀଙ୍କ ସହ ମୁହାଁମୁହିଁ ବେଳେ ସହିଦ ହୋଇଥିବା ମେଜର ଆଶିଷ ସାହସର ସହିତ ଲଢେଇ କରିଥିଲେ। ଘଞ୍ଚ ଜଙ୍ଗଲରେ ସେ ଆତଙ୍କବାଦୀଙ୍କ ସହ ମୁହାଁମୁହିଁ ହେଇଥିଲେ। ଆତଙ୍କୀଙ୍କ ଆଖିବୁଜା ଗୁଳିମାଡ଼ ପରେ ମେଜର ଆଶିଷଙ୍କ ଜଙ୍ଘରେ ଗୁଳି ବାଜିଥିଲା। ପ୍ରବଳ ରକ୍ତସ୍ରାବ ହେବା ସତ୍ତ୍ୱେ ଦୀର୍ଘ ୧୦ଘଣ୍ଟା ଧରି ଆତଙ୍କବାଦୀକୁ ନିପାତ ଅଭିଯାନରେ ଲାଗିଥିଲେ। ଶେଷରେ ସେ ସହିଦ୍ ହେଇଯାଇଥିଲେ।


ପାକିସ୍ତାନ ପ୍ରଯୋଜିତ ଆତଙ୍କବାଦୀମାନଙ୍କ ଦ୍ୱାରା କେବେ ଏ ନରସଂହାର ବନ୍ଦ ହେବ? ଆତଙ୍କବାଦୀଙ୍କ ବିରୋଧରେ ଭାରତସରକାରଙ୍କୁ ପୁଣିଥରେ ବଡ ସର୍ଜିକାଲ୍ ଷ୍ଟ୍ରାଇକ୍ କରିବା ପାଇଁ ପଦକ୍ଷେପ ନେବାକୁ ପଡିବ। ଏଥିପାଇଁ ଭାରତ ସରକାରଙ୍କୁ ଗମ୍ଭୀରତାର ସହ ବିଚାର କରି ସୁଚିନ୍ତିତ ରଣନୀତି ପ୍ରସ୍ତୁତ କରିବାକୁ ପଡିବ। ଆତଙ୍କବାଦୀ ମାନଙ୍କୁ ଦମନ କରିବାରେ ବିଶ୍ୱର ସଫଳତମ ରାଷ୍ଟ୍ର ଇସ୍ରାଏଲ ଠାରୁ ଭାରତ ସରକାର ଶିକ୍ଷା ନେବା ଉଚିତ। କ୍ଷୁଦ୍ର ଦେଶ ହେଲେ ମଧ ଇସ୍ରାଏଲ ସରକାର ଦେଶର ନାଗରିକଙ୍କ ସୁରକ୍ଷା ପାଇଁ ଯେକୌଣସି ପଦେକ୍ଷପ ଗ୍ରହଣ କରିପାରନ୍ତି। ବିଶ୍ୱର ଏକମାତ୍ର ଦେଶ ଇସ୍ରାଏଲ ଯାହାର ସେନା ଦୈନିକ ସର୍ଜିକାଲ ଷ୍ଟ୍ରାଇକ କରନ୍ତି। ହେଲେ ଆମ ଦେଶର ନେତା ନିଜର ରାଜନୈତିକ ସ୍ୱାର୍ଥ ହାସଲ କରିବା ପାଇଁ ବିଭିନ୍ନ ପ୍ରକାର ରଣକୌଶଳ ଆପଣେଇଥାନ୍ତି। ଯାହାଦ୍ୱାରା କି ସହଜରେ ଭୋଟ ହାତେଇ ପାରିବେ। ଏହିଭଳି କେତେକ ସୁବିଧାବାଦୀ କ୍ଷମତାପିପାସୁ ରାଜନେତା ମାନେ କ୍ଷମତା ହାସଲ କରିବା ପାଇଁ ଯେକୌଣସି ସ୍ତରକୁ ମଧ୍ୟ ଖସି ଯାଇପାରନ୍ତି। ସମୟ ଆସିଛି ଦଳଗତ ନିର୍ବିଶେଷରେ ପାକିସ୍ତାନ ସ୍ଥିତ ଆତଙ୍କବାଦୀ ଜେସ-ଇ-ମହମ୍ମଦ ଓ ଲସ୍କର-ଇ-ତୋଇବା ଭଳି ସଂଗଠନକୁ ଆନ୍ତର୍ଜାତୀୟ ସ୍ତରରେ ଆତଙ୍କବାଦୀ ଘୋଷଣା କରିବା। ଆତଙ୍କବାଦୀଙ୍କର ହର୍ତ୍ତା କର୍ତ୍ତା ଦୈବ୍ୟ ବିଧାତା ସାଜିଥିବା ପାକିସ୍ତାନକୁ ଆତଙ୍କବାଦୀ ରାଷ୍ଟ୍ର ଘୋଷଣା କରାଯିବାକୁ ଅନ୍ତର୍ଜାତିକ ସ୍ତରରେ ଚାପ ସୃଷ୍ଟି କରାଯାଉ। ସେହି ସବୁ ରାଷ୍ଟ୍ର ମାନଙ୍କ ସହିତ ଆମ ଦେଶର ସମ୍ପର୍କ ଛିନ୍ନ କରିବା ଯେଉଁମାନେ ଆତଙ୍କବାଦୀ ମାନଙ୍କୁ ନିଜ ଦେଶରେ ପ୍ରଶୟ ଦେଉଛନ୍ତି ଏବଂ ଭାରତ ବିରୁଦ୍ଧରେ ନିଜର ଆତଙ୍କରାଜ ଚଳାଇଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ କାନାଡ଼ା, ପାକିସ୍ତାନ, ଚୀନ ଭଳି କିଛି ରାଷ୍ଟ୍ର। ଆମେରିକା ଓ ଚୀନ ପାକିସ୍ତାନକୁ ସାହାଯ୍ୟ କରୁଛନ୍ତି ଭାରତ ବିରୋଧରେ ଆତଙ୍କବାଦୀ ଆକ୍ରମଣ କରିବା ପାଇଁ ସାମରିକ ଓ ଆର୍ଥିକ ସହାୟତା ଯୋଗାଉଛନ୍ତି ଏବଂ ପାକିସ୍ତାନକୁ ଭାରତ ବିରୋଧରେ ଉସୁକାଉଛନ୍ତି। ସେହି ସବୁ ରାଷ୍ଟ୍ର ମାନଙ୍କ ସହିତ ଭାରତ ସମ୍ପର୍କ ଛିନ୍ନ କରିବାରେ ଆବଶ୍ୟକତା ରହିଛି।

ଗୋପାଳପୁର, ବାଲେଶ୍ୱର
ଦୂରଭାଷ : ୭୦୨୦୬୧୧୩୦୦

## ଧାରାବାହିକ ଉପନ୍ୟାସ



**କ୍ଷୀରୋଦ ଦାସ**



ଭାଗ-୧୭

(ପୂର୍ବପ୍ରକାଶ ଉତ୍ତାରୁ)

ଧନ! ଐଶ୍ୱର୍ଯ୍ୟ! କ୍ଷମତା!

ହେ, ଏସବୁ ତୁଚ୍ଛ କଥା। ନିହାତି ଅଳୀକ। ଏସବୁକୁ ନେଇ କଣ ଗର୍ବ କରିହୁଏ? ଭଲ ଜୀବନଯେ ବଞ୍ଚି ହୁଏ? କେଜାଣି?

ରାଜଲକ୍ଷ୍ମୀ ବି ଶୁଖି ଶୁଖି କଣ୍ଟା ହେଲେଣି। ପୁଅ କଥା ଭାଳି ଭାଳି ଆହାର ନିଦ୍ରା ଛାଡି ସାରିଲେଣି। ଅଥଚ ନିଜ ଭାବନା ଓ ତାଙ୍କ ଭାବନା ଭିତରେ କେତେ ପ୍ରଭେଦ ସତେ!

କାନ୍ଦି କାନ୍ଦି ଦିନେ କହିଲେ ରାଜଲକ୍ଷ୍ମୀ- "ସବୁ କିଛି ଶେଷ ହୋଇଯାନାହିଁ। ଏ ଦୁଃସମୟ ସବୁଦିନ ରହିବ ନାହିଁ। ପୁରୁଣା କଥାକୁ ଜାବୁଡି ଧରି କାହିଁକି ନିଜକୁ ତିଳ ତିଳ କରି ଶେଷ କରୁଛ? ଅନ୍ୟକୁ କି ଯାତନା ଦେଉଛ! ଆଗକୁ ନାହିଁ କି ପଛକୁ ନାହିଁ, ଗୋଟିଏ ବୋଲି ଛୁଆ ଆମର। କେତେ ଓଷାବ୍ରତ କରି ପାଇଥିଲେ ତାକୁ। ମାନୁଛି ସେ ଭୁଲ୍ କରିଛି। ତା' ବୋଲି ବାପା ମା' ହୋଇ ଛୁଆର ସେଇ ଭୁଲ୍‌କୁ କଣ ଗଣ୍ଠି ପକାଇ ଧରି ବସିଥିବା ଆମେ!"

ପତ୍ନୀଙ୍କ ଆବେଗବୂର୍ଣ୍ଣ ଲମ୍ୱା ଭାଷଣ କୌଣସି ପ୍ରଭାବ ପକାଇ ପାରୁ ନଥିଲା ଶୁଭକାନ୍ତଙ୍କ ମନ ଉପରେ। ତାଙ୍କ ଛାତି ଭିତରେ ଯେଉଁ ଗଭୀର କ୍ଷତରୁ ତାଜା ରକ୍ତ ଝରୁଛି, ତାହା କେବେ ବି ବନ୍ଦ ହେବାର ନାହିଁ। ସେକଥା ବା ରାଜଲକ୍ଷ୍ମୀ ବୁଝିବେ କୁଆଡୁ? ପତ୍ନୀଙ୍କର ଦୁଃଖ କେବଳନ ନିଜ ପୁଅ ପାଇଁ। କାଲି ଯଦି ପୁଅ ଜେଲ୍‌ରୁ ମୁକୁଳି ଆସିବ, ଅଦିନିଆ ମେଘ ପରି ତାଙ୍କ ମନ ଉପରୁ ସବୁ ଦୁଃଖର ବାଦଲ ଆପଣାଛାଏଁ ଅପସରି ଯିବ, ଏକଥା ସତ୍ୟ।

କିନ୍ତୁ ତାଙ୍କ ନିଜ ଛାତି ଭିତରର ଘାଆ ଶୁଖିପାରିବ ତ!

- ତମକୁ ମୋ ରାଣ, ପୁରୁଣା ରାଗ ଅଭିମାନ ଭୁଲି ଆମ ପୁଅକୁ ଜାମିନ୍‌ରେ ଆଣିବାର ବ୍ୟବସ୍ଥା କର। ଅନ୍ଧାରୁଆ କାଳ କୋଠରି ଭିତରେ ସେ କେତେଦିନ ରହିବ? ଏ ଘର ସଂସାର ସମ୍ଭାଳିବ କିଏ? ଆମେ କଣ ସବୁଦିନ ଥିବା? ପାଚିଲା ଆମ୍ବ ଆମେ। ଆଜି ଗଛ ଡାଳରେ ଝୁଲୁଛନ୍ତି, କାଲିକୁ ଗଳ କିନା ଖସିପଡିବା ଯେ...।- କହିଲେ ରାଜଲକ୍ଷ୍ମୀ।

ମୁହଁ ତୋଳି ଶୁଭକାନ୍ତ ଅନାଇଲେ ପତ୍ନୀଙ୍କୁ। ନା ପତ୍ନୀ ନୁହେଁ, ସଂଜୟର ମା'ଙ୍କୁ। କେତେ ସ୍ୱାର୍ଥପର, କେତେ ଅବିବେକୀ ହୋଇପାରେ ମଣିଷ! ଅନ୍ୟର ପଛେ ସର୍ବନାଶ ହୋଇଯାଉ, ମୁଁ ଓ ମୋର ସଂସାର ଭଲରେ ଥାଉ!

ଯେ କି ପ୍ରକାର ବିକଳ, ବିକୃତ ଆଉ ହୀନ ମାନସିକତା?

ଏତେ ଆତ୍ମକୈନ୍ଦ୍ରିକତା କ'ଣ ଶୋଭା ପାଏ ମଣିଷ ପାଖରେ?

ତାଙ୍କର ଇଚ୍ଛା ହେଉଥିଲା ରାଜଲକ୍ଷ୍ମୀଙ୍କ କଥାର କିଛି ଉତ୍ତର ନ ଦେଇ ସେ ଉଠି ପଳାଇବେ କିମ୍ବା ନିଦ ନ ହେଉ ପଛେ ଘୋଡିଘାଡି ହୋଇ ଶୋଇପଡିବେ ଅବା ଶୋଇପଡିବାର ଛଳନା କରିବେ।



କିନ୍ତୁ ସବୁ ସମସ୍ୟାର ସମାଧାନ କ'ଣ ଚୁପ୍ ରହିବା?

ସବୁ କଥାରେ ନିରବ ରହିବା ଅପାରଗତାର ଲକ୍ଷଣ ନୁହେଁ କି?

ନପାରିଲାପଣର ସଦ୍ୟ ଉଦାହରଣ ନୁହେଁ କି!

ଅତଏବ ଶୁଭକାନ୍ତ ମୁହଁ ଖୋଲିଲେ-

- "ତାକୁ ଜାମିନ୍‌ରେ ଆଣିବାର ଅର୍ଥ ନିଜ ବିବେକର ତଣ୍ଟିଚିପି ହତ୍ୟା କରିବା। ତାକୁ ଜେଲ୍‌ରୁ ମୁକୁଳେଇବାର ଅର୍ଥ ତା' ପାପକୁ ଅନ୍ତରର ସହ ସମର୍ଥନ କରିବା। ଏୟା ତୁମେ ଚାହଁ ତ!

: ମୁଁ କିଛି ଚାହେଁନା। ଚାହେଁ, ମୋ ପୁଅ ଫେରିଆସୁ ମୋ କୋଳକୁ, ବାସ୍।

: ଜଣେ ଦୋଷ କରିବ, ଦଣ୍ଡ ପାଇବ ନାହିଁ। ଏହା କି ପ୍ରକାର ନ୍ୟାୟ?

: ମା'ର ମମତା ଆଗରେ ନ୍ୟାୟ ଅନ୍ୟାୟର ମୂଲ୍ୟ କିଛି ନଥାଏ। ମୋତେ ସେସବୁ ପାଠ ତୁମେ ପଢ଼ାଅନା।

: ସେ ଆଜି ଆସିବ, କାଲିକୁ ସେହିପରି ଆଉ ଗୋଟାଏ କାଣ୍ଡ କରିବସିବ। ଭାବିବ ଯେ ତା'ର ଯାବତୀୟ କୁକାର୍ଯ୍ୟକୁ ସମର୍ଥନ କରିବା ପାଇଁ ଅଛନ୍ତି ଏ ସଂସାରରେ ଦୁଇଜଣ ମଣିଷ। ସେହି ଭାବନା ହିଁ ତାକୁ ଆହୁରି ଗର୍ହିତ କାର୍ଯ୍ୟ କରିବାକୁ ଉତ୍ସାହିତ କରିବ। ତାପରେ?

: ସିଏ ଆଗ ଘରକୁ ଆସୁ। ତାକୁ ମୁଁ ବୁଝାଇ ଦେବି। ବାପଲୋ ଧନଲୋ କହି ତା' ମନ ପରିବର୍ତ୍ତନ କରିଦେବି। ସେ ସୁଧୁରିଯିବ...

: ଯାହା ନ ହୋଇଲା ବାଳ କାଳେ, ତାହା କି ହୋଇବ କାଳେ କାଳେ! - ଅନୁଜ ସ୍ୱରରେ କହିଲେ ଶୁଭକାନ୍ତ।

: ପୁଅ ମୋର ଜେଲ୍‌ର ଚାରିକାନ୍ଥ ଭିତରେ ସଢୁଛି, ଜଣେ ମା'ର ମନ କଣ ହେଉଥିବା ସେକଥା ତୁମେ କାହୁଁ ଜାଣିବ? ଏତେ ଦୁଃଖରେ ବି ତୁମେ ମୋତେ ଉପହାସ କରୁଛ! ସେ ପିଲା ଦେହରେ କ'ଣ ତୁମ ରକ୍ତ ପ୍ରବାହିତ ହେଉନି? ମୋ ପିଲାର ଜୀବନ ଅପେକ୍ଷା ତୁମ ମାନ ସମ୍ମାନ, ଇଜ୍ଜତ ମହତ କଣ ଏତେ ବଡ ହୋଇଗଲା! ନିଜ ରକ୍ତ ପ୍ରତି ତମ କଠୋର ହୃଦୟରେ କଣ ଏତେ ଟିକିଏ ଦରଦ ନାହିଁ? ମମତା ନାହିଁ?

(କ୍ରମଶଃ)

## ଜ୍ୟୋତିଷ



**ଡକ୍ଟର ମନୋରଞ୍ଜନ ବିଶୋୟୀ**

ସେ ଅନେକଙ୍କ ଭାଗ୍ୟର
ପଥିକୃତ ଗଣନାକାର
ସ୍ପଷ୍ଟ ଭାବେ କହିପାରନ୍ତି
ଅତୀତ ବର୍ତ୍ତମାନ
ଅନାଗତ ଭବିଷ୍ୟତ
କ'ଣ ହେବ ସମସ୍ତଙ୍କର ।
ପୂଜା ପାଠ କର୍ମକାଣ୍ଡ
ଗ୍ରହ ମୁଦି ଦେଇ
ରୋକି ଦେଇ ପାରନ୍ତି
ଅଶୁଭ ଗ୍ରହ ଚଳନକୁ ଆମର ।
ତେଣୁ ତ ସେ ପାଲଟିଛନ୍ତି
ଅଗଣିତ ଜନତାଙ୍କ
ଆସ୍ଥା ଓ ବିଶ୍ୱାସର
ଉଦ୍‌ବେଳିତ ଭାଷ୍ୟକାର ।
ନାନା ଆଶଙ୍କର ପାଦଶବ୍ଦ
ମଧ୍ୟରେ ବି ଶୁଣାଇ ପାରନ୍ତି
ସେଥିରୁ ମୁକୁଳିବାର
ଉପାୟ କ'ଣ ତାଙ୍କର ।
ଅଥଚ ମୋ ବେଳକୁ
ସବୁ ଗଣନା
ଅସହାୟତାର କଳାମେଘ ହୋଇ
ଆଖିରେ ଭରିଦେଲା
ନିଃଶବ୍ଦ ଅନ୍ଧକାର ।

*ଦାମୋଦରପୁର, ଗଂଜାମ*
*ସଂପର୍କ: ୮୮୯୫୧୪୧୭୨୭*

## ଦଶଭୂଜା ମର୍ତ୍ତ୍ୟେ ଆସିଛି...



**ରାମଚନ୍ଦ୍ର ବେହେରା**

ଶରତ ଆଗମେ ବିମଣ୍ଡିତା ଧରା
ମୁରୁକି ମୁରୁକି ହସୁଛି
ଧଳା ମେଘମାଳା ଶୁଭ୍ର କାଶତଣ୍ଡୀ
ହାତ ଠାରି ଧୀରେ ଡାକୁଛି
ଦଶଭୂଜା ମର୍ତ୍ତ୍ୟେ ଆସିଛି
ତାଙ୍କ ଆଗମନେ ସଭିଙ୍କ ପରାଣେ
ଶ୍ରଦ୍ଧାଭାବ ମନେ ଜାଗିଛି।
ବଜାର ସହର ଲାଗେ ଲୋକାରଣ୍ୟ
ମେଢର ଚମକ ଦିଶୁଛି
ଦୁର୍ଗା ମଣ୍ଡପରେ ଅଭୟ ଦାୟିନୀ
ଆଡମ୍ୱରେ ପୂଜା ପାଉଛି
ଦଶଭୂଜା ମର୍ତ୍ତ୍ୟେ ଆସିଛି
ବିଶ୍ୱ ଶାନ୍ତି ପାଇଁ ଶ୍ରଦ୍ଧାଳୁଙ୍କ ପ୍ରାଣେ
ଭକତିର ସ୍ରୋତ ବହୁଛି।
ଅଶିଣ ଶୁକଳେ ପୁଣ୍ୟ ନବରାତ୍ର
ସ୍ନେହ ଶ୍ରଦ୍ଧା ମନେ ଭରିଛି
ସାରା ଶକ୍ତିପୀଠେ ପାର୍ବଣ ମୂହୁର୍ତ୍ତେ
ଭକ୍ତଙ୍କ ଗହଳି ଲାଗୁଛି
ଦଶଭୂଜା ମର୍ତ୍ତ୍ୟେ ଆସିଛି
ତଟିନୀ ବକ୍ଷରେ ପବିତ୍ର ସଲିଳ
କାଚକେନ୍ଦୁ ପରି ଦିଶୁଛି।
ନିଶିର ପରଶେ ଶୁଭ୍ର ଜୋଛନାରେ
ଜହ୍ନମାମୁଁ ଗୀତ ଗାଉଛି
ଗଙ୍ଗଶିଉଳିର ମଧୁର ବାସନା
ମନରେ ଆନନ୍ଦ ଭରିଛି
ଦଶଭୂଜା ମର୍ତ୍ତ୍ୟେ ଆସିଛି
ଗାଆଁରୁ ସହର ଜନ ସହଯୋଗେ
ପରିବେଶ ସଫା ଦିଶୁଛି।
ଶକ୍ତି ସ୍ୱରୂପିଣୀ ଦୁର୍ଗତି ନାଶିନୀ
ଅଧର୍ମୀକୁ ଦେବେ ସୂଚେଇ
କୁକର୍ମ କରିଲେ ଦଶାନନ ପରି
ଦୁନିଆଁରୁ ଯିବେ ଉଭେଇ
ଦଶଭୂଜା ମର୍ତ୍ତ୍ୟେ ଆସିଛି
ତାଙ୍କ ଶୁଭାଶିଷେ ସତ୍ୟ ଧର୍ମ ନ୍ୟାୟ
ଜଗତରେ ଶୋଭା ପାଉଛି।

*ତେନ୍ତୁଳିପଦା, ଜଗତସିଂହପୁର*
*ଦୂରଭାଷ: ୭୩୫୫୬୩୪୩୪୬*

## କିଶୋରୀ କବିତା

## ସେଇ ମୋଅରି ଗାଁ



**ଭଗବାନ ସାହୁ**

ତୁମ ସହର ଯେଉଁଠି ସରେ
ସେଇଠୁ ମାତ୍ର ଦି' କୋଶ ଦୂରେ
ସବୁଜପାଟ ପିନ୍ଧିକି ଯିଏ
ଠାରେ ମୋ' ଧନ ଆ'
ସେଇ ମୋଅରି ଗାଁ?

ଅଛି ସେଇଠି ମୋ ପିଲା ଦିନ
ଅଝଟ ସଞ୍ଜ ଆଇମା ଜହ୍ନ
ଡାଳି ମାଙ୍କୁଡି ପାଣି ପହଁରା
ସାଥେ ବାଗୁଡି ରାହା
ସେଇ ମୋଅରି ଗାଁ?

ଅପୂର୍ବ ଶୋଭା ସୁଷମା ଭରା
ତୋଟା ପୋଖରୀ ସଞ୍ଜୁଆ ତାରା
କେତେ ଯେ ଦେବାଦେବୀ ମନ୍ଦିର
ବିଜେ ଠାଆକୁ ଠା?
ସେଇ ମୋଅରି ଗାଁ?

ଆଗରେ ତାର ଲମ୍ୱିଛି ଜୋର
ପଛେ ଗହୀର ମଝିରେ ନାଳ
ଆମ୍ୱ ନଡିଆ ଚାକୁଣ୍ଡା ଗୁଆ
ସିପାହୀ ପରି ଠିଆ।
ସେଇ ମୋଅରି ଗାଁ?

ଯଦିବା ନାହିଁ କିଆ ଗୋହରୀ
ମାଟି ସଡକ ଶଗଡ ସରି
ତଥାପି ସେଇ ହଜିଲା ଦିନ
ଛୁଏଁ ମନକୁ ଛାଆଁ
ସେଇ ମୋଅରି ଗାଁ?

ମନେ ପଡେ ସେ ପଖାଳ କଂସା
ବଉଳବେଣୀ, ଖୁଲଣା ଓଷା
ଦଣ୍ଡ ପାଟୁଆ ଧୂଡୁକି ନାଚ
ଭାଗବତର ରାହା
ସେହି ମୋହରି ଗାଁ।

ଯେତେ ଯୁଆଡେ ଯାଇଛି ବୁଲି
ନୁହଁନ୍ତି କେହି ମୋ' ଗାଁ ସରି
ସରୁ ସେଇଠି ମୋ' ଶେଷ ଦିନ
ଆରମ୍ଭ ଯହିଁ କୁଆଁ
ସେଇ ମୋଅରି ଗାଁ,
ସେଇ ମୋଅରି ଗାଁ?

*ତୁରିନ୍ତିରା*
*ଦୂରଭାଷ : ୮୨୪୯୨୪୮୬୧୨*

## ମା ଦୁର୍ଗାଙ୍କୁ ପଦେ



**ଅଜୟ ପଟ୍ଟନାୟକ**

ମା ଦୁର୍ଗେ, ତୁମେ ଆସିଲ, ସଭକ୍ତି ପ୍ରଣାମ।
ଅଶିଣର କାଶତଣ୍ଡୀ କହୁଥିଲା, ତୁମେ ଆସିବ ବୋଲି,
ନୀଳ ଆକାଶର ଭସା ଭସା ବାଦଲ,
ଟୁପ୍ ଟାପ୍ କଥା ହେଉଥିଲେ;
ତୁମେ ଆସିବ ବୋଲି।
ଆସିଲ, ଭଲ କଲ
ଦୁର୍ଗତି ନାଶ କରିବ ଧରାର।
ତେବେ ତୁମେ କେବଳ ସୁନାମେଢ଼, ଚାନ୍ଦି ମେଢ଼ରେ
ବିଜେ ହୋଇ ଫେରିଯିବନି ଏ ସନ।
ତୁମକୁ ଏସନ ଦେଖିବାକୁ ହେବ
ଯାଜପୁରର ନଗଡା ଭଳି ଅପପୃଷ୍ଟି,
ଅନାହାରର ଶିକାର କୁନି କୁନି ପିଲାଙ୍କୁ,
କନ୍ଧମାଳର ଅମଙ୍ଗମାଝିର ଶବ
ବୋହୁଥିବା ଦାନ ମାଝିକୁ,
ତା'ର ପରିବାରର ଅବସ୍ଥାକୁ।
ବାଉଙ୍ଗି ଭାର, ଖଟିଆ, ସାଇକେଲ, ଟ୍ରଲିରେ
ବୁହାହେଉଥିବା ଗର୍ଭବତୀ ମାଁକୁ, ତା'କୁନି ଛୁଆକୁ,
ବେମାର ବୁଢ଼ା, ବୁଢ଼ୀଙ୍କୁ ବା ତାଙ୍କର ଶବକୁ।
ଜୀବନ ଜୀଇଁବାକୁ ଦେଇଯିବ, ତାଙ୍କୁ ଆଶିଷ, ସାହସ,
ତୁମ ବିନା ସାହା କେ ତାଙ୍କର।
ମା, ତୁମେ କ'ଣ କେବଳ ମହିଷାସୁରଙ୍କୁ
ବଧ କରୁଥିବ, ପ୍ରତିବର୍ଷ,
କେତେକ ହାତ ଗଣତି ମେଢ଼ରୁ?
ତୁମେ ବିଜେ କର ମା,
ଦୁଷ୍କର୍ମର ଶୀକାର ହେଉଥିବା
ଅସହାୟ ଝିଅଙ୍କ ଠାରେ,
ଅତ୍ୟାଚାରର ଶୀକାର ପ୍ରତ୍ୟେକ ନାରୀ ଦେହରେ,
ତାଙ୍କୁ ସଶକ୍ତ କର, ତାଙ୍କୁ ଦୁର୍ଗା ବନାଅ,
ତୁମ ଭଳି ସଂହାର କରିବେ,
ଏ ଯୁଗର ଅନେକ ଅନେକ ମହିଷାସୁରଙ୍କୁ,
ତାଙ୍କୁ ବଳ ଦିଅ, ଶକ୍ତି ଦିଅ, ସାହସ ଦିଅ, ମା,
ତୁମେ ତ ଭରସା ମାତ୍ର ଏ ଦୁନିଆରେ, ସମସ୍ତଙ୍କର।

*ଅବସରପ୍ରାପ୍ତ ଅଧ୍ୟକ୍ଷ*
*କୃଷ୍ଣଦାସପୁର, ବାଲିଚନ୍ଦ୍ରପୁର, ଯାଜପୁର*
*ଦୂରଭାଷ : ୯୪୩୭୧୨୮୧୭୯*

## ଶାରଦେ ଶାରଦା



**ନିରଞ୍ଜନ ସାହୁ**

ବରଷକ ଥରେ ପାର୍ବଣ ଆସଇ
ସଭିଙ୍କ ଅପେକ୍ଷା ଥାଏ
ପାର୍ବଣ ଆସିଲେ ଦେବୀଙ୍କ ମହିମା
ଏ ସାରା ଜଗତ ଗାଏ।
ଶରତକାଳୀନ ସୁଷମାରେ ଭରା
ଏ ଧରିତ୍ରୀ ଶୋଭାମୟୀ
ସିଂହବାହନରେ ଧରାବତରଣ
କରୁଛନ୍ତି ଦୟାମୟୀ
ମାଆଙ୍କୁ ସ୍ୱାଗତ କରିବା ପାଇଁକି
ଭକ୍ତ ଅବସର ପାଏ।
ଗାଆଁରୁ ସହର ଉତ୍ସବ ମୁଖର
ଦେବୀ ଆବାହନ ପାଇଁ
ଦୂର ବିଦେଶରୁ ପ୍ରବାସୀ ଆସଇ
ଜନମଭୂମିକୁ ଧାଇଁ
ପାର୍ବଣକୁ ଆଡମ୍ୱରେ ପାଳିବାକୁ
କେତେ ଯତ୍ନ କରାଯାଏ।
ଶାନ୍ତି ଶୃଙ୍ଖଳାରେ ପର୍ବ ପାଳିବାକୁ
ଅନେକ ବୈଠକ ବସେ
ମାତୃଭକ୍ତ ମାତ୍ର ଉପାସନା ପାଇଁ
ଭକତି ଭାବରେ ରସେ
ନିଷ୍ପାପର ଭାବେ ଆରାଧନା କରେ
ସାତ୍ତ୍ୱିକ ଆହାର ଖାଏ।
ପୀଠରେ ଷୋଡଶ ଦିବସ ଉତ୍ସବ
ଷୋଡ଼ ଉପଚାରେ ପୂଜା
ପୂଜା ମଣ୍ଡପରେ ମୃଣ୍ମୟୀ ମୂର୍ତ୍ତିରେ
ବିଜେ ଦେବୀ ଦଶଭୁଜା
ଦଶ ହସ୍ତେ ଦଶ ପ୍ରହରଣ ଧରେ
ନାନା ଅଳଙ୍କାର ନାଏ।

*ନିହଲ ପ୍ରସାଦ, ଗଁଦିଆ ପାଟଣା,*
*ଢେଙ୍କାନାଳ*
*ଦୂରଭାଷ: ୯୯୩୮୭୪୧୫୮୩*

## ହାରିବାରେ ଖୁସି

**ସୁମନା ସୁଲୋଚନା**





କିଛି ଶବ୍ଦ ଥିଲା ତୁମର, ଆଉ କିଛି ଶବ୍ଦ ଥିଲା ମୋର। ସେହି ଅଳସୀ ଆଖିରେ ଆଖି ମିଶାଇ ଜହ୍ନ ରାଇଜରେ ଘୁରି ବୁଲି ତାରା ଫୁଲ ତୋଳି ହାତରେ ହାତ ମିଶାଇ ଧରାଇ ଦେବାର ପ୍ରତିଶ୍ରୁତି କେହି ପଦ ଏହି ଅଭିମାନିନୀର ଭାଷାକୁ ବୁଝିବାକୁ ଏତେ ଡେରି କରିଦେଲ ଯେ, ଶବ୍ଦ ମୋର ନିଶବ୍ଦ ହେଲା। କାହିଁ କେତେ ଦିନୁ ଜହ୍ନ ସେହି କଳା କଳା ବାଦଲ ତଳେ ଲୁଚି ରହିଲା। ଥିଲା ସେଦିନ ହାରିବା ଜିତିବାର ପ୍ରତିଯୋଗିତା। ପୁରୁଷ ନାରୀ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା। ଆଉ ମୁଁ ମୋର ଅନିଚ୍ଛା ସତ୍ତ୍ୱେ ତୁମ ପ୍ରତିଦ୍ୱନ୍ଦି ଭାବେ ତୁମ ପାଖରେ ଉପସ୍ଥିତ ଥାଏ।

ସାବିତ୍ରୀ ଅମାବାସ୍ୟାର ପରଦିନ। ରଜ ମହୋତ୍ସବ ପରି ସାବିତ୍ରୀ ଅମାବାସ୍ୟା ମଧ୍ୟ ବଡ଼ ଧୂମ ଧାମ ରେ ପାଳିତ ହୁଏ ନରସିଂହପୁର ଗ୍ରାମରେ। ବିଭିନ୍ନ ପ୍ରକାର ପ୍ରତିଯୋଗିତା ହୁଏ। ବହୁତ ଜାଗାରୁ ପୁରୁଷ ଓ ନାରୀ ଏଥିରେ ଅଂଶ ଗ୍ରହଣ କରିଥାଆନ୍ତି। ସେଦିନ ଥାଏ ପ୍ରତିଯୋଗିତାରେ ପୁରୁଷ ନାରୀଙ୍କ ବିଷୟରେ ଆଉ ନାରୀ ପୁରୁଷଙ୍କ ବିଷୟରେ ଲେଖିବା ପାଇଁ। ପ୍ରତିଯୋଗିତା ଆରମ୍ଭ ହୋଇ ସାରିଥାଏ। ଶଶାଙ୍କ ମୋ ଆଡେ ଚାହିଁ ଟିକେ ହସି ଦେଇ ଲେଖି ଚାଲି ଥାଆନ୍ତି। ଆଉ ମୁଁ ତାଙ୍କର ସେହି ହସ ହସ ମୁହଁକୁ ଦେଖି ବହୁତ ଖୁସି ହେଉଥାଏ। ମୁଁ ମଧ୍ୟ ଲେଖି ଚାଲେ ତାଙ୍କ ଖୁସି ପାଇଁ। କିନ୍ତୁ ସେଇ ପ୍ରତିଯୋଗିତାରେ ଜିତି ଗଲେ ଶଶାଙ୍କ ଆଉ ମୁଁ ହାରିଗଲି। ହାରିକି ବି ବହୁତ ଖୁସି ଥାଏ।

ନାରୀ ମାନଙ୍କ ବିଷୟରେ ଏତେ ସୁନ୍ଦର ଭାବରେ ବର୍ଣ୍ଣନା କରି ଲେଖି ଥାଆନ୍ତି ଶଶାଙ୍କ। କେଉଁ ନାରୀ ବା ତାଙ୍କୁ କେମିତି ଜିତି ପାରିବ।


ନାରୀଙ୍କ ତ୍ୟାଗ, ସମର୍ପଣ ଭାବ ସ୍ନେହ, ଶ୍ରଦ୍ଧା ପ୍ରେମକୁ ନେଇ କୋଣାର୍କର କଳା ସ୍ଥାପତ୍ୟ ଭାସ୍କର୍ଯ୍ୟର ରୂପରେଖ ଦେଇ ନାରୀଙ୍କ ସୁନ୍ଦରତା ଭାଷା ମାଧ୍ୟମରେ ଅଳଙ୍କୃତ କରିଥିଲେ ଏବଂ ଧରାକୁ ତ୍ୟାଗ ସହନଶୀଳତା ଓ ସମର୍ପଣ ଭାବନାରେ ସମର୍ପି ଦେଇଥିଲେ। ଆକାଶଠାରୁ ବିଶାଳ ହୃଦୟ ଓ ଧୈର୍ଯ୍ୟର ମାପକାଠିରେ ମାପି ଦେଇଥିଲେ ନାରୀର ମନ ଓ ଶକ୍ତିକୁ। ଖୁବ୍ ସୁନ୍ଦର ଓ ଉଚ୍ଚକୋଟୀର ଲେଖାଟିଏ ହୋଇଥିଲା ଯେ, କେଉଁ ନାରୀ କଣ ଜିତି ପାରିଥାଆନ୍ତା ସେହି ଲେଖା ଆଗରେ। ମୁଁ କିନ୍ତୁ ବହୁତ ଖୁସି ଥାଏ ଶଶାଙ୍କଙ୍କୁ ଜିତିବାର ଦେଖି। ଘରକୁ ଫେରିବାର ବାଟରେ କେତେ କଣ ତାଚ୍ଛଲ୍ୟ କରି କହୁଥାଆନ୍ତି ମୁଁ ହାରି ଯିବାର ଦେଖି। ମୁଁ ମନେ ମନେ ତାଙ୍କ ଉପରେ ଟିକେ ରାଗିଯାଇ ଥାଏ।

ଶଶାଙ୍କ ଧିରେ ଧିରେ ମୋ ପାଖକୁ ଆସି ମୋ କାନ ପାଖରେ ହସି ହସି କହିଲେ ଜାଣି, ମୁଁ ପ୍ରତିଯୋଗିତାରେ କପି କରୁଥିଲି। ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି କେମିତି କଲ କପି ଯେ। ଶଶାଙ୍କ କହିଲେ, ତୁମକୁ ଦେଖି। ତୁମେ ତ ଜାଣି ପାରିଲନି। ତୁମକୁ ମୁଁ ମଝିରେ ମଝିରେ ଚାହିଁ ଦେଖୁଥାଏ। ତୁମର ରୂପ ଗୁଣ ତ୍ୟାଗ ସମର୍ପଣ ଭାବନାର କପି ତ ମୁଁ ଲେଖା ମାଧ୍ୟମରେ ଉପସ୍ଥାପିତ କରିଛି। କୁହତ କେମିତି ବା ଜିତିନଥାନ୍ତି ମୁଁ। ସେତେବେଳେ ଶଶାଙ୍କଙ୍କ କଥାରୁ ଅନୁଭବ କଲି, ସତରେ ମୁଁ ହାରିଛି ନା ଜିତିଛି। କେହି ଟୋପା ଲୁହ ଗଡି ଆସିଲା ବେଳେ ଭାବି ପାରିଲିନି ଏ ଖୁସିର ନା ଦୁଃଖର।

*ବେଣୀପୁର, କେନ୍ଦ୍ରାପଡ଼ା*

## ପିଲାଙ୍କ ଦୁନିଆ





**ଦିବ୍ୟାଂଶୀ ପ୍ରିୟଦର୍ଶୀନୀ**
ଷ୍ଟାଣ୍ଡାର୍ଡ - ୪
ସେଣ୍ଟ ଜାଭିୟର୍ସ ସ୍କୁଲ
ସାଲେପୁର




# ଡିସେମ୍ବର ୧ରୁ ନବରଙ୍ଗପୁର ଜିଲ୍ଲା ଲୋକ ମହୋତ୍ସବ ମଣ୍ଡେଇ ଶୁଭାରମ୍ଭ



**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲାର କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା, ଲୋକଗୀତ, ବାଦ୍ୟ, ଭାଇଚାରା ସମ୍ପର୍କ ଓ ବନ୍ଧୁ ମିଳନର ସାଂସ୍କୃତିକ ଉତ୍ସବ ମଣ୍ଡେଇ-୨୦୨୩ ଆସନ୍ତା ଡିସେମ୍ବର ମାସ ୧୦ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ନୂତନ ମଣ୍ଡେଇ ପଡିଆ ଠାରେ ମହାସମାରୋହରେ ଆୟୋଜନ କରାଯିବା ସହିତ ମଣ୍ଡେଇ ମହୋତ୍ସବର ଶୁଭାରମ୍ଭ ଝରିଗାଁ ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ଶୈବପୀଠ ଚନ୍ଦନଧାରାରେ ଆସନ୍ତା ଡିସେମ୍ବର ୦୧ ତାରିଖରେ କରାଯିବା ପାଇଁ ସ୍ଥିର କରାଯାଇଛି। ଜିଲ୍ଲାପାଳ ଡଃ କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ମିଶନ ଶକ୍ତି ସଭା ଗୃହରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି କ୍ରମେ ଆଗାମୀ ମଣ୍ଡେଇ ଉତ୍ସବ ନିମନ୍ତେ ଏସବୁ ଧାର୍ଯ୍ୟ କରାଯାଇଛି। ଜିଲ୍ଲାପାଳ ଡଃ ମିଶ୍ର ପ୍ରସ୍ତୁତି ବୈଠକରେ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହିତ ଲୋକ ମହୋତ୍ସବ ସାଂସ୍କୃତିକ ପର୍ବ ମଣ୍ଡେଇ ବିଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ କିପରି ଉତ୍ସାହ, ଉଦ୍ଦୀପନା, ଶାନ୍ତି ଶୃଙ୍ଖଳାର ସହିତ ପାଳନ କରାଯିବ ସେ ସମ୍ପର୍କରେ ସମସ୍ତଙ୍କର ଅକୁଣ୍ଠ ସାହାଯ୍ୟ ଓ ସହଯୋଗ କାମନା କରିଥିଲେ। ପ୍ରସ୍ତୁତି ବୈଠକରେ ଜିଲ୍ଲା ମହୋତ୍ସବ ମଣ୍ଡେଇର ସଫଳ ଆୟୋଜନ ନିମନ୍ତେ ବିଷଦ ଭାବେ ଆଲୋଚନା କରାଯାଇଥିଲା ଏବଂ ଉପସ୍ଥିତ ସଦସ୍ୟ, ସଦସ୍ୟାଙ୍କ ସୁଚିନ୍ତିତ ମତାମତକୁ ନେଇ କାର୍ଯ୍ୟକ୍ରମ ଗ୍ରହଣ କରାଯିବା ପାଇଁ ସ୍ଥିର କରାଯାଇଛି ଏବଂ ଏଥି ନିମନ୍ତେ ବିଭିନ୍ନ ସବ୍ କମିଟି ଗଠନ କରାଯାଇଛି। ଏହିସବୁ କମିଟିରେ ଅଭ୍ୟର୍ଥନା କମିଟି, ଅର୍ଥ ସଂଗ୍ରହ କମିଟି, ସାଂସ୍କୃତିକ ଶୋଭାଯାତ୍ରା କମିଟି, ଖାଦ୍ୟ କମିଟି, ପ୍ରଦର୍ଶନୀ କମିଟି, ମଞ୍ଚ ପ୍ରସ୍ତୁତି ଓ ପରିଚାଳନା କମିଟି, ସାଂସ୍କୃତିକ ଦଳ, ଉଦଘୋଷକ ଚୟନ କମିଟି, ସଂସ୍ଥାପନ କମିଟି, ମଣ୍ଡେଇ ପଡିଆ ପରିଚାଳନା ଓ ସ୍ୱେଚ୍ଛାସେବୀ କମିଟି, ପ୍ରସାର ପ୍ରଚାର କମିଟି, ମଣ୍ଡେଇ ସ୍ମରଣିକା ଓ କବିତା ପାଠୋତ୍ସବ କମିଟି, କ୍ରୀଡା କମିଟି, ମଞ୍ଚ ନାଟକ କମିଟି,ବିଭିନ୍ନ ପ୍ରତିଯୋଗିତା ଆୟୋଜନ କମିଟି ଇତ୍ୟାଦି ଗଠନ କରାଯାଇଛି। ସମସ୍ତ ସବ୍ କମିଟିର ଅଧ୍ୟକ୍ଷ ନିଜ ନିଜ କମିଟିର ସଦସ୍ୟ ମାନଙ୍କୁ ନେଇ ନିଜ ସ୍ତରରେ ବୈଠକ ଆୟୋଜନ କରି ସମ୍ପୃକ୍ତ କମିଟିର କାର୍ଯ୍ୟ ଖସଡା ସହିତ ବଜେଟ ପ୍ରସ୍ତୁତ କରି ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦ ଅଧ୍ୟକ୍ଷଙ୍କ ନିକଟରେ ଉପସ୍ଥାପନ କରିବା ପାଇଁ ଅନୁରୋଧ କରାଯାଇଛି। ଆଗାମୀ ମଣ୍ଡେଇ ଉତ୍ସବରେ ଜିଲ୍ଲାର ସାଂସ୍କୃତିକ ଦଳ, କଳାକାର ମାନଙ୍କୁ ସଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରାଧାନ୍ୟ ଦେବା ପାଇଁ ସ୍ଥିର କରାଯାଇଛି। ମଣ୍ଡେଇ ସମୟରେ ଲୋକଙ୍କର ପ୍ରବଳ ଜନସମାଗମ ରହୁଥିବାରୁ ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା, ରାସ୍ତା କାମ, ଲାଇଟ ଇତ୍ୟାଦିର ସୁବ୍ୟବସ୍ଥା କରାଯିବା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ଏସ୍ ସୁଶ୍ରୀ, ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ନାୟକ, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ପୂର୍ତ୍ତ ବିଭାଗ ପ୍ରଫୁଲ୍ଲ କୁମାର ମିଶ୍ର, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ପିଏଆଇଟିଡିଏ ରାଜୀବ ସାହୁ, ଏପିଡି ଯଦୁମଣି ନାୟକ, ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଶିଶିର କୁମାର ପାଣି, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶିବାନୀ ଗୁହା, ନିର୍ବାହୀ ଯନ୍ତ୍ରୀ ଉଠା ଜଳସେଚନ ବିଭାଗ ଦିଲୀପ କୁମାର ଦାସ, ଜିଲ୍ଲା ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଏଡିଏମ୍ଓ ଡକ୍ଟର ସୁକାନ୍ତ ଶତପଥି, ବରିଷ୍ଠ ସମାଜ ସେବୀ ଜଗନ୍ନାଥ ମହାପାତ୍ର, ଡକ୍ଟର ବିଜୟ ମିଶ୍ର, ନାରାୟଣ ପଣ୍ଡା, ବିଜୟ ଚୌଧୁରୀ, ମୁନ୍ନା ତ୍ରିପାଠୀ, ତ୍ରିପତି ବାଲାଜୀ ସାହୁ, ଜିଲ୍ଲା ବଣିକ ସଂଘର ସଭାପତି ମାନସ ରଞ୍ଜନ ଦାସଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ବରିଷ୍ଠ ନାଗରିକ, ଶିକ୍ଷାବିତ୍, ସମାଜସେବୀ, ଆଇନଜୀବୀ, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗଦେଇ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ ପରିଚାଳନା କରିଥିଲେ। ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### 'ରତ୍ନଭଣ୍ଡାର ...

ବିବୃତିରେ ଆହୁରି ଉଲ୍ଲେଖ କରିଛନ୍ତି ଯେ, ଏଏସ୍ଆଇ ଅଧିକ୍ଷକ ଯଥାଶୀଘ୍ର ରତ୍ନଭଣ୍ଡାର କାନ୍ଥର ଲେଜର ସ୍କାନିଂ କରିବେ। ରତ୍ନଭଣ୍ଡାରର ବର୍ତ୍ତମାନର ସ୍ଥିତି ପରଖିବା ପାଇଁ ସ୍କାନିଂ ଭିତର ବେଢ଼ା ପଟୁ ହେବ। ହାଇକୋର୍ଟ କିମ୍ବା ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ସ୍ୱତନ୍ତ୍ର କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରତ୍ନଭଣ୍ଡାରରେ ଗଚ୍ଛିତ ମୂଲ୍ୟବାନ ସମ୍ପତ୍ତିର ଗଣତି ଓ ତାଲିକା ପ୍ରସ୍ତୁତି କରାଯିବା ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବ। ଶ୍ରୀଜଗନ୍ନାଥ ମନ୍ଦିର ଅଧିନିୟମ ୧୯୬୦ ଧାରା ୦୬ ଅନୁଯାୟୀ ରତ୍ନଭଣ୍ଡାର ଖୋଲାଯିବା ସଂପର୍କରେ ରାଜ୍ୟ ସରକାର ଉପଯୁକ୍ତ ନିର୍ଦ୍ଦେଶନାମା ଜାରି କରିବାକୁ ଅନୁରୋଧ କରାଯିବ ବୋଲି ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ହୋଇଥିଲା। ହାଇକୋର୍ଟ ମଧ୍ୟ ପରିଚାଳନା କମିଟିର ନିଷ୍ପତ୍ତିକୁ ସଠିକ ବୋଲି ଗ୍ରହଣ କରିଛନ୍ତି ବୋଲି ଗଜପତି ମହାରାଜା ସୂଚନା ଦେଇଛନ୍ତି।

### ଲୋକଙ୍କୁ ...

ରାଜ୍ୟ ସରକାର କହୁଥିଲା ବେଳେ ଏମାନଙ୍କ ଜୀବନ କ'ଣ ମୂଲ୍ୟହୀନ ? ସେହିପରି ବଲାଙ୍ଗିର ଜିଲ୍ଲାର ବୁଡା, ବାଦିବାହାଲ, କଦଳୀପାଲି, ଅଗଲାପାଲି, ଭାଲୁପାଲି ଆଦି ଅଂଚଳରେ ୩୦ପ୍ରତିଶତରୁ ଅଧିକ ଲୋକ କିଡନି ରୋଗରେ ଆକ୍ରାନ୍ତ। ଏସଂକ୍ରାନ୍ତରେ ଲୋକେ ମାନ୍ୟବର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସାରା ରାଜ୍ୟର ବିଭିନ୍ନ ଅଂଚଳ ଫ୍ଲୋରାଇଡ ଆଇରନ ପ୍ରଦୂଷିତ ଜଳ ସମସ୍ୟା କାରଣରୁ ଲୋକେ କିଡନୀ ଭଳି ଦୁରାରୋଗ୍ୟ ଭୋଗୁଛନ୍ତି ବୋଲି ଶ୍ରୀ ବଳିୟାରସିଂହ କହିଛନ୍ତି। ଗତ ୧୫ଅଗଷ୍ଟ ୨୦୧୯ରେ ୭୫ବର୍ଷ ଅମୃତ ମହୋତ୍ସବ ଅବକାଶରେ ମାନ୍ୟବର ପ୍ରଧାନମନ୍ତ୍ରୀ "ଜଳ ଜୀବନ ମିଶନ" ଘୋଷଣା କରିଥିଲେ। ରାଜ୍ୟକୁ ୨୦୨୧-୨୨ ରୁ ୨୦୨୫-୨୬ମଧ୍ୟରେ ପଂଚଦଶ ଅର୍ଥକମିଶନ ୫୨୮୦କୋଟି ଗ୍ରାଣ୍ଟ ଆସିଥିଲାବେଳେ ୨୦୧୯-୨୦ରୁ ୨୦୨୩-୨୪ମଧ୍ୟରେ ଜଳ ଜୀବନ ମିଶନରେ ୧୦,୨୧୫କୋଟି ଟଙ୍କା କେନ୍ଦ୍ରୀୟ ଅନୁଦାନ ମିଳିଥିବାବେଳେ ଦୁର୍ଭାଗ୍ୟ ଓ ପରିତାପ ଓ ନିନ୍ଦାର କଥା ରାଜ୍ୟ ସରକାର ୨୦୨୦-୨୧ରେ ୨୦୩କୋଟି, ୨୦୨୧-୨୨ରେ ୮୩୦ କୋଟି, ୨୦୨୨-୨୩ରେ ୧,୮୩୯କୋଟି ଟଙ୍କା ମୋଟ ୨,୮୬୩କୋଟି ଟଙ୍କା ରାଜ୍ୟ ସରକାରଙ୍କ ଅଯୋଗ୍ୟତା ଓ ଅପାରଗତା କାରଣରୁ ଖର୍ଚ୍ଚ ନହୋଇ ଫେରିଯାଇଛି। ସାଧାରଣ ଲୋକ ମୁନ୍ଦାଏ ପାଣି ପାଇଁ ଡହଳ ବିକଳ ହେଉଥିଲାବେଳେ ୨,୮୬୩କୋଟି ଟଙ୍କା ଫେରିଯିବା ସରକାରଙ୍କ ଅପାରଗତା ଓ ସମ୍ବେଦନହୀନତାକୁ ଦର୍ଶାଉ ନାହିଁ କି ବୋଲି ଶ୍ରୀ ବଳିୟାରସିଂହ ପ୍ରଶ୍ନ କରିଛନ୍ତି। ରାଜ୍ୟ ସରକାର କେନ୍ଦ୍ରୀୟ ସହାୟତା ପଞ୍ଚଦଶ ଅର୍ଥ କମିଶନ ଓ ଜଳଜୀବନ ମିଶନ ଅର୍ଥ ସମ୍ପର୍କରେ ସାଧାରଣରେ ଉଲ୍ଲେଖ କରିବା ପରିବର୍ତ୍ତେ ବସୁଧା ଯୋଜନାରେ ଲୋଗୋ ଓ ମୁଖ୍ୟମନ୍ତ୍ରୀଙ୍କ ଫଟୋ ପ୍ରଦର୍ଶନ କରିବାରେ ବ୍ୟସ୍ତ ଅଥଚ କେନ୍ଦ୍ର ସରକାରଙ୍କ ଲୋଗୋ ଓ ପ୍ରଧାନମନ୍ତ୍ରୀଙ୍କ ଫଟୋ ନାହିଁ। ରାଜ୍ୟ ସରକାର ବିଭିନ୍ନ ମେଗା ୱାଟର ସପ୍ଲାଏ ପ୍ରୋଜେକ୍ଟ ସମ୍ପର୍କରେ ଉଲ୍ଲେଖ କରିଛନ୍ତି ଯାହାକି ମହାଦୁର୍ନୀତିର ମେଗାଉତ୍ସ। ଏ ସମ୍ପର୍କରେ ଶହ ଶହ ପ୍ରକଳ୍ପ ମଧ୍ୟରୁ ମେଗା ଦୁର୍ନୀତି ବିଷୟରେ ଗୋଟିଏ ଉଦାହରଣ ଯଥେଷ୍ଟ ହେବ। ଭଦ୍ରକ ଜିଲ୍ଲା, ଚାନ୍ଦବାଲି, ତିହିଡି, ବାସୁଦେବପୁର, ଧାମନଗର ଅଞ୍ଚଳରେ ହାଇଦ୍ରାବାଦ ସ୍ଥିତ ମେଗା ଇଣ୍ଡଷ୍ଟ୍ରି ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍ଚର କମ୍ପାନୀ ସହ ରାଜ୍ୟ ସରକାର ୨୦୧୯ରେ ଚୁକ୍ତି କରିଥିଲେ। ୨୦୧୪ ଫେବୃୟାରୀ ୨୦୨୧ ସୁଦ୍ଧା ସମ୍ପୂର୍ଣ୍ଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହେବାରେ ଥିଲେ ମଧ୍ୟ ଧାର୍ଯ୍ୟ ସମୟର ଅଢ଼େଇବର୍ଷ ପରେ ବି ମାତ୍ର ୭୬ପ୍ରତିଶତ ସମ୍ପର୍ଣ୍ଣ ହୋଇଛି। ଦୁର୍ଭାଗ୍ୟର କଥା ପ୍ରକଳ୍ପର ଆକଳନ ମୂଲ୍ୟ ୭୫୦କୋଟି ଟଙ୍କା ଥିଲାବେଳେ ଚୁକ୍ତିର ୯୩ପ୍ରତିଶତ ୬୯୩କୋଟି ଟଙ୍କା ସମ୍ପୃକ୍ତ କମ୍ପାନୀକୁ ଦିଆସରିଛି। ନିୟମ ଅନୁଯାୟୀ ସମ୍ପୂର୍ଣ୍ଣ କାମ ସରିବା ପରେ ୯୦ପ୍ରତିଶତ ଟଙ୍କା ପେମେଂଟ ହେବା କଥା ବାକି ୧୦ପ୍ରତିଶତ ରକ୍ଷଣା ବେକ୍ଷଣ ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ସ୍ଥଗିତ ରହିବା ପାଇଁ ନିୟମ ଥିଲାବେଳେ ୨୪ପ୍ରତିଶତ କାମ ବାକି ନହୋଇଥିବାବେଳେ ୯୩ପ୍ରତିଶତ ପେମେଣ୍ଟ ବ୍ୟାପକ ଦୁର୍ନୀତି, ଭ୍ରଷ୍ଟାଚାରର ଜ୍ୱଳନ୍ତ ଉଦାହରଣ ନୁହେଁ କି ? ରାଜ୍ୟରେ ଶୁଦ୍ଧ ଜଳ ଉତ୍ସ, ଭୂତଳ ଜଳ ଉତ୍ସ ହ୍ରାସ ପାଉଛି, ରାଜ୍ୟ ସରକାର ଶୋଇଛନ୍ତି। ରାଜ୍ୟ ସରକାର ଦାବି କରୁଛନ୍ତି ୯,୬୭୧ଗାଁକୁ ଶତପ୍ରତିଶତ ଟ୍ୟାପଜଳ ଯୋଗାଇ ଦିଆଯାଇଛି। ବାସ୍ତବ ସ୍ଥିତି ଅଲଗା। ସତ୍‌ସାହସ ଥିଲେ ରାଜ୍ୟ ସରକାର ଗୋଟିଏ ଗାଁ ଦେଖାନ୍ତୁ ଯେଉଁଠି ୧୦୦ ପ୍ରତିଶତ ଟ୍ୟାପ ୱାଟର ସପ୍ଲାଏ ହେଉଛି। କେନ୍ଦ୍ର ଜଳଶକ୍ତିମନ୍ତ୍ରଣା ତରଫରୁ ଗତ ୯ ଅକ୍ଟୋବର ୨୦୨୩ରେ ରାଜ୍ୟ ସରକାର ଜଳ ଜୀବନ ମିଶନ କାର୍ଯ୍ୟକ୍ରମକୁ ତ୍ୱରାନିତ କରି ପାନୀୟ ଜଳ ଜୀବନକୁ ଯୁଦ୍ଧକାଳୀନ ଭିତିରେ କାର୍ଯ୍ୟ କରନ୍ତୁ ବୋଲି କେନ୍ଦ୍ର ସରକାରଙ୍କ ଜଳଶକ୍ତି ମନ୍ତ୍ରଣା ତରଫରୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଶ୍ରୀ ବଳିୟାସିଂହ ସୂଚନା ଦେଇଛନ୍ତି।

### ସାଂସଦଙ୍କ ...

ସୁରକ୍ଷିତ ଭାବରେ ରଖିବାର ଦାୟୀତ୍ୱ ନେଇଥିଲେ। ଓଡିଶାକୁ ନିନ୍ଦିତ କରିଥିବା ଗୋଟିଏ କଳଙ୍କିତ ଅଧ୍ୟାୟର ନାୟକ ହେଉଛନ୍ତି ଶ୍ରୀ ମିଶ୍ର। ବିଜେଡିର ସଂସଦୀୟ ଦଳ ନେତା ପିନାକୀ ମିଶ୍ରଙ୍କ ପାଇଁ ଆଜି ଓଡିଶା ନିନ୍ଦିତ ବୋଲି ରାଜ୍ୟ ମୁଖପାତ୍ର ଶ୍ରୀ ମନୋଜ ମହାପାତ୍ର କହିଛନ୍ତି। ମହୁଆ ମୈତ୍ର କିଛି ନିର୍ଦ୍ଦିଷ୍ଟ କମ୍ପାନୀମାନଙ୍କ ସ୍ୱାର୍ଥରେ ପ୍ରଶ୍ନ ପଚାରିବା ପାଇଁ ବ୍ୟାପକ ଅର୍ଥ ନେଇଛନ୍ତି। ଇଣ୍ଡଷ୍ଟ୍ରିଆଲିଷ୍ଟ୍ ଦର୍ଶନ ହରିନନ୍ଦନୀ ଓ ଆଇନଜୀବି ଜୟ ଅନନ୍ତ ଦେହାଦ୍ରାଇ ଦେଇଥିବା ଦୁଇଟି ଭିନ୍ନ ସତ୍ୟପାଠରେ ଏ କଥା ସ୍ପଷ୍ଟ ହୋଇଛି। ଦୁଇଟି ଯାକ ସତ୍ୟପାଠରେ ଓଡିଆ ସାଂସଦଙ୍କ ସଂପୃକ୍ତିକୁ ନେଇ ଉଲ୍ଲେଖ ରହିଛି ଏବଂ ଶ୍ରୀ ହରିନନ୍ଦନୀ ଦେଇଥିବା ସତ୍ୟପାଠରେ ପିନାକୀ ଓ ମହୁଆଙ୍କ ସଂପର୍କ କଥା ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି। ପିନାକିଙ୍କ ସହ ମହୁଆଙ୍କ କ'ଣ ସମ୍ପର୍କ ରହିଛି ? ଶ୍ରୀ ମିଶ୍ରଙ୍କ ମହୁଆଙ୍କ ସହ ଇଣ୍ଟିମେସିର କାରଣ କ'ଣ ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି। ଶାସକ ବିଜେଡି ସଂସଦୀୟ ଦଳ ନେତା ପିନାକୀ ମିଶ୍ରଙ୍କ ଏଭଳି କାରନାମା ଜନବିରୋଧୀ ନୁହେଁ କି ? ମୁଖ୍ୟମନ୍ତ୍ରୀ ନୀରବ ନରହି ଜନବିରୋଧୀ କାର୍ଯ୍ୟ ପାଇଁ ଶ୍ରୀ ମିଶ୍ରଙ୍କୁ ତୁରନ୍ତ ବହିଷ୍କାର କରନ୍ତୁ। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ, ରାଜ୍ୟ ଗଣମାଧ୍ୟମ ସହମୁଖ ସୁଜିତ୍ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଲକ୍ଷ୍ମୀ ଯୋଜନା ...

ଉନ୍ନତିକରଣ କରାଯାଇଛି। ଲକ୍ଷ୍ମୀ ଯୋଜନା ମାଧ୍ୟମରେ ଏସବୁ ପଞ୍ଚାୟତରେ ବିକାଶର ନୂଆ ଧାରା ଆରମ୍ଭ ହେଲା ବୋଲି ସେ କହିଥିଲେ। ସେ ପୁଣି କହିଥିଲେ ଯେ ଯୋଗାଯୋଗ ହେଉଛି ବିକାଶର ଆଧାର। ଲକ୍ଷ୍ମୀ ଯୋଜନା ସମସ୍ତଙ୍କୁ ବିକାଶ ସହିତ ଯୋଡିବ। ଘର ପାଖକୁ ଆସିବ ବସ୍। ପିଲାଙ୍କୁ ସ୍କୁଲ କଲେଜ ସହିତ ଯୋଡିବ। ଚାଷୀଙ୍କୁ ମାର୍କେଟ ସହିତ ଯୋଡିବ। ରୋଗୀଙ୍କୁ ହସ୍ପିଟାଲ ଯିବା ପାଇଁ ସୁବିଧା ହେବ। ଲକ୍ଷ୍ମୀ ଯୋଜନା ଘରେ ଘରେ ଖୁସି ଆଣିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ଏବେ ଆମ ରାଜ୍ୟରେ ଗାଁର ବିକାଶ ପାଇଁ 'ଆମ ଓଡିଶା ନବୀନ ଓଡିଶା' ଚାଲିଛି। ଖୁବ୍ ଶୀଘ୍ର ଗଜପତି ଜିଲ୍ଲାରେ ମଧ୍ୟ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ। ଏଥିରେ ଗାଁରେ ମିଳିବ ସହରର ସୁବିଧା। ବ୍ୟାଙ୍କିଂ, ଇଣ୍ଟରନେଟ, ଡିଜିଟାଲ ଭିତ୍ତିଭୂମି ସବୁର ବିକାଶ ହେବା ସହିତ ଆମ ସଂସ୍କୃତିର ମଧ୍ୟ ପ୍ରସାର ହେବ। ସମସ୍ତଙ୍କ ସହଯୋଗରେ ଏହି କାମ ସବୁ ଠିକ୍ ସମୟରେ ଶେଷ ହେବ ଏବଂ ଗଜପତିର ବିକାଶ ଆହୁରି ଉଜ୍ଜଳ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଏହି ଅବସରରେ କାର୍ଯ୍ୟକ୍ରମରେ ଯୋଗ ଦେଇ ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଥିଲେ ଯେ ଓଡିଶାର ସାଢେ ୪ କୋଟି ଲୋକ ମୁଖ୍ୟମନ୍ତ୍ରୀଙ୍କ ପରିବାର। ସେମାନେ ଯେପରି ଭଲରେ ରହିବେ ସେଥିପାଇଁ ମୁଖ୍ୟମନ୍ତ୍ରୀ ସବୁବେଳେ ଚିନ୍ତା କରି ଆସୁଛନ୍ତି। ଓଡିଶାବାସୀଙ୍କ ଉନ୍ନତି ପାଇଁ ନୂଆ ନୂଆ ଯୋଜନା କରୁଛନ୍ତି। ଆଜି ଲକ୍ଷ୍ମୀ ବସ୍ ଯୋଜନା ଗାଁର ଯୋଗାଯୋଗ ବ୍ୟବସ୍ଥାରେ ରୂପାନ୍ତର ଆଣିବ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବ୍ରହ୍ମପୁର ସାଂସଦ ଚନ୍ଦ୍ର ଶେଖର ସାହୁ, ବିଧାୟକ କେ. ନାରାୟଣ ରାଓ, ଜିଲ୍ଲା ପରିଷଦର ସଭାପତି ଜି. ତିରୁପତି ରାଓ ଓ ସ୍ୱତନ୍ତ୍ର ବିକାଶ ପରିଷଦର ଅଧ୍ୟକ୍ଷା ମାରିୟାମ ରାୟତ ପ୍ରମୁଖ ମତ ବ୍ୟକ୍ତ କରି ରାଜ୍ୟରେ ବିକାଶରେ ମୁଖ୍ୟମନ୍ତ୍ରୀଙ୍କ ଦୃଢ ନେତୃତ୍ୱର ଉଚ୍ଚ ପ୍ରଶଂସା କରିଥିଲେ।

### ଓଡ଼ିଶା ଭୂସଂସ୍କାର ...

ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ମୁଖ୍ୟ ସଚିବ ପ୍ରଦୀପ ଜେନା ସୂଚନା ଦେଇଥିଲେ। ଓଡ଼ିଶା ଭୂସଂସ୍କାର ଆଇନ-୧୯୬୦ ଅନୁସାରେ ସିକିମ ଜମିରେ ରୟତି ଘୋଷଣା ନିମନ୍ତେ ଆବେଦନ କରିବାର ଶେଷ ଅବଧି ୧୯୭୭ ମସିହା ପର୍ଯ୍ୟନ୍ତ ଥିଲା। ସମସ୍ତ ସିକିମ ଚାଷୀ ଏହି ଅବଧି ମଧ୍ୟରେ ଆବେଦନ କରିପାରିନଥିଲେ। ଚିଠା ବିଲରେ ସିକିମ ଜମିକୁ ଚାଷ ଓ ବାସଗୃହ ଭାବେ ବ୍ୟବହାର କରୁଥିଲେ, ଏହି ଜମିରେ ରୟତି ଅଧିକାର ପାଇବା ପାଇଁ ଏହି ସଂଶୋଧନ ଆଇନର ବିଜ୍ଞପ୍ତି ପ୍ରକାଶ ପାଇବାର ୨ବର୍ଷ ମଧ୍ୟରେ ରାଜସ୍ୱ ଅଧିକାରୀଙ୍କ ନିକଟରେ ସମ୍ପୃକ୍ତ ଚାଷୀମାନେ ଆବେଦନ କରିପାରିବେ। ଆବଶ୍ୟକତା ଅନୁସାରେ ସରକାର ଏହି ସମୟସୀମାକୁ ମଧ୍ୟ ବୃଦ୍ଧି କରିପାରିବେ। ସେହିପରି କଟକ ଜିଲ୍ଲା ଟାଙ୍ଗି-ଚୌଦ୍ୱାର ତହସିଲ ଅନ୍ତର୍ଗତ ଚାରିବାଟିଆଠାରେ ୧୯୬୧ ମସିହାରେ ନିର୍ମିତ ଲେବର ଟ୍ରେଣ୍ଣାମେଣ୍ଟର ଜମିକୁ ଯୋଗ୍ୟ ବିବେଚିତ ଆବଣ୍ଟନ ଗ୍ରହୀତାଙ୍କ ସପକ୍ଷରେ ଲିଜ୍ ପ୍ରଦାନ କରାଯିବାକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ପ୍ରତ୍ୟେକ ଯୋଗ୍ୟ ବିବେଚିତଙ୍କ ସପକ୍ଷର ସର୍ବାଧିକ ୦.୦୦୪ ଅର୍ଥାତ୍ ୧୭୪୨ ବର୍ଗଫୁଟ ଜମି ଲିଜ୍ ଦିଆଯିବ। ଯେଉଁ ଆବଂଟନ ଗ୍ରହୀତା ଏହି ପରିମାଣଠୁ ଅଧିକ ଜମି ଦଖଲରେ ରଖିଥିବେ ତାକୁ ସରକାର ନିଜ ଦଖଲକୁ ଆଣିବେ। ଲେବର ଟ୍ରେଣ୍ଣାମେଣ୍ଟର ୨୨୮ଟି ମଧ୍ୟରୁ ୧୧୬ଜଣ ଯୋଗ୍ୟ ବିବେଚିତ ଆବଣ୍ଟନ ଗ୍ରହୀତାଙ୍କ ସପକ୍ଷରେ ୪.୬୪ ଏକର ଜମିକୁ ୯୯ବର୍ଷ ଲିଜରେ ପ୍ରଦାନ କରାଯିବ। ସେହିପରି ୫୫ଟି ବ୍ଲକସ୍ତରୀୟ ବସଷ୍ଟାଣ୍ଡ ନିର୍ମାଣ, ନବୀକରଣ, ରକ୍ଷଣାବେକ୍ଷଣ ଏବଂ ଆଠଗଡ଼, ବଲାଙ୍ଗୀର ଓ ଜୟପୁର ମୋଟୁ ବସଷ୍ଟାଣ୍ଡର ରକ୍ଷଣାବେକ୍ଷଣ ଯୋଜନା ଆରମ୍ଭ ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ୨୦୨୨-୨୩ରୁ ୨୦୨୫-୨୬ ପର୍ଯ୍ୟନ୍ତ ମୋଟ ୩୭୩.୧୩କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ଯୋଜନାରେ ଏବେସୁଦ୍ଧା ୨୭ଟି ନୂଆ ବସଷ୍ଟାଣ୍ଡକୁ ମୁଖ୍ୟମନ୍ତ୍ରୀ ଉଦଘାଟନ କରିସାରିଛନ୍ତି। ସେହିପରି ରାଜ୍ୟରେ ସାର ସଂଗ୍ରହ ଓ ଆଗୁଆ ମହଜୁଦ ନିମନ୍ତେ କର୍ପସ ପାଣ୍ଠିର ପରିମାଣକୁ ୨୦୨୪-୨୫ ଆର୍ଥିକ ବର୍ଷରୁ ଓଡ଼ିଶା ରାଜ୍ୟ ସମବାୟ ବିପଣନ ମହାସଂଘକୁ ଦିଆଯାଉଥିବା ୯୦କୋଟି ଟଙ୍କା ପରିବର୍ତ୍ତେ ୧୫୦କୋଟି ଟଙ୍କାକୁ ବୃଦ୍ଧି କରାଗଲା। ଓଡ଼ିଶା କୃଷି ଶିଳ୍ପ ନିଗମ ପାଇଁ ଥିବା କର୍ପସ ପାଣ୍ଠି ବ୍ୟବସ୍ଥାକୁ ବନ୍ଦ କରାଗଲା । ଏହି ବୃଦ୍ଧିକୁ ଆଖିଷର ରଖି ରାଜ୍ୟ କ୍ୟାବିନେଟ୍ ୨୦୨୩-୨୪ରୁ ୨୦୨୭-୨୮ ମସିହା ପାଇଁ ମୋଟ ୭୦୦କୋଟି ଟଙ୍କାର ଆନୁମାନିକ ବ୍ୟୟ ଅଟକଳକୁ ଅନୁମୋଦନ କରିଛନ୍ତି।

### ସମସ୍ତ ବିଦ୍ୟାଳୟରେ ...

ସେହିଭଳି ଭୂକମ୍ପ, ପାଣିରେ ବୁଡିଯିବା, ସାପ କାମୁଡା ଭଳି ଆକସ୍ମିକ ବିପର୍ଯ୍ୟୟ ଓ ଦୁର୍ଘଟଣାକୁ କିପରି ତୁରନ୍ତ ଓ ତ୍ୱରିତ ମୁକାବିଲା କରାଯାଇ ପାରିବ, ସେ ଦିଗରେ ମଧ୍ୟ ସଚେତନ କରିବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ। ମରାମତି ଆବଶ୍ୟକ ଥିବା ବନ୍ୟା–ବାତ୍ୟା ଆଶ୍ରୟସ୍ଥଳୀଗୁଡିକର ରକ୍ଷଣାବେକ୍ଷଣ ଉପରେ ଆଲୋଚନା କରାଯାଇଥିଲା। ସମସ୍ତ ଆଶ୍ରୟସ୍ଥଳୀଗୁଡିକରେ ବଜ୍ରପାତ ନିରୋଧକ ବ୍ୟବସ୍ଥା କାର୍ଯ୍ୟକ୍ଷମ ରଖିବା, କାର୍ଯ୍ୟକ୍ଷମ ନଥିବା କରତ ଓ ଟାୱାର ଆଲୋକସବୁକୁ ଅପସାରଣ କରାଯାଇ ଓ ନୂଆ ସଂସ୍ଥାପନ କରାଯିବା, ବଜ୍ରପାତ ସଂପର୍କରେ ଜନସାଧାରଣଙ୍କୁ ମୋବାଇଲ ଯୋଗେ ବାର୍ତ୍ତା ପ୍ରେରଣ ଆଦି ସଂପର୍କରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ସବୁ ସରକାରୀ କର୍ମଚାରୀମାନଙ୍କୁ ବିପର୍ଯ୍ୟୟ ପରିଚାଳନା ସଂପର୍କିତ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ପ୍ରଦାନ, ବିପର୍ଯ୍ୟୟ ସଂପର୍କରେ ପୂର୍ବାନୁମାନ ଓ ଆଗୁଆ ସତର୍କ ସୂଚନା ବ୍ୟବସ୍ଥା ସଂପର୍କରେ ବୈଠକରେ ଆଲୋଚନା କରାଯାଇଛି। ପ୍ରତି ଶିକ୍ଷାନୁଷ୍ଠାନମାନଙ୍କରେ ସିଭିଲ ଡିଫେନ୍ସ ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ସେମାନେ ପ୍ରାରମ୍ଭିକ ପର୍ଯ୍ୟାୟରେ ସମ୍ଭାବ୍ୟ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତ ରହିବେ। ବୈଠକରେ ଓସଡମାର ପୁନର୍ଗଠନ ଏବଂ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରତିଷ୍ଠାନ ଗଠନ ସଂପର୍କରେ ମଧ୍ୟ ପ୍ରସ୍ତାବ ଦିଆଯାଇଛି। ଏହି ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତଥା ସ୍ୱତନ୍ତ୍ର ରିଲିଫ କମିଶନର ସତ୍ୟବ୍ରତ ସାହୁ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ଅଗ୍ନିଶମ ଓ ଆପାତକାଳୀନ ସେବା ମହାନିର୍ଦ୍ଦେଶକ ଡଃ. ସୁଧାଂଶୁ ଷଡଙ୍ଗୀ, ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ଆଶ୍ୱଥୀ ଏସ୍, ଯୋଜନା ଓ ସଂଯୋଜନ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଚିତ୍ରା ଆରୁମୁଗମ, ପୂର୍ବତନ ପ୍ରଶାସନିକ ଅଧିକାରୀ ଡଃ. ଅରବିନ୍ଦ ବେହେରା, ବରିଷ୍ଠ ସମାଜସେବୀ ଜଗଦାନନ୍ଦ, ଓସଡମାର ପରିଚାଳନା ନିର୍ଦ୍ଦେଶକ ଜ୍ଞାନ ଦାସଙ୍କ ସମେତ ପରିଚାଳନା କମିଟିର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

### ଡାକ୍ତର ...

ତଦନ୍ତ କରି ପ୍ରକୃତ ସତ୍ୟାସତ ବାହାର କରିବା ପାଇଁ ପରାମର୍ଶ ଦେଇଥିଲେ। ବିନା ତଦନ୍ତରେ ପୋଲିସ ପକ୍ଷରୁ ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ ୨୦୨୨ ଅକ୍ଟୋବର ମାସରେ ସୁକାନ୍ତଙ୍କ ନାବାଳିକା ଝିଅ ରଶ୍ମିତାକୁ ପ୍ରବଳ ଜ୍ୱର ହୋଇଥିଲା। ସୁକାନ୍ତଙ୍କ ବୋଉ ସେହି ଗ୍ରାମର ମନୋଜ କୁମାର ଦଳାଇଙ୍କୁ ଝିଅକୁ ନେଇ ଦେଖାଇଥିଲେ। ଝିଅକୁ ଦେଖି ମନୋଜ କହିଥିଲା ଯେ, ଝିଅର ଅବସ୍ଥା ଭଲ ନାହିଁ। ତୁମେ ତୁରନ୍ତ ମେଡିକାଲକୁ ନେଇଯାଅ। ସୁକାନ୍ତଙ୍କ ପରିବାର ଡେରି ନ କରି ଝିଅକୁ ଅସ୍ତରଙ୍ଗ ନେଇ ମେଡ଼ିକାଲ ଆସିଥିଲେ। ସୁକାନ୍ତ ବୋଉ ମନୋଜକୁ କହିବାର କାରଣ ସେ କାକଟପୁର ବ୍ଲକ ବାଙ୍ଗୁରୀଗାଁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଫାର୍ମାସିଷ୍ଟ ଭାବେ କାର୍ଯ୍ୟ କରୁଥିଲା। ସେଥିପାଇଁ ସୁକାନ୍ତ ବୋଉ ମନୋଜଙ୍କୁ ଏ କଥା କହିଥିଲେ। ମନୋଜ ପରାମର୍ଶରେ ପରିବାର ଲୋକେ ସାଙ୍ଗେ ସାଙ୍ଗେ ଅସ୍ତରଙ୍ଗ ନେଇଆସିଥିଲେ। ଆଣିବା ପରେ ଝିଅର ସ୍ୱାସ୍ଥ୍ୟ ଅବସ୍ଥା ବିଗିଡିବା ଦେଖିବା ସହିତ ଝିଅ ଅସୁସ୍ଥତା ଅନୁଭବ କରୁଥିଲା ବୋଲି ପରିବାର ଲୋକେ ଜାଣି ପାରିଥିଲେ। ଏହା ଦେଖି ଝିଅକୁ ପରିବାର ଲୋକେ ଅସ୍ତରଙ୍ଗ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ଓ କାର୍ଯ୍ୟରତ ଡାକ୍ତରଙ୍କୁ ଦେଖାଇଥିଲେ। ଅସ୍ତରଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟରତ ଡାକ୍ତର ଦେଖି ପରାମର୍ଶ ଦେଇଥିଲେ ଯେ ତୁମେ ଝିଅକୁ ଅନ୍ୟତ୍ର ଅଧିକ ଚିକିତ୍ସା ପାଇଁ ନେଇଯାଅ। ଏହା ପରେ ଝିଅକୁ ଆମ୍ବୁଲାନ୍ସ ଯୋଗେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଯାଇଥିଲେ।କିନ୍ତୁ ସେଠାରେ ଡାକ୍ତର ଝିଅକୁ ମୃତ ଘୋଷଣା କରିଥିଲେ। ମୃତ ଝିଅକୁ ସୁକାନ୍ତଙ୍କ ପରିବାର ଘରକୁ ନେଇଆସିଥିଲେ। ଝିଅକୁ ଗାଁ କୁ ଆଣି କିଛି ମୁରବୀଙ୍କ ସହିତ ଗାଁରେ ଶବ ସତ୍କାର କରିଥିଲେ। କଣ ପାଇଁ ମନୋଜ ନାମରେ ଇଂଜେକସନ ଦେଇ ମାରିଥିବା ସୁକାନ୍ତଙ୍କ ପରିବାର ପକ୍ଷରୁ ଅଭିଯୋଗ ଆଣୁଛନ୍ତି ତାହା ଏବେ ତଦନ୍ତ ସାପେକ୍ଷ ଅଟେ। ସୁକାନ୍ତ ଏକ ବର୍ଷ ପରେ ବହୁ ବିଳମ୍ବରେ ଥାନାରେ ଅଭିଯୋଗ କରିବାକୁ ଆସିଥିଲେ।ବିଳମ୍ବ କାରଣ ଯୋଗୁଁ ପୋଲିସ ଅଭିଯୋଗ ଗ୍ରହଣ କରି ନ ଥିଲା। ତାପରେ ସୁକାନ୍ତ ବାଧ ହୋଇ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରିବା ସହିତ ବିଭିନ୍ନ ଦିଗକୁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଅନୁଧ୍ୟାନ କରି ମାମଲା ରୁଜୁ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସନ୍ଦେହ କରି ମନୋଜ ଓ ଉଭୟ ସ୍ୱାସ୍ଥ୍ୟ କେନ୍ଦ୍ରର ଦୁଇ ଡାକ୍ତରଙ୍କ ସମେତ ରଶ୍ମିତାର ମୃତ ଦେହକୁ ସତ୍କାର କରିଥିବା ଗାଁର ୩୦ରୁ ଅଧିକ ଲୋକଙ୍କ ନାମରେ ମାମଲା ରୁଜୁ ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ପୋଲିସ ପକ୍ଷରୁ ଏବେ ମାମଲା ରୁଜୁ ହୋଇଛି। ଗାଁ ଲୋକ ମାନଙ୍କ ବିରୋଧରେ ମିଥ୍ୟା ମାମଲା ରୁଜୁ ହେବା ପରେ ଗ୍ରାମରେ ଏବେ ଉତ୍ତେଜନା ପ୍ରକାଶ ପାଇଛି। ଗ୍ରାମ ଲୋକ କହିବା କଥା ଯଦି ମନୋଜ ଦେଇଥିବା ଇଞ୍ଜେକସନରେ ଝିଅର ମୃତ୍ୟୁ ହୋଇଥିଲା ସେତେବେଳେ କଣ ପାଇଁ ସୁକାନ୍ତ ଥାନାରେ ଅଭିଯୋଗ କରି ନ ଥିଲା।ବର୍ଷକ ପରେ କେଉଁ କାରଣରୁ ଥାନା ଆଉ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେଲେ। ଏଥିରେ ସନ୍ଦେହ ସୃଷ୍ଟି ହେଉଛି। ସୁକାନ୍ତଙ୍କ ପରିବାରର ସହମତିରେ ଆମେ ଶବ ସତ୍କାର କରିଥିଲୁ ବୋଲି ଗ୍ରାମବାସୀ ମାନେ କହିଛନ୍ତି। ଆମେ କୌଣସି ଅପରାଧିକ ଉଦ୍ଦେଶ୍ୟରେ ଏହି କାର୍ଯ୍ୟ କରି ନ ଥିଲୁ। ପୋଲିସ ପକ୍ଷରୁ ନିରପେକ୍ଷ ତଦନ୍ତ କରାଗଲେ ସତ୍ୟାସତ ପଦାକୁ ଆସିବ। ଏଥି ସହିତ ପ୍ରକୃତ ଦୋଷୀ କିଏ ବୋଲି ୩୦ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିବା ଗ୍ରାମବାସୀ ମାନେ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ମନୋଜଙ୍କୁ ପଚାରିବାରେ ସେ ତାଙ୍କ ପ୍ରତିକ୍ରିୟା କହିଥିଲେ ମୁଁ ଘରେ ଥିଲି ଝିଅକୁ ଜ୍ୱର ହୋଇଛି ବୋଲି ସୁକାନ୍ତ ବୋଉ ମୋତେ ଝିଅକୁ ଆଣି ଦେଖାଇଲେ। ମୁଁ ଝିଅର ଅବସ୍ଥା ଭଲ ନ ଥିବା ଦେଖି ଅସ୍ତରଙ୍ଗ ମେଡ଼ିକାଲକୁ ନେବା ପାଇଁ ତାଙ୍କୁ କହିଥିଲି। ଏହା ବ୍ୟତୀତ ମୁଁ ଆଉ କିଛି ଜାଣି ନାହିଁ। କିନ୍ତୁ ସେ ପରିବାର ମୋତେ ଗ୍ରାମବାସୀଙ୍କୁ କେଉଁ ଉଦ୍ଦେଶ୍ୟରେ ମିଛ ମାମଲାରେ ପକାଇଛନ୍ତି ତାହା ଆମକୁ ଆଶ୍ଚର୍ଯ୍ୟ କରିଛି।

# ଛାତ୍ରବୃତ୍ତି ପ୍ରଦାନରେ ରାଜ୍ୟ ସରକାରଙ୍କ ବିଳମ୍ବ ପ୍ରକ୍ରିୟା ଚିନ୍ତାଜନକ : ଜୁଏଲ



**ଭୁବନେଶ୍ୱର :** ଓଡିଶା ରାଜ୍ୟର ସମୁଦାୟ ଜନସଂଖ୍ୟାର ପ୍ରାୟ କୋଡିଏ ପ୍ରତିଶତ ଅନୁସୂଚିତ ଜାତି ବର୍ଗର। ଭାରତୀୟ ସମ୍ବିଧାନ ଅନୁସୂଚିତ ଜାତି ବର୍ଗଙ୍କୁ ସମାଜରେ ସେମାନଙ୍କ ଅଧିକାରକୁ ନେଇ ବିଭିନ୍ନ ଧାରାରେ ତାଙ୍କ ପାଇଁ ଶିକ୍ଷା, ନିଯୁକ୍ତି ଓ ରାଜନୈତିକ କ୍ଷେତ୍ରରେ ସଂରକ୍ଷଣ ଦେବା ପାଇଁ ବିଭିନ୍ନ ଅବସର ସୃଷ୍ଟି କରିଛନ୍ତି। ରାଜ୍ୟରେ କୌଣସି ଗୋଟିଏ କ୍ଷେତ୍ରରେ ଏହି ସଂରକ୍ଷଣର ଶତ ପ୍ରତିଶତ ସୁବିଧା ସୁଯୋଗ ଅନୁସୂଚିତ ବର୍ଗକୁ ଦିଆଯାଇନାହିଁ। ରାଜ୍ୟରେ ଅନୁସୂଚିତ ଜାତି ବର୍ଗର ବିକାଶ ଓ ସମସ୍ୟା ସମାଧାନ ନିମନ୍ତେ ରାଜ୍ୟ ସରକାରଙ୍କ ଏସସି ଆଡଭାଇସରି କମିଟିର ବୈଠକ ଆଦୌ ବସୁନାହିଁ ଦୀର୍ଘ ଦିନ ଧରି ରାଜ୍ୟରେ ଅନୁସୂଚିତ ବର୍ଗର ଲୋକମାନଙ୍କ ସମସ୍ୟା ସମାଧାନ ଓ ବିକାଶ ପାଇଁ ରାଜ୍ୟ ସରକାର ଆଦୌ ଆଗ୍ରହୀ ନୁହଁନ୍ତି। ସେହିପରି ଅନୁସୂଚିତ ଛାତ୍ରବୃତି ପ୍ରଦାନରେ ରାଜ୍ୟ ସରକାର ବହୁ ବିଳମ୍ବ କରୁଛନ୍ତି ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସୁନ୍ଦରଗଡ ସାଂସଦ ଜୁଏଲ ଓରାମ କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟଠାରେ ଆଜି ଭାରତୀୟ ଜନତା ପାର୍ଟି ଅନୁସୂଚିତ ଜାତି ମୋର୍ଚ୍ଚାର ରାଜ୍ୟ ସଭାପତି ଡଃ. ବିଭୂ ପ୍ରସାଦ ତରାଇଙ୍କ ସଭାପତିତ୍ୱରେ ରାଜ୍ୟ ପଦାଧିକାରୀ, ଜିଲ୍ଲା ପ୍ରଭାରୀ ଓ ଜିଲ୍ଲା ସଭାପତିମାନଙ୍କୁ ନେଇ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ମୁଖ୍ୟ ଅତିଥିଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସୁନ୍ଦରଗଡ ସାଂସଦ ଜୁଏଲ ଓରାମ ଯୋଗ ଦେଇ ବିସ୍ତୃତଭାବରେ ଅନୁସୂଚିତ ଜାତି ମୋର୍ଚ୍ଚାର ସାଂଗଠନିକ ଉପରେ ଏବଂ ଅନୁସୂଚିତ ଜାତି ମୋର୍ଚ୍ଚାର ନାର୍ଯ୍ୟ ଅଧିକାର ଉପରେ ଆଲୋଚନା କରିଥିଲେ। ମୋର୍ଚ୍ଚାର ରାଜ୍ୟ ସଭାପତି ଡଃ ତରାଇ ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ କରିଥିଲେ ଏବଂ ସାଙ୍ଗଠନିକ ଚର୍ଚ୍ଚା, ବିଶ୍ୱକର୍ମା ଯୋଜନା ଓ ବସ୍ତି ସମ୍ପର୍କ ଉପରେ ଆଲୋଚନା କରିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ(ସଂଗଠନ) ମାନସ କୁମାର ମହାନ୍ତି ମୋର୍ଚ୍ଚାର କାର୍ଯ୍ୟାବଳୀ ଏବଂ ଆଗାମୀ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଅନୁସୂଚିତ ଜାତି ମୋର୍ଚ୍ଚାର ରାଜ୍ୟ ସାଧାରଣ ସମ୍ପାଦକ ଡଃ. ରବି ନାରାୟଣ ବେହେରା ଅତିଥିମାନଙ୍କ ପରିଚୟ କରିବା ସହ ଆଗାମୀ ଦିନରେ ମୋର୍ଚ୍ଚାର କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ ବିଭିନ୍ନ କାର୍ଯ୍ୟକ୍ରମର ଶୈଳୀ ଏବଂ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମର ବ୍ୟବହାର ପ୍ରଚାର ପ୍ରସାର ଉପରେ ଆଲୋକପାତ କରାଇଥିଲେ।

# ବେଧଡକ କାଠ ଚୋରି, ଟ୍ରାକ୍ଟର ଜବତ




**ରଘୁନାଥପୁର,(ସରୋଜ ଦାଶ) :** ବାପ-ପୁଅ ରାତି ଅନିଦ୍ରା, ମୁଗୁରା ମୁହଁ ମେଲା ପରି ଜଙ୍ଗଲ ବିଭାଗରେ କାଠ ଚୋରଙ୍କ ମାଫିଆ ରାଜ ଚାଲିଛି। ସବୁ ଜାଣି ଅଜଣା ରହିବାର ଅଭିନୟ କରୁଛନ୍ତି ବନ ବିଭାଗ କର୍ମଚାରୀ। ନିକଟରେ ଧରାପଡିଥିବା ଏକ କାଠ ଚୋରିକୁ ନେଇ ଯାହା ଜଣାପଡିଛି ରଘୁନାଥପୁର ବ୍ଲକ ଏରଡଙ୍ଗା ଗ୍ରାମର ଜନୈକ ବ୍ୟକ୍ତି ପ୍ରଦୀପ ସ୍ୱାଇଁଙ୍କୁ କାଠ ଚୋରି ଅଭିଯୋଗରେ ତିର୍ତ୍ତୋଲ ପୋଲିସ ଗିରଫ କରିଛି। ଜଇପୁର-ଜଗତସିଂହପୁର ରାସ୍ତାରୁ କଟାଯାଉଥିବା ଗଛର ଏକ ବିରାଟ ଗଣ୍ଡିକୁ ସେ ଟ୍ରାକ୍ଟରରେ ନେଇ ଜଇପୁର-ପାରାଦୀପ ରାସ୍ତାରେ ଯାଉଥିବା ବେଳେ ଧରା ପଡିଥିଲେ। ଶାରଳାରୋଡ ଠାରେ ତିର୍ତ୍ତୋଲ ଥାନା ଅଧିକାରୀ ଅଭିମନ୍ୟୁ ନାୟକଙ୍କ ନିର୍ଦ୍ଦେଶକ୍ରମେ ଏଏସ୍ଆଇ କେଦାର ସେନ୍ ଦଳାଇ କାଠ, ଟ୍ରାକ୍ଟର ଜବତ କରି ତାଙ୍କୁ ଗିରଫ କରିଥିଲେ। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା ରୁଜୁ କରିଛି। ତେବେ ଅଭିଯୁକ୍ତ ପ୍ରଦୀପଙ୍କୁ ବନ ବିଭାଗ ଠାରୁ ୨ ଲକ୍ଷ ୩୭ ହଜାର ୫୬୯ ଟଙ୍କାର ଓଡ଼ିଶା ବନ ଉନ୍ନୟନ ନିଗମ ଲିମିଟେଡ୍ ଦ୍ୱାରା ଜୁନ୍ ୨୫ରେ କଟାଯାଇଥିବା ଏକ ଚାଲାଣ ଦେଖାଇଥିଲା। କିନ୍ତୁ ଜବତ କାଠ ଓ ଉକ୍ତ ଚାଲାଣର କୌଣସି ତାଳ ମେଳ ମିଳୁ ନଥିଲା। ଏ ସଂକ୍ରାନ୍ତରେ ଓଡ଼ିଶା ବନ ଉନ୍ନୟନ ନିଗମର ସବ୍‌ଡିଭିଜନାଲ ମ୍ୟାନେଜର ସତ୍ୟବାନ ମାହେର ତିର୍ତ୍ତୋଲ ଥାନାରେ ଅଭିଯୋଗ କରିଛନ୍ତି। ହେଲେ ଆଗକୁ ଏହାର ପ୍ରଭାବ କ'ଣ ପଡିବ ତାହା ସ୍ଥାନୀୟ ଲୋକେ ଚାହିଁ ବସିଛନ୍ତି।

# ଘରେ ଘରେ କଂଗ୍ରେସ ଘରେ ଘରେ ହାତ କାର୍ଯ୍ୟକ୍ରମ



**ଅସ୍ତରଙ୍ଗ :** ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଅସ୍ତରଙ୍ଗ ବ୍ଲକ କଂଗ୍ରେସ ସଭାପତି ସୁକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଶିଶୁଅ ଗ୍ରାମ ପଞ୍ଚାୟତରେ 'ଘରେ ଘରେ କଂଗ୍ରେସ ଘରେ ଘରେ ହାତ' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ଓ ହାତ ଚିହ୍ନକୁ ସମସ୍ତ ଘରେ ଘରେ ପହଞ୍ଚାଇବା ମୁଖ୍ୟ ଲକ୍ଷ୍ୟ ଥିଲା। କେନ୍ଦ୍ରରେ ବିଜେପି ଓ ଓଡିଶାରେ ବିଜେଡି ସରକାରଙ୍କ ଜନ ମରଣ ନୀତି ଓ ବିଫଳତା ଉପରେ ପଦଯାତ୍ରା କରି ଘର ଘର ବୁଲି ଲୋକ ମାନଙ୍କୁ ଅବଗତ କରାଇଥିଲେ। କେନ୍ଦ୍ରୀୟ ନେତୃତ୍ୱଙ୍କ ନିର୍ବାଚନ ପ୍ରତିଶ୍ରୁତି ଆଧାରରେ ଆଗାମୀ ୨୦୨୪ ନିର୍ବାଚନରେ କଂଗ୍ରେସ ଦଳର ପ୍ରତିଶୃତି ଓଡିଶାରେ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦିଆଯାଇଥିଲା। ପରେ ଏକ କର୍ମୀ ବୈଠକ ଶିଶୁଅ ବରକୋଟି ଠାକୁରାଣୀଙ୍କ ଠାରେ ଏକ ପୂର୍ଣ୍ଣାଙ୍ଗ ବୈଠକ ବ୍ଲକ ସଭାପତି ସୁକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ରାଜ୍ୟ କଂଗ୍ରେସର ଉପସଭାପତି ତଥା କାକଟପୁରର ନେତା ବିଶ୍ୱଭୂଷଣ ଦାସ, ଜିଲ୍ଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ପ୍ରତାପ ଖୁଣ୍ଟିଆ, ଜିଲ୍ଲା କଂଗ୍ରେସ କମିଟିର ସମ୍ପାଦକ ତଥା ଶିଶୁଅ ଗ୍ରାମ ପଞ୍ଚାୟତର ସଭାପତି ଅଗାଧୁ ଚରଣ ମହାନ୍ତି, ଜୋନ ୧ର ସଭାପତି ବିକାଶ କୁମାର ବାରିକ୍, ଜୋନ ୨ ସଭାପତି ପ୍ରଶାନ୍ତ କୁମାର ଭୋଳ, ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ବିରଞ୍ଚି ନାରାୟଣ ପତି, କୃଷକ ନେତା ତୃଷାର କାନ୍ତ ନାୟକ, ବରିଷ୍ଠ କଂଗ୍ରେସ ନେତା ରମେଶ ଚନ୍ଦ୍ର ଦଳେଇ, ଲିଟୁ ବିଶ୍ୱାଳ ଓ ସୁବାଷ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ।

# ଓଡିଶା ମିଲେଟ ମିଶନର ଏସ୍ଏଚ୍‌ଜି ମହିଳା ମାନଙ୍କୁ ତାଲିମ



**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକର ଜୁନାପାଣି ପଞ୍ଚାୟତ ସଭା ଗୃହରେ ଓଡିଶା ମିଲେଟ ମିଶନ ତରଫରୁ ଦୁଇ ଦିନିଆ ତାଲିମ ଶିବିର ବୁଧବାର ଉଦଯାପିତ ହୋଇଯାଇଛି। ଏଥିରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ନେଇ କ୍ଷୁଦ୍ର ଶସ୍ୟ ଖାଦ୍ୟର ଉପକାରିତା ବିଷୟରେ ବ୍ୟାପକ ଭାବେ ତାଲିମ ପ୍ରଦାନ କରଯାଇଥିଲା। ଏଥିରେ ମଣ୍ଡିଆରୁ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତି କିପରି କରାଯିବ ଓ ଏହାକୁ ଖାଇଲେ ଦେହ ସୁସ୍ଥ ଓ ନିରୋଗ ରହିବ ଏହା ଉପରେ ମହିଳା ମାନଙ୍କୁ ତାଲିମ ଦିଆଯାଇଥିଲା। ଏଥିରେ ମଣ୍ଡିଆରୁ କାକାରା ପିଠା, ପକୁଡି, ବରା, ଲଡୁ, ମିକ୍ସଚର, ଚାଓମିନ, ବିସ୍କୁଟ ଓ ପୋଡପିଠା, ସୁଆଁ ରୁ ଭାତ, ଜାଉ ଓ ଲଡୁ ଏବଂ ଗାଙ୍ଗୁ ଚାଉଳରୁ ଖିରୀ ଓ ବିରିଆନୀ ଆଦି କିପରି ତିଆରି କରାଯାଏ ସେ ଉପରେ ତାଲିମ ଦିଆଯାଇଥିଲା ଓ ଉକ୍ତ ସାମଗ୍ରୀ ଗୁଡିକ ପ୍ରସ୍ତୁତ କରି ପ୍ରଦର୍ଶିତ ହୋଇଥିଲା। ଏହି ତାଲିମ ଶିବିର ରେ ଏଫପିଓ ର ମୁଖ୍ୟ ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ଜଏଲ, ମିଲେଟ ମିଶନର ଡାବୁଗାଁ ବ୍ଲକ ସଂଯୋଜକ ନବୀନ ମହୁରିଆ, ସହକାରୀ ବ୍ଲକ ସଂଯୋଜକ ଶସ୍ମିତା ବଳବନ୍ତରାୟ, ସିଆରପି ସୁବାସ ଭତରା, ଗୁରୁବନ୍ଧୁ ଭତରା, ମମତା ମାଳୀ ଓ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ଉପସ୍ଥିତ ଥିଲେ।

# ଭୁବନର ଦଶହରା ବଳଦଯାତ୍ରା



ପ୍ରେମାନନ୍ଦ ପାଣିଗ୍ରାହୀ



ଐତିହାସିକ ତଥ୍ୟକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଭାରତ ସମେତ ବିଶ୍ୱର ବିଭିନ୍ନ ପ୍ରାନ୍ତରରେ ଗୋ-ସମ୍ପଦକୁ ଉଚ୍ଚ ଆସନ ଦିଆଯାଇ ପୂଜାକରାଯାଇଥାଏ। ଆମ ସାମାଜିକ ଚଳଣି ଏବଂ ପର୍ବପର୍ବାଣୀରେ ଗୋ-ପୂଜାକୁ ଉଚ୍ଚ ସ୍ଥାନ ଦିଆଯାଇଛି। ଶାସ୍ତ୍ରରେ ବର୍ଣ୍ଣନା ଅଛି ଯେ ଜନ୍ମଦାତ୍ରୀ ମା', ଗୁରୁ ପତ୍ନୀ, ବ୍ରାହ୍ମଣୀ, ରାଜପତ୍ନୀ, ଗୋମାତା, ଧାତ୍ରୀ ଏବଂ ପୃଥିବୀ ଏହି ସାତ ଜଣ ହିନ୍ଦୁ ମାନଙ୍କର ମା' ରୂପେ ପୂଜା ପାଆନ୍ତି। ଶାସ୍ତ୍ରରେ ପୁଣି ମଧ୍ୟ କୁହାଯାଇଛି ଆର୍ଯ୍ୟ ମାନଙ୍କର ଗୃହପାଳିତ ପଶୁ ଭାବରେ ଗାଈ ଓ ବଳଦ ସେମାନଙ୍କ ନିକଟରେ ସମସ୍ତଙ୍କ ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥିଲା। ତେଣୁ ଗୋ-ସମ୍ପଦ ପ୍ରତି ଆର୍ଯ୍ୟ ମାନଙ୍କର ଶ୍ରଦ୍ଧା ରହିଥିଲା। ଗୋମାତାକୁ ପୂଜାର୍ଚ୍ଚନା ଓ କୃତଜ୍ଞତା ଜଣାଇବା ଉଦ୍ଦେଶ୍ୟରେ ପବିତ୍ର ଦଶହରା ଦିନ ଢେଙ୍କାନାଳ ଜିଲ୍ଲା ଭୁବନରେ ପାଳିତ ହୋଇଥାଏ ବଳଦ ଯାତ୍ରା

***ବାଣିଜ୍ୟର ସ୍ମୃତି ଏ ବଳଦ ଯାତ୍ରା :*** ଓଡିଶାର ବାଣିଜ୍ୟିକ ଇତିହାସରେ ସମୁଦ୍ର ବାଣିଜ୍ୟ ଓ ସ୍ଥଳବାଣିଜ୍ୟ ଉଭୟ ଥିଲା ଉଭୟର ପରିପୂରକ। କଳିଙ୍ଗର ଯେଉଁ ବୈଶ୍ୟମାନେ ଦରିଆପାରି ବାଣିଜ୍ୟ କରୁଥିଲେ, ବୋଇତ ନେଇ ବିଦେଶକୁ ଯାଉଥିଲେ ଏବଂ ସ୍ଥଳପଥରେ ବ୍ୟବସାୟ କରିବାପାଇଁ ବଳଦ ପିଠିରେ ପଣ୍ୟ ଦ୍ରବ୍ୟମାନ ବହନ କରି ନେଉଥିଲେ ସେମାନେ ସାଧବ, ସାର୍ଥବାହ ସୌଦାଗର, ବଣିକ, କଳିଙ୍ଗ ବୈଶ୍ୟ ଭାବରେ ସୁଖ୍ୟାତି ଅର୍ଜନ କରିଥିଲେ। ସେତେବେଳେ ଓଡିଶା ଉପକୂଳରେ ପଙ୍ଗା ଲୁଣର ଚାହିଦା ଅଧିକ ଥିଲା। ଲୁଣ ପୋକ୍ତାନ ଓଡିଶାରେ ଗୋଟିଏ ପ୍ରଧାନ ଲାଭଜନକ ବ୍ୟବସାୟ ଥିଲା। ଭୁବନର ଐତିହ୍ୟ ଓ ସାଂସ୍କୃତିକ ବିଭବ ଗୁଡିକ ମଧ୍ୟରୁ ସ୍ଥଳବାଣିଜ୍ୟ ଏକ ସ୍ୱତନ୍ତ୍ର ସ୍ଥାନ ଅର୍ଜନ କରିଥିଲା। ଭୁବନର ବଣିକମାନେ ଏହି କ୍ଷେତ୍ରରେ ପାଳନ କରିଥିଲେ ଏକ ମୁଖ୍ୟ ଭୂମିକା। ଏଠାରେ ବାସ କରୁଥିବା ଦୁଃସାହସୀ ଥୋଡିଆ ଜାତି ବାଣିଜ୍ୟିକ ରଣକୌଶଳ ଓ କର୍ତ୍ତବ୍ୟ ନିଷ୍ଠତା ଦୃଷ୍ଟିରୁ ସ୍ଥଳ ବାଣିଜ୍ୟରେ ପାରଦର୍ଶିତା ପ୍ରଦର୍ଶନ କରିପାରିଥିଲେ। ବାଣିଜ୍ୟ କରୁଥିବା ଥୋଡିଆ ଜାତି ମୁଖ୍ୟଙ୍କୁ ଥୋଡି ମହାଜନ,ବାଣିଜ୍ୟରେ ବ୍ୟବହାର କରାଯାଉଥିବା ବଳଦକୁ ଥୋଡି ବଳଦ ଓ ଥୋଡି ମହାଜନଙ୍କ ସାଙ୍ଗରେ ଯାଉଥିବା ବଣିକମାନଙ୍କୁ ବଳଦିଆ କୁହାଯାଉଥିଲା। ସାଧାରଣତଃ ନିରାପ। ଦୃଷ୍ଟିରୁ ଏମାନେ ଗୋଷ୍ଠୀବଦ୍ଧ ଭାବରେ ଯାତ୍ରା କରୁଥିଲେ। ଭୁବନର ଥୋଡି ମହାଜନ ବିଜୟାଦଶମୀ ଦିନ ବାଣିଜ୍ୟ ଯାତ୍ରା ନିମନ୍ତେ ଦଶହରାର ପବିତ୍ର ବ୍ରାହ୍ମ ମୁହୂର୍ତ୍ତରେ ସ୍ନାନାଦି ପରେ ପୂତପବିତ୍ର ହୃଦୟରେ ମା' ଙ୍କୁ ଆବାହନ ଓ ପ୍ରଣତି ସହ ତାଙ୍କୁ ଶୁଭ ଓ ମଙ୍ଗଳର ପ୍ରତୀକ ସ୍ୱରୂପ ତାମ୍ବୁଳ ଅର୍ପଣ କରି ଯାତ୍ରା ଅନୁକୂଳ କରୁଥିଲେ। ବାଣିଜ୍ୟରେ ସାହାଯ୍ୟ କରୁଥିବା ବଳଦକୁ ଶୌଚ କରାଯାଇ ବନ୍ଦାଣ ଖୁଣ୍ଟରେ ବନ୍ଧା ଯାଉଥିଲା। ଥୋରିଆ ପରିବାରର ମହିଳାମାନେ ୧୦ ଜାତିର ଫୁଲ, ପିଠା, ନୈବେଦ୍ୟ ଦେଇ ବଳଦକୁ ବନ୍ଦାପନା କରିବାପରେ ଥୋଡି ମହାଜନମାନେ ବଳଦ ପିଠିରେ ପହ୍ଲାଣ ବାନ୍ଧି ବାଲେଶ୍ୱରର ଇଞ୍ଚୁଡି, ଚାନ୍ଦବାଲି, ବାସୁଦେବପୁର, ଗଞ୍ଜାମର ଗୋପାଳପୁର ଅଞ୍ଚଳକୁ ଯାତ୍ରା ଆରମ୍ଭ କରୁଥିଲେ। ସେଠାରୁ ଶଗଡଗାଡିରେ ଲୁଣ ଆଣି ଗଡଜାତ ଅଞ୍ଚଳ ତଥା ରାଜ୍ୟ ବାହାରକୁ ମଧ୍ୟ ଯାଉଥିଲେ। ସେଠାରେ କିଛିଦିନ ରହି ବଳଦ ପିଠିରେ ଲୁଣ ବସ୍ତା ଲଦି ଗାଁ ଗାଁରେ ଲୁଣ ବିକ୍ରି କରୁଥିଲେ। କଉଡି ଓ ମୁଦ୍ରାର ପ୍ରଚଳନ ନଥିବାରୁ ଲୁଣ ସହିତ ସୁନା, ରୂପା, ଅଳଙ୍କାର, ପିତ୍ତଳ ସାମଗ୍ରୀ ପ୍ରତିବଦଳରେ ସେ ଅଞ୍ଚଳରୁ ମିଳୁଥିବା ଲାଖ, ଝୁଣା, ମହୁ, ହାତୀ ଦାନ୍ତ, ଶିଙ୍ଗ, ମହମ ଆଦି ଆଣୁଥିଲେ। ଏହି ବାଣିଜ୍ୟ ପରମ୍ପରାରେ ତତ୍‌କାଳୀନ ଧନଶାଳୀ ବଣିକମାନଙ୍କର ପୃଷ୍ଠପୋଷକତା ଧିରେ ଧିରେ କେନ୍ଦ୍ରୀଭୂତ ହୋଇଥିଲା। ସମୟକ୍ରମେ ପ୍ରତିକୂଳ ପ୍ରାକୃତିକ ପରିସ୍ଥିତି ଯାନବାହନର ଚଳପ୍ରଚଳ, ସ୍ଥଳବାଣିଜ୍ୟ ପ୍ରତି ଭୁବନ ବଣିକ ମାନଙ୍କର ଅନାଗ୍ରହ ଫଳରେ ବଳଦ ସାହାଯ୍ୟରେ ବାଣିଜ୍ୟ ପରମ୍ପରାର ଅବସାନ ଘଟିଲା। ସମୟ ସ୍ରୋତରେ ସେସବୁ ଆଜି ଇତିହାସ ଯଦିଓ ଆଜି ଭୁବନର ଖ୍ୟାତିପ୍ରାପ୍ତ ବାଣିଜ୍ୟ ଲୁପ୍ତ, ତଥାପି ଏହାର ଗୌରବଶାଳୀ ଚେତନା ଭୁବନବାସୀଙ୍କ ଧମନୀରେ ଏବେ ମଧ୍ୟ ରହିଛି। ଏବେ ବି ଭୁବନ ବାସୀଙ୍କର ବଣିକ ଜାତି ଭାବେ ପରିଚୟ ସାରା ରାଜ୍ୟରେ ରହିଛି। ଏଥିପାଇଁ ସେମାନେ ଗର୍ବ ଓ ଗୌରବ ଅନୁଭବ କରନ୍ତି। ଯେତେବେଳେ ଥୋଡି ମହାଜନ ବଳଦ ନେଇ ଦୂରସ୍ଥାନକୁ ଯିବା ବନ୍ଦ କରିଦେଲେ ସେତେବେଳେ ଏହି ବାଣିଜ୍ୟ ପ୍ରଥାର ସ୍ମାରକୀକୁ ଉଜ୍ଜୀବିତ କରି ରଖିବାପାଇଁ ବଳଦ ଯାତ୍ରାର ଅୟମାରମ୍ଭ କରିଥିଲେ। ଅପରପକ୍ଷରେ ବଳଦ ଯାତ୍ରା ହେଉଛି କୃଷି କାର୍ଯ୍ୟ ତଥା ପରିବହନ ପାଇଁ ଏବେ ବି କୃଷକକୁ ସହଯୋଗ କରି ଆସୁଥିବା ବଳଦକୁ ଶାରଦୀୟ ମହୋତ୍ସବ ଅବସରରେ ଭୁବନବାସୀଙ୍କ ପକ୍ଷରୁ ସମ୍ମାନ ପ୍ରଦର୍ଶନର ଏକ ମଧୁର ପାର୍ବଣ।

***କିପରି ହୁଏ ଏ ଯାତ୍ରା :*** ଦୁଇଦିନ ଧରି ଭୁବନରେ ଅନୁଷ୍ଠିତ ହୁଏ ବଳଦଯାତ୍ରା। ଦଶହରା ଦିନର ଯାତ୍ରାକୁ ଅନୁକୁଳଯାତ୍ରା ଓ ତାପରଦିନକୁ ବାସୀ ଦଶହରା ଯାତ୍ରା କୁହାଯାଏ। ବଳଦ ଯାତ୍ରାରେ ଅଂଶଗ୍ରହଣ କରୁଥିବା ବଳଦକୁ ଦଶହରା ବଳଦ ଓ ବଳଦ ଯାତ୍ରାରେ ସହଯୋଗ କରୁଥିବା ବ୍ୟକ୍ତିମାନଙ୍କୁ ବଳଦିଆ କୁହାଯାଏ। ଅନୁକୂଳ ଯାତ୍ରା ଦିନ ସକାଳୁ ଦଶହରା ବଳଦକୁ ପୋଖରୀରେ ପରିଷ୍କାର ଭାବେ ଶୌଚ କରାଯାଇ ଗୋଟିଏ ସ୍ୱତନ୍ତ୍ର ଖୁଣ୍ଟରେ ବାନ୍ଧି ଦିଆଯାଏ। ସେହି ଖୁଣ୍ଟକୁ କୁହାଯାଏ ଶୁଭ ଖୁଣ୍ଟ। ଶାଳ କାଠରେ ନିର୍ମିତ ଏହି ଶୁଭ ଖୁଣ୍ଟର ଅଗ୍ରଭାଗରେ ନାଲିଛିଟ କପଡା, ଦୁବ, ବରକୋଳି ପତ୍ର, ହଳଦୀ, ଚନ୍ଦନ, ସିନ୍ଦୁର ଲେପନ କରାଯାଇଥାଏ। ମହିଳା ମାନଙ୍କ ଦ୍ୱାରା ଶୁଭକଳସ ସ୍ଥାପନା କରାଯାଏ। ସଂନ୍ଧ୍ୟା ଆସିଲେ ଥୋଡିଆମାନେ ବୀରବେଶ ହୋଇ ବଳଦ ଯାତ୍ରା ପାଇଁ ପ୍ରସ୍ତୁତ ହୁଅନ୍ତି। ଦଶହରା ବଳଦକୁ ଶୁଭ ଖୁଣ୍ଟରେ ଏକ ନୂଆ ପଘାରେ ବାନ୍ଧି ବଳଦର ମୁହଁରେ ମୁହଁଖାର, ପିଠିରେ ପହ୍ଲାଣ, ଲାଞ୍ଜରେ ଲାଞ୍ଜୁଆଡି, ବେକରେ ଫୁଲହାର, ଥୋଡିରେ ତୁଣ୍ଡି, ଗୋଡ ଖୁରାରେ ଘୁଙ୍ଗୁର, ଶିଙ୍ଗରେ ମୟୁର ପୁଚ୍ଛ ଓ ବଗ ପକ୍ଷୀର ଟାହିଆ। ଦେହ ସାରା କଉଡିମାଳରେ ସୁସଜ୍ଜିତ କରାଯାଇଥାଏ।

ଥୋଡି ମହାଜନଙ୍କ ଘରୁ ମଙ୍ଗଳା ଘଣ୍ଟ ଅଣାଯାଇ ଦଶହରା ବଳଦର ଗଳାରେ ବନ୍ଧାଯାଏ। ସୂଚନା ଯୋଗ୍ୟ ଯେ ଥୋଡି ବଳଦ ଗଳାରେ ଥିବା ଘଣ୍ଟକୁ ମଙ୍ଗଳା ଘଣ୍ଟ କୁହାଯାଉଥିବା ବେଳେ ଅନ୍ୟ ପାଟକର ବଳଦ ଗଳାରେ ଥିବା ଘଣ୍ଟକୁ କେବଳ ଘଣ୍ଟ କୁହାଯାଏ। ବଳଦକୁ ସାଜସଜ୍ଜା କରାଯିବାପରେ ଥୋଡି ମହାଜନ ଘରର କୁଳବଧୂମାନେ ପିତ୍ତଳ ଡାଳ ଭିତରେ ଜୀବନ୍ତ ଗଡିଶ ମାଛ ଆଣି ବଳଦର ଆଗ ଗୋଡ ପାଖରେ ଛାଡି ଦେଇଥାନ୍ତି। ତା' ପରେ ଦଶହରା ବଳଦକୁ ବନ୍ଦାପନା କରାଯାଏ। ବଳଦ ପିଠିରେ ସୁନ୍ଦର ଟାହିଆ ଟିଏ ଲଦାଯାଏ। ଆରମ୍ଭ ହୁଏ ଅନୁକୂଳ ଯାତ୍ରା ବା ବନ୍ଦାଣ ଯାତ୍ରା। ଆଲୋକର ବର୍ଣ୍ଣାଳୀ, ଢୋଲ, ଭେରୀ, ତୁରୀ, ଘଣ୍ଟଘଣ୍ଟା, ରୋଷଣୀ ଶବ୍ଦରେ ଆକର୍ଷଣୀୟ ହୋଇଉଠେ ବଳଦଯାତ୍ରା। ରୋଷଣୀ ପଟୁଆରାରେ ଦଶହରା ବଳଦକୁ ପ୍ରଥମେ ରଘୁନାଥ ମନ୍ଦିରକୁ ନିଆଯାଏ। ସେଠାରେ ପୂଜାର୍ଚ୍ଚନା କରାଯିବା ପରେ ବଳଦକୁ ଚଣ୍ଡୀ ମନ୍ଦିର ତା ପରେ ଗୋପାଳଜୀଉ ମନ୍ଦିରକୁ ନିଆଯାଇ ଗୁଜୁରୀହାଟକୁ ନିଆଯାଏ। ସେଠାରେ ଦଶହରା ବଳଦକୁ ଦେବୀ ଦୁର୍ଗାଙ୍କ ଫୁଲ ହାର ପିନ୍ଧାଯାଏ। ଗୁଜୁରୀହାଟ ଠାରେ ଜଗନ୍ନାଥଙ୍କର ଚଳନ୍ତି ପ୍ରତିମା ବିମାନରେ ଆସି ଦଶହରା ବଳଦ ସହ ଯାତ୍ରାରେ ଯାଆନ୍ତି। ସେଠାରୁ ଶୋଭାଯାତ୍ରା ବଡହାଟ ଯାଏ। ବଡହାଟ ଠାରେ ଜ୍ୟୋତିଷ ପାଞ୍ଜିପାଠ କରିଥାନ୍ତି। ଅନ୍ୟାନ୍ୟ ପାଟକର ସୁସଜ୍ଜିତ ବଳଦ ପଟୁଆରାରେ ଆସି ଏଠାରେ ଏକତ୍ରିତ ହୋଇଥାନ୍ତି। ସେଠାରୁ ବଳଦ ଯାତ୍ରା ଜଗନ୍ନାଥ ମଣ୍ଡପକୁ ଯାଏ। ବାଟରେ ଯେଉଁଠି ଯେଉଁଠି ଦେବଦେବୀ ମନ୍ଦିର ପଡେ ସେଠାରେ ଦଶହରା ବଳଦକୁ ବନ୍ଦାପନା ଓ ପୂଜା କରାଯାଏ। ଜଗନ୍ନାଥଙ୍କ ଚଳନ୍ତି ବିମାନକୁ ଜଗନ୍ନାଥ ମନ୍ଦିରରେ ବିଦାୟ ଦେଇ ଶୋଭାଯାତ୍ରା ଦାନୀ ଘରକୁ ଯାଏ। ଦାନୀ ଘର ପକ୍ଷରୁ ଦଶହରା ବଳଦକୁ ବନ୍ଦାପନା କରାଯାଇ ଥୋଡି ସମାଜର ମୁଖ୍ୟଙ୍କୁ ୪ଟି ନଡିଆ ଓ ୧୩ଟି ଗୁଆ ମାନ୍ୟ ଦିଆଯାଏ। ସେଠାରୁ ପଟୁଆର ନୂଆବଜାର ନିକଟସ୍ଥ ଦଶହରା ପଡିଆକୁ ଯାଏ। ଅତୀତରେ ସେହି ପଡିଆରେ ଥୋଡିଆମାନଙ୍କ ପକ୍ଷରୁ ଖଣ୍ଡା ଖେଳ ହେଉଥିବାର ସ୍ମୃତିକୁ ମନେପକାଇ ପଡିଆର ମାଟିକୁ ଥୋଡିଆମାନେ ମଥାରେ ମାରିଥାନ୍ତି। ସେଠାରୁ ବଳଦ ଶୋଭାଯାତ୍ରା ଗୋପାଳଜୀଉଙ୍କ ମନ୍ଦିର ନିକଟରେ ଅଟକେ। ସେଠାରେ ଗୁଡିଆ ଜାତିର ମୁଖ୍ୟଙ୍କ ଠାରୁ ଲୁଣ କିଣାଯାଏ। ଏବେ ଲୁଣ ପରିବର୍ତ୍ତେ ଫୁଲମାପ କରାଯାଉଛି। ସେଠାରୁ ଅନ୍ୟ ପାଟକର ବଳଦ ମାନଙ୍କୁ ବିଦାୟ ଦେଇ ଥୋଡିଆମାନେ ଦଶହରା ବଳଦକୁ ନିଜ ସାହିକୁ ନେଇଥାନ୍ତି। ଦଶହରା ବଳଦକୁ ପୁଣି ବନ୍ଦାପନା କରି ଶୁଭଖୁଣ୍ଟ ନିକଟକୁ ପ୍ରତ୍ୟାବର୍ତ୍ତନ କରାଯାଏ। ଯାତ୍ରାରେ ଯାଇଥିବା ଥୋଡିଆ କନିଷ୍ଠମାନେ ବୟୋଜ୍ୟେଷ୍ଠମାନଙ୍କୁ ଭୂମିଷ୍ଠ ପ୍ରଣିପାତ କରିଥାନ୍ତି। ତା' ପରେ ଥୋଡିଆ ସମାଜ ପକ୍ଷରୁ ସାମୁହିକ ଭାବେ ପଙ୍କ୍ତି ଭୋଜନ କରାଯାଏ। ଦଶହରା ଦିନ ମାଛ ଓ ଭାତ ଖାଇବା ଏହି ଯାତ୍ରାରେ ପରମ୍ପରା କ୍ରମେ ରହିଆସିଛି। ବଳଦ ଯାତ୍ରାରେ ଯାଇଥିବା ଥୋଡିଆମାନେ ବଳଦଯାତ୍ରାରେ ଅଂଶଗ୍ରହଣ କରିଥିବା ଅନ୍ୟପାଟକର ବଳଦିଆମାନଙ୍କୁ ଗୁଆ ମାନ୍ୟଦିଅନ୍ତି ତାପର ଦିନ ମା ଦୁର୍ଗା ଓ ହରପାର୍ବତୀଙ୍କ ବିସର୍ଜନ ଶୋଭାଯାତ୍ରାରେ ଅଂଶଗ୍ରହଣ କରିବାପାଇଁ। ଦାନୀ ଘର ପକ୍ଷରୁ ପ୍ରଦାନ କରାଯାଇଥିବା ନଡିଆକୁ ଥୋଡି ମହାଜନଙ୍କ ଘରେ ସ୍ଥାପନା ହୋଇଥିବା ମହାଳୟା ପିଣ୍ଡ ନିକଟରେ ରଖାଯାଇଥାଏ। ଦୀପାବଳି ଅମାବାସ୍ୟା ଦିନ ଏହି ନଡିଆକୁ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ସମର୍ପଣ କରାଯାଇ ଏହାର ଭୋଗକୁ ପ୍ରତ୍ୟେକ ଥୋଡିଆ ପରିବାରକୁ ବଣ୍ଟାଯାଇଥାଏ।

***ଭୁବନ, ଢେଙ୍କାନାଳ***
***ଦୂରଭାଷ : ୯୪୩୭୭୨୯୩୮୪***





## ବହୁମୁଖୀ ଦାରିଦ୍ର୍ୟ ହ୍ରାସରେ ଶ୍ରେଷ୍ଠ ୫ ରାଜ୍ୟ ମଧ୍ୟରେ ଓଡ଼ିଶା

# ପାଞ୍ଚ ବର୍ଷରେ ଦାରିଦ୍ର୍ୟ ୧୪ % ହ୍ରାସ

**ଭୁବନେଶ୍ୱର:** ଏକଦା ଦେଶ ତଥା ବିଦେଶରେ 'ଭୋକର ଭୂଗୋଳ' ଓ 'ଅନାହାର ପର୍ଯ୍ୟଟନ ଭୂମି' କୁହାଯାଉଥିବା ଓଡ଼ିଶା ଏବେ ଦେଶ ପାଇଁ ପାଲଟିଛି ଖାଦ୍ୟ ଭଣ୍ଡାର। ୨୦ ବର୍ଷ ମଧ୍ୟରେ ରାଜ୍ୟରେ ଶସ୍ୟ ଉତ୍ପାଦନ ମଧ୍ୟରେ ଘଟିଥିବା ଚମତ୍କାରିତା ଓଡ଼ିଶାର ଦୁର୍ନାମକୁ ଦୂର କରିବାକୁ କେବଳ ସମର୍ଥ ହୋଇନାହିଁ; ପକ୍ଷାନ୍ତରେ ନିଜର ଆବଶ୍ୟକତା ଭରଣା କରି ଦେଶକୁ ଯୋଗାଉଛି ଖାଦ୍ୟ ଶସ୍ୟ। ରାଜ୍ୟରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନେଇଥିବା ଶପଥ ଏବେ ବସ୍ତୁତଃ ପୂର୍ଣ୍ଣ ରୂପ ପରିଗ୍ରହ କରିଛି। ୨୦୩୬ ସୁଦ୍ଧା ଏକ ବିକଶିତ ଓଡ଼ିଶା ଗଠନ ପାଇଁ ମୁଖ୍ୟମନ୍ତ୍ରୀ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ରାଜ୍ୟ ପ୍ରଶାସନ ଏହି ଦିଗରେ ନିଜର ସକରାତ୍ମକ କାର୍ଯ୍ୟକଳାପ ବଜାୟ ରଖିଛି। ପରିଣତିସ୍ୱରୂପ ରାଜ୍ୟରେ ଗତ ୫ ବର୍ଷ ମଧ୍ୟରେ ଦାରିଦ୍ର୍ୟ ହାର ୧୪% ହ୍ରାସ ପାଇଛି। ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ସମତୁଲ ବିକାଶ ରାଜ୍ୟର ଲୋକଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିଛି ଏବଂ ଦାରିଦ୍ର୍ୟ ହ୍ରାସ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। '୫-ଟି' ଉପକ୍ରମ ଅଧିନରେ ଗ୍ରାମାଞ୍ଚଳରୁ ସହରାଞ୍ଚଳ ଯାଏଁ ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ଦାରିଦ୍ର୍ୟ ଦୂରୀକରଣ ପାଇଁ ଯୋଜନା ଭିତ୍ତିରେ କାର୍ଯ୍ୟକ୍ରମ ହାତକୁ ନିଆଯାଉଥିବା ବେଳେ ଖୁବଶୀଘ୍ର ଓଡ଼ିଶା ଦେଶରେ ଦାରିଦ୍ର୍ୟ ହ୍ରାସ ଦିଗରେ ଅଧିକ ପ୍ରଭାବୀ ପ୍ରଦର୍ଶନ କରିବ ବୋଲି କୁହାଯାଉଛି।ନୀତି ଆୟୋଗର ଶେଷତମ ଜାତୀୟ ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କ ଅନୁଯାୟୀ ଗତ ୫ ବର୍ଷରେ ରାଜ୍ୟରେ ବହୁମୁଖୀ ଦାରିଦ୍ର୍ୟ ୨୯.୩୫ ପ୍ରତିଶତରୁ ୧୫.୬୮ ପ୍ରତିଶତକୁ ହ୍ରାସ ପାଇଛି। ୨୦୧୫-୧୬ରେ ରାଜ୍ୟରେ ଦାରିଦ୍ର୍ୟ ହାର ୨୯.୩୫ ପ୍ରତିଶତ ଥିବାବେଳେ ୨୦୧୯-୨୦ ଏହା ୧୫.୬୮ ପ୍ରତିଶତକୁ ହ୍ରାସ ପାଇଛି। ବର୍ତ୍ତମାନ ସମୟର ମୂଲ୍ୟାଙ୍କନ କଲେ ଏହି ହାର ଆହୁରି ଅଧିକ ହେବ ବୋଲି ଆଶା କରାଯାଉଛି। ଦେଶରେ ଯେଉଁ ୫ଟି ରାଜ୍ୟରେ ବହୁମୁଖୀ ଦାରିଦ୍ର୍ୟ ଦ୍ରୁତ ହ୍ରାସ ପାଇଛି, ସେଥିରେ ଓଡ଼ିଶା ସାମିଲ ରହିଛି। ଗ୍ରାମୀଣ ବିକାଶ କ୍ଷେତ୍ରରେ ରାଜ୍ୟ ସରକାର ଧ୍ୟାନ କେନ୍ଦ୍ରୀଭୂତ କରିଥିବା ବେଳେ ସମାନ ସମୟରେ ସହରାଞ୍ଚଳରେ ନିଯୁକ୍ତି ଏବଂ ବିକାଶକୁ ଗୁରୁତ୍ୱ ଦେଉଛନ୍ତି। ଯାହା ରାଜ୍ୟରେ ହ୍ରାସର ପ୍ରମୁଖ କାରଣ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ରାଜ୍ୟର ଦାରିଦ୍ର୍ୟ ହ୍ରାସ କ୍ଷେତ୍ରରେ ଯେଉଁ ଦୁଇ ପ୍ରମୁଖ ଦିଗକୁ ଇଙ୍ଗିତ କରାଯାଉଛି ସେଥିରୁ ଶିଳ୍ପ ଅନୁକୂଳ ପରିବେଶ ଓ ମିଶନ ଶକ୍ତିର ଅଭ୍ୟୁଦୟକୁ ପ୍ରମୁଖ ବୋଲି କୁହାଯାଉଛି। ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ରାଜ୍ୟରେ ସିଙ୍ଗଲ ଡ୍ୱିଣ୍ଡୋ ବ୍ୟବସ୍ଥା, ସ୍ୱତନ୍ତ୍ର ଶିଳ୍ପ ନୀତି,



ସର୍ବୋପରି ମେକ୍ ଇନ୍ ଓଡ଼ିଶା, ନିବେଶକ ସମ୍ମିଳନୀ ମାଧ୍ୟମରେ ଓଡ଼ିଶାରେ ନିବେଶ ପାଇଁ ଶିଳ୍ପପତିଙ୍କୁ ଆକୃଷ୍ଟ କରାଯାଉଛି। ଯାହାଫଳରେ ନିକଟ ଅତୀତରେ ରାଜ୍ୟକୁ ଲକ୍ଷ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ଆସିପାରିଛି। ଓଡ଼ିଶା ପୂର୍ବ ଭାରତର ଶିଳ୍ପ ହବ୍ ପାଟିଥିବା ବେଳେ ଏହା ଉଭୟ ପ୍ରତ୍ୟେକ୍ଷ ଏବଂ ପରୋକ୍ଷ ଭାବେ ରାଜ୍ୟରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିଛି। ଯାହାଫଳରେ ରାଜ୍ୟରେ ବେକାରୀ ହାର କ୍ରମାଗତ ଭାବେ ହ୍ରାସ ପାଇଚାଲିଛି। ପୁନଶ୍ଚ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ମିଶନଶକ୍ତି ମହିଳାମାନେ ନିଜେ ସ୍ୱାବଲମ୍ବୀ ହେବା ସହ ରାଜ୍ୟର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରିଛନ୍ତି। ନିକଟରେ କେନ୍ଦ୍ର ସରକାର ଜାରି କରିଥିବା ଶ୍ରମ ଶକ୍ତି ସର୍ଭେ(ପିଏଲଏଫ୍ଏସ୍) ଅନୁସାରେ ୨୦୨୩ ମସିହା ଏପ୍ରିଲ-ଜୁନ୍‌ରେ ଓଡ଼ିଶାରେ ସହରାଞ୍ଚଳରେ ବେକାରୀ ହାର ସବୁ ବୟସ ବର୍ଗରେ ୬.୭ ପ୍ରତିଶତକୁ ହ୍ରାସ ପାଇଛି। ଗତବର୍ଷ ସମାନ ଅବଧିରେ ରାଜ୍ୟର ବେକାରୀ ହାର ୧୧.୫ ପ୍ରତିଶତ ଥିଲା। ବେକାରୀ ହ୍ରାସ ପ୍ରତିଶତ ଦିଗରେ ଓଡ଼ିଶା ବହୁ ବଡ଼ ବଡ଼ ରାଜ୍ୟକୁ ପଛରେ ପକାଇଥିବା ବେଳେ ଏହା ଓଡ଼ିଶାର ଶୃଙ୍ଖଳିତ ଶାସନ ବ୍ୟବସ୍ଥାକୁ ପ୍ରମାଣିତ କରିଥିଲା। ସେହିପରି ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନୋମିର ତଥ୍ୟ ଅନୁଯାୟୀ ଓଡ଼ିଶା ବେକାରୀ ହାର ହ୍ରାସ ଦିଗରେ ଲଗାତାର ଭାବେ ଶ୍ରେଷ୍ଠ ୫ଟି ରାଜ୍ୟମାନଙ୍କ ମଧ୍ୟରେ ସ୍ଥାନ ପାଇ ଆସୁଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା, ଯୁବକ ଯୁବତୀଙ୍କ ଦକ୍ଷତା ବିକାଶ ଉପରେ ଗୁରୁତ୍ୱାରୋପ, ମିଶନ ଶକ୍ତି ଯୋଜନାରେ ରାଜ୍ୟର ୭୦ ଲକ୍ଷ ମହିଳାଙ୍କୁ ଆତ୍ମନିର୍ଭର ଭାବେ ଗଢ଼ିତୋଳିବା ଯୋଗୁଁ ଏସବୁ ସମ୍ଭବପର ହୋଇପାରିଛି ବୋଲି ମତପ୍ରକାଶ ପାଇଛି। ଏପରିକି ୨୦୦୫-୦୬ ମସିହାଠାରୁ ରାଜସ୍ୱ ବଳକା ରାଜ୍ୟ ଓଡ଼ିଶା ନିଜର ଋଣ ପରିଚାଳନାରେ ଦେଶରେ ଅନ୍ୟତମ ଶ୍ରେଷ୍ଠ ରାଜ୍ୟଭାବେ ପରିଗଣିତ ହେଉଛି। ଯାହା ରାଜ୍ୟର ସାମଗ୍ରିକ ବିକାଶ ଏବଂ ଉନ୍ନତିକୁ ବଳ ଦେଉଥିବା ମତପ୍ରକାଶ ପାଇଛି।

# ଭକ୍ତଙ୍କ ପାଇଁ ଡ୍ରେସ୍‌କୋଡ କେତେ ଯଥାର୍ଥ ?

ଜନମତ



ଶ୍ରୀମନ୍ଦିର ଆରମ୍ଭରୁ ଭକ୍ତଙ୍କ ପୋଷାକ ପିନ୍ଧାକୁ ନେଇ ଏଯାବତ୍ କୌଣସି ନିୟମାବଳୀ ଜାରି ହୋଇନଥିଲା ବେଳେ ବର୍ତ୍ତମାନ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏକ ଗାଇଡଲାଇନ୍ ଜାରି ହୋଇଛି। ଏଥିରେ ଦର୍ଶାଯାଇଛି ଯେ, ମନ୍ଦିରକୁ ଯିବା ବେଳେ ପୁରୁଷମାନେ ପ୍ୟାଣ୍ଟ ସାର୍ଟ, ଚୁଡ଼ିଦାର ପଞ୍ଜାବୀ, ଧୋତି ଆଦି ପାରମ୍ପାରିକ ପୋଷାକ ପିନ୍ଧିପାରିବେ। ସେହିପରି ମହିଳାମାନେ ଶାଢ଼ୀ, ଶାଲୱାର ଭଳି ଶାଳୀନତାପୂର୍ଣ୍ଣ ପୋଷାକ ପରିଧାନ କରିବେ। ତେବେ ହାଫ୍ ପ୍ୟାଣ୍ଟ, ଚିରାଫଟା ଜିନ୍ସକୁ ସମ୍ପୂର୍ଣ୍ଣ ଭାବେ ବର୍ଜନୀୟ ବୋଲି କୁହାଯାଇଛି। ଅନାବଶ୍ୟକ ଭାବେ ଶରୀର ପ୍ରଦର୍ଶନ କରୁଥିବା ପୋଷାକ କିମ୍ବା ଧାର୍ମିକ ଭାବନକୁ କୁଠାରଘାତ କଲା ଭଳି ପୋଷାକ ବର୍ଜନୀୟ ବୋଲି ଉଲ୍ଲେଖ କରାଯାଇଛି। ତେବେ ରତ୍ନଭଣ୍ଡାର ଖୋଲିବାକୁ ନେଇ ଦୀର୍ଘ ବର୍ଷ ହେଲା ଭକ୍ତମାନଙ୍କ ପକ୍ଷରୁ ଦାବି ଉଠୁଥିଲା ବେଳେ ଏନେଇ ଗଜପତି ମହାରାଜ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି ଯେ, ଆଗାମୀ ରଥଯାତ୍ରା ପୂର୍ବରୁ ରତ୍ନଭଣ୍ଡାର ଖୋଲାଯିବା ପ୍ରକୃଷ୍ଟ ସମୟ। ଏତିକି ବେଳେ ହଠାତ୍ ଭକ୍ତଙ୍କ ପୋଷାକ ପରିଧାନ ଉପରେ ଶ୍ରୀମନ୍ଦିର ପ୍ରଶାସନ ଗୁରୁତ୍ୱ ଦେବାର କାରଣ କ'ଣ ? ଅନ୍ୟପକ୍ଷରେ ଶ୍ରୀମନ୍ଦିର ଐତିହ୍ୟ କରିଡର ପ୍ରକଳ୍ପ କାର୍ଯ୍ୟ ଖୁବ୍‌ଶୀଘ୍ର ଶେଷ ହେବାକୁ ଯାଉଥିଲା ବେଳେ ଏହା ପୂର୍ବରୁ ଏମିତି ଏକ ପ୍ରସଙ୍ଗ ନିହାତି ଚିନ୍ତାର ବିଷୟ। ଯଦି ଭକ୍ତମାନେ ଜାରି ହୋଇଥିବା ଗାଇଡଲାଇନ୍ ଅନୁସାରେ ପୋଷାକ ପିନ୍ଧିବାକୁ ବାଧ ହେବେ ତେବେ ସେବାୟତ ମାନଙ୍କର ପୋଷାକ ପିନ୍ଧିବାରେ ମଧ ଶାଳୀନତା ରହିବା ଉଚିତ୍ ନୁହେଁ କି ? ଏହାକୁ ନେଇ ଏଥରର ପ୍ରସଙ୍ଗ - ଶ୍ରୀମନ୍ଦିର ଭିତରକୁ ଯିବାକୁ ହେଲେ ଭକ୍ତଙ୍କ ପାଇଁ ଡ୍ରେସ୍‌କୋଡ କେତେ ଯଥାର୍ଥ ? ଏ ସମ୍ପର୍କିତ ପ୍ରସଙ୍ଗକୁ ନେଇ 'ଏକମାତ୍ର' ଜନମତ ଲୋଡ଼ିଥିଲା।

### ମାନସ ମହାପାତ୍ର, ପୂର୍ବତନ ଚେୟାରମ୍ୟାନ, ଓଡ଼ିଶା ଷ୍ଟେଟ ବାର କାଉନସିଲ



ବିଶ୍ୱର ଯେକୌଣସି ମନ୍ଦିରକୁ ପ୍ରବେଶ କରିବାକୁ ହେଲେ ପୋଷାକ ପରିଧାନ ଉପରେ ଅଧିକ ଗୁରୁତ୍ୱ ଦେବାକୁ ହେବ। ତେଣୁ ଶ୍ରୀମନ୍ଦିରକୁ ଭକ୍ତଙ୍କ ପ୍ରବେଶ ପାଇଁ ପୋଷାକ ଉପରେ କଟକଣା ରହିବା ନିହାତି ଆବଶ୍ୟକ। ଯେପରି ବିନା ସ୍ନାନରେ ପୂଜା ବିଧି ପାଳନ ଅସମ୍ଭବ ସେହିଭଳି ମନ୍ଦିରକୁ ଯାଇ ପୂଜାପାଠ କରିବାରେ ମଧ ପୋଷାକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଡ୍ରେସକୋଡ଼ ପ୍ରଚଳନ ହେବା ଫଳରେ ଭକ୍ତଙ୍କ ମନରେ ଏକ ଆଧ୍ୟାତ୍ମିକ ଭାବନା ସୃଷ୍ଟିହେବ ଓ ପରିବେଶ ଭକ୍ତିମୟ ହୋଇପାରିବ। ଏହା ଏକ ଭାବାତ୍ମକ ଦୃଷ୍ଟିକୋଣର କଥା। ଯାହା ଶାସ୍ତ୍ର ଅନୁମୋଦନ କରୁଛି ତାହା ଆମର ପରମ୍ପରା ବୋଲି କୁହାଯାଏ। ତେଣୁ ଆଜିକାଲି ଦେଖିବାକୁ ମିଳୁଛି ଯେ, ଶ୍ରୀମନ୍ଦିରକୁ ଆଧୁନିକ ଚିରାଫଟା ପୋଷାକ ପିନ୍ଧି ପ୍ରବେଶ କରି ଭକ୍ତଙ୍କ ଭାବନାକୁ ଆଘାତ ଦେଉଛନ୍ତି। ମନ୍ଦିର ଭିତରେ ଅତ୍ୟାଧୁନିକ ପୋଷାକ ପିନ୍ଧି ପ୍ରବେଶ କରିବା ଆମ ସଂସ୍କୃତି ଓ ଧର୍ମ ବିରୋଧୀ। ମନ୍ଦିରକୁ ଯିବାରେ ପୋଷାକର ଶାଳୀନତା ଏକ ଭାବାତ୍ମକ ଦୃଷ୍ଟିଭଙ୍ଗୀ। ଦକ୍ଷିଣ ଭାରତର ଅଧିକାଂଶ ମନ୍ଦିରରେ ଦୀର୍ଘବର୍ଷରୁ ଡ୍ରେସକୋଡ଼ ପ୍ରଚଳନ ହୋଇଛି। ତେଣୁ ଶ୍ରୀମନ୍ଦିର ଭଳି ବିଶ୍ୱର ଏକ ଶ୍ରେଷ୍ଠ ମନ୍ଦିରରେ ଡ୍ରେସକୋଡ଼ ପ୍ରଚଳନର ନିତାନ୍ତ ଆବଶ୍ୟକତା ରହିଛି। ବିଳମ୍ବରେ ହେଲେ ବି ଶ୍ରୀମନ୍ଦିର ପ୍ରଶାସନର ଏଭଳି ପଦକ୍ଷେପ ସ୍ୱାଗତଯୋଗ୍ୟ। ଯାହାଫଳରେ ଏକ ଭକ୍ତିପୂର୍ଣ୍ଣ ପରିବେଶ ସହ ଅନ୍ତରରେ ପ୍ରାର୍ଥନା ପାଇଁ ଅଧିକ ନିଷ୍ଠା ଦେଖାଦେବ। ତେଣୁ ଶ୍ରୀମନ୍ଦିରକୁ ପ୍ରବେଶ ପାଇଁ ଭକ୍ତଙ୍କ ଡ୍ରେସକୋଡ଼ ଜରୁରୀ।

### ଗଜାନନ ମିଶ୍ର, ବରିଷ୍ଠ ଆଇନଜୀବୀ ଓ ଲେଖକ



ଡ୍ରେସ୍ କୋଡ୍ ବାହ୍ୟ ଉପଚାର। ତଥାପି ବି ମାନିବାକୁ ପଡିବ ଆଉ ଚିରାଫଟା ଜିନ୍ସ ଆଦିକୁ ବର୍ଜନ କରିବାକୁ ହେବ। ଯା ସହିତ ସେବାୟତମାନଙ୍କ ପାଇଁ ବାଧ୍ୟତାମୂଳକ କରିବା ଆବଶ୍ୟକ। ଶ୍ରୀମନ୍ଦିର ପ୍ରଶାସନ ଶାଳୀନତା ଉପରେ ଗୁରୁତ୍ୱ ଦେଉଛନ୍ତି ବହୁତ ସୁନ୍ଦର କଥା। ସେବାୟତଙ୍କ ବ୍ୟବହାର କଥାବାର୍ତ୍ତା ଉପରେ ଜୋର୍ ଦେବାକୁ ହେବ ପ୍ରଥମେ। ଅନ୍ତଶୁଦ୍ଧି ପାଇଁ ଧ୍ୟାନ ଦେବାକୁ ହେବ। ଅନ୍ୟ ରାଜନୈତିକ ଅଭିସନ୍ଧି ବା ଉଦ୍ଦେଶ୍ୟ ନ ରହିବା କଥା ଏଥିରେ।

### ବିଶ୍ୱଜିତ୍ ପଟ୍ଟନାୟକ (ସିଲୁ), ସମାଜସେବୀ



ଶ୍ରୀମନ୍ଦିରକୁ ପ୍ରବେଶ ନିମନ୍ତେ ଭକ୍ତମାନଙ୍କ ପାଇଁ ସରକାର ଯେଉଁ ଡ୍ରେସ୍ କୋଡ ନିୟମ ଆଣିଛନ୍ତି ଏହା ନିଶ୍ଚିତ ରୂପେ ସ୍ୱାଗତଯୋଗ୍ୟ। ପ୍ରତ୍ୟେକ ଭକ୍ତ ପୁରୁଷ ହୁଅନ୍ତୁ ବା ମହିଳା ତାଙ୍କ ବେଶ ପୋଷାକରେ ଶାଳୀନତା ରହିବା ଦରକାର ଏବଂ ଏକ ଭକ୍ତିଭାବନା ଏଥିରେ ପ୍ରତିଫଳିତ ହେବା ଦରକାର। ଏହା ପୂଜା ଓ ପ୍ରାର୍ଥନା ପାଇଁ ସହାୟକ ହୋଇଥାଏ। ଭକ୍ତ ମାନଙ୍କ ଦ୍ୱାରା ପିନ୍ଧା ଯାଉଥିବା ପୋଷାକ ମନ୍ଦିର ପରିସରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରେ। ଆଗାମୀ ଦିନରେ ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନ ଡ୍ରେସ୍ କୋଡ କଟକଣା ସମ୍ବନ୍ଧୀୟ ନିତିନିୟମକୁ କେମିତି କଡାକଡି ଅନୁପାଳନ କରାଯିବ ସେ ଦିଗ ପ୍ରତି ଅଧିକ ଯତ୍ନଶୀଳ ହେବା ସହିତ ଏ ଦିଗରେ ସଚେତନତା ଦରକାର। ଏହାର ବ୍ୟାପକ ପ୍ରଚାର ପ୍ରସାର କରାଗଲେ ବିଶ୍ୱର ପ୍ରତ୍ୟେକ ଜଗନ୍ନାଥ ପ୍ରେମୀ ଏ ସଂକ୍ରାନ୍ତରେ ଜାଣିପାରିବା ସହିତ ମନ୍ଦିରକୁ ପ୍ରବେଶ ବେଳେ ଅଧିକ ସତର୍କତା ଅବଲମ୍ବନ କରିବେ ଏବଂ ପୋଷାକରେ ଶାଳୀନତା ଦେଖାଇବେ। ଏହା କେବଳ ଶ୍ରୀମନ୍ଦିର ନୁହେଁ ପ୍ରତ୍ୟେକ ଦେବପୀଠକୁ ପ୍ରବେଶ କରିବା ପୂର୍ବରୁ ଭକ୍ତମାନେ ଧ୍ୟାନ ଦେଲେ ଭଲ ହେବ

### ଡଃ ମୌସୁମୀ ପରିଡା, ଅଧ୍ୟାପିକା ଓ ସାହିତ୍ୟିକା



ନିୟମ ପ୍ରଣୟନର ଅନ୍ୟାନ୍ୟ ଦିଗ ଶ୍ରୀମନ୍ଦିରରେ ଡ୍ରେସ୍ କୋଡ୍ ଲାଗୁ ହେବା ଗର୍ହିତ ନୁହେଁ ଗ୍ରହଣୀୟ। ସରକାରୀ କ୍ଷେତ୍ରର ବିଭିନ୍ନ ବର୍ଗରେ ପୂର୍ବରୁ ଏଭଳି ଡ୍ରେସ୍ କୋଡ୍ ଲାଗୁ ହୋଇଥିବା ସମୟରେ ଅଧିକାଂଶ ଲୋକ ଏହାକୁ ଭରପୂର ସମର୍ଥନ କରିଥିଲେ ଓ ଚାକିରିଆମାନେ ଏହାକୁ ଗ୍ରହଣ କରିନେଇଥିଲେ। ସେତେବେଳେ ଏହା କେତେ ଯୁକ୍ତିଯୁକ୍ତ ଥିଲା ଏବଂ ଏବେ ସେହି ଡ୍ରେସ୍ କୋଡ୍‌କୁ ନେଇ କାହିଁକି ତୁମ୍ବିତୋଫାନ ତାର ବିଶିଷ୍ଟ ଦିଗ ହେଉଛି - ଧର୍ମୀୟ ଭାବନା। ଏଭଳି ନିଷ୍ପତ୍ତି ନିଆଯିବା ଦ୍ୱାରା କାହାକୁ ଆଘାତ କିମ୍ବା ଅପମାନିତ କରାଯାଇଛି ବୋଲି ମନେହେଉ ନାହିଁ। ବରଂ ବେଶପୋଷାକକୁ ମାର୍ଜିତ ଓ ଶୃଙ୍ଖଳିତ କରାଯାଇଛି। ଘରେ, ପରିଭ୍ରମଣରେ ଆମେ ନିଜ ପସନ୍ଦ ମୁତାବକ ପୋଷାକ ପିନ୍ଧିଥାଉ। ସ୍କୁଲ କଲେଜରେ କିନ୍ତୁ ନିର୍ଦ୍ଦିଷ୍ଟ ଡ୍ରେସ୍ କୋଡ୍ ଗ୍ରହଣ କରୁ। ଏହା ଦ୍ୱାରା ପାଠପଢ଼ା ପରିବେଶ ଯଦି ଶୃଙ୍ଖଳିତ ବୋଲି ଯୁକ୍ତି ଉପସ୍ଥାପିତ ହୋଇସାରିଛି ପୂର୍ବରୁ, ମନ୍ଦିରକୁ ଯିବାବେଳେ ସେହି ନିୟମକୁ ମାନିବାରେ ଏତେ ଦ୍ୱିଧା ହେବା ଅନୁଚିତ୍। ଆମ ଧର୍ମ ପାଇଁ ଏତିକି କରିପାରିବାନି ଯଦି ଆମେ ହିନ୍ଦୁ ଧର୍ମ ଓ ଶ୍ରୀମନ୍ଦିରକୁ ବିଶ୍ୱାସ କରୁଛେ ? ଅନ୍ୟ ଧର୍ମାବଲମ୍ବୀମାନେ ସେମାନଙ୍କ ଧାର୍ମିକ ସ୍ଥଳୀକୁ ଯିବାବେଳେ ମଥାକୁ ବସ୍ତ୍ରରେ ଢାଙ୍କିଥାନ୍ତି ଓ ମଜାର ବିଷୟ ହେଉଛି ବସୁଧୈବ କୁଟୁମ୍ବକମ୍‌ରେ ବିଶ୍ୱାସ କରୁଥିବା ହିନ୍ଦୁ ଧର୍ମର ଲୋକେ ସେ ସ୍ଥାନକୁ ଯିବାବେଳେ ସେମାନଙ୍କ ନିୟମକୁ ଖୁସିରେ ଗ୍ରହଣ କରୁଥିବାବେଳେ ନିଜ ଧର୍ମର କୌଣସି ଛୋଟ ନିୟମକୁ ପାଳନ କରିବାରେ ହୋ ହଲ୍ଲା କରିବା କେତେଦୂର ସମୀଚୀନ ? ଦାକ୍ଷିଣାତ୍ୟର ପ୍ରମୁଖ ମନ୍ଦିରଗୁଡିକରେ ଏ ବ୍ୟବସ୍ଥା ଲାଗୁ ହୋଇଛି ଏବଂ ଲୋକେ ତଦନୁଯାୟୀ ଦର୍ଶନ କରୁଛନ୍ତି। ଆମ ରାଜ୍ୟରେ ଏହା ନୂଆ ହୋଇପାରେ କିନ୍ତୁ ଅଜବ ନୁହେଁ। କେବଳ ଭକ୍ତ କାହିଁକି ସେବାୟତମାନଙ୍କ ପାଇଁ ମଧ ଡ୍ରେସ କୋଡ୍ ଲାଗୁ କରାଗଲେ ବିଶୃଙ୍ଖଳା ସୃଷ୍ଟିକାରୀ ଅଣସେବାୟତଙ୍କ ଜୁଲମ୍ ରୋକି ହୁଅନ୍ତା। କୌଣସି ବିଶେଷ ପ୍ରକାର ଡ୍ରେସ୍ କୋଡ୍ ଲାଗୁ ହୋଇନାହିଁ କେବଳ ନିର୍ଦ୍ଦିଷ୍ଟ କିଛି ପୋଷାକକୁ ବାରଣ କରାଯାଇଛି। ଘଟଣାର ଅନ୍ୟ ଦିଗଟି ହେଉଛି - ପ୍ରକୃତରେ ଶ୍ରୀମନ୍ଦିରର ବାସ୍ତବ ସମସ୍ୟାକୁ ଅଣଦେଖା କରି ଏଭଳି ନିୟମ ଲାଗୁ କରିବା ବି ଗୋଟେ ଚକ୍ରାନ୍ତ ହୋଇପାରେ ମୂଳ ସମସ୍ୟାକୁ ଏଡେଇ ଯିବାପାଇଁ। ରତ୍ନଭଣ୍ଡାର ଖୋଲା, ମହାପ୍ରଭୁଙ୍କ ଜମିଗୁଡିକର ପୁନରୁଦ୍ଧାର, ଦର୍ଶନ ନପାଇ ଲକ୍ଷ ଲକ୍ଷ ଭକ୍ତ ମନଦୁଃଖରେ ଫେରିଯାଉଥିବା ଓ ଶ୍ରୀମନ୍ଦିରକୁ ପ୍ରତିଦିନ ମିଳୁଥିବା ଦାନ ରାଶିର ତଦାରଖ କରିବା, ଗହଳିକୁ ଠିକ୍ ଭାବେ ପରିଚାଳନା ନକରିପାରିବା ଆଦି ଅନେକ ସମସ୍ୟା ମନ୍ଦିରରେ। ଏସବୁ ସହିତ ଭକ୍ତମାନଙ୍କ ପାଇଁ ମହାପ୍ରଭୁଙ୍କ ଦର୍ଶନ ସହଜ, ସରଳ ଓ ସୁଗମ କରାଇବାରେ ମଧ ପ୍ରଶାସନ ତଦନୁରୂପ ତତ୍ପରତା ଦେଖାଇବା ଆବଶ୍ୟକ। ଅନ୍ୟଥା ହାତୀ ଗଳିଯିବ କିନ୍ତୁ ପିମ୍ପୁଡି ଯିବାକୁ ବାଟ ନ ରହିବା ଭଳି ମନେହେବ ଏ ନିୟମ ପ୍ରଣୟନ। ସଂସ୍କାର ଆଣିବା ପାଇଁ ଭକ୍ତ, ସେବାୟତ ଓ ପ୍ରଶାସନ ଏ ସମସ୍ତଙ୍କର ସମନ୍ୱୟ ଜରୁରୀ। ଆବଶ୍ୟକ ଅନୁଯାୟୀ ନିୟମ ଲାଗୁହେବା ବା ସଂଶୋଧିତ ହେବା ଜରୁରୀ କିନ୍ତୁ ଏକପାଖିଆ ଭାବେ ନୁହେଁ।

### ଅକ୍ଷୟ ଦାସ, ଆଇନଜୀବୀ




ଶ୍ରୀ ଜଗନ୍ନାଥଙ୍କ ମହିମା, ହିନ୍ଦୁ ସଂସ୍କୃତି, ଓଡ଼ିଶାର କଳା ଓ କାରୁକାର୍ଯ୍ୟ ବିଶ୍ୱରେ ଆଦୃତ। ସରକାରଙ୍କ ପ୍ରଚେଷ୍ଟାରେ ଯଦି ବିଶ୍ୱ ପ୍ରସିଦ୍ଧ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ଭିତରେ ସାଳିନତା ପୂର୍ବକ ବସ୍ତ୍ର ପରିଧାନର ନୀତି ନିୟମ ଧାର୍ଯ୍ୟ ହେଉଛି କାହା କ୍ଷେତ୍ରରେ ବାଛବିଚାର ନ ହୋଇ ସବୁ ବର୍ଗରୁ ସ୍ୱାଗତ ଓ ଗ୍ରହଣୀୟ ହେବା ନିତ୍ୟାନ୍ତ ଜରୁରୀ।

### ଅଭିରାମ ପ୍ରସାଦ ପଟ୍ଟନାୟକ, ଆଇନଜୀବୀ ଓ ସାମ୍ବାଦିକ



କେବଳ ପ୍ରତିଶ୍ରୁତି ଓ ପ୍ରତିଶ୍ରୁତିରେ ୨୫ ବର୍ଷ ହେଲା ଦେଶ ଚାଲିଛି। ଅନେକ ଡ୍ରେସ୍ କୋର୍ଡ ଓ ଅନେକ ନୀୟମକାନୁନ ପ୍ରଚଳିତ ହୋଇଥିବା ବେଳେ ଭକ୍ତ ମାନଙ୍କ ଡ୍ରେସ୍ କୋର୍ଡ ପ୍ରତି ଧ୍ୟାନ ଦେଇଥିବାରୁ ସରକାରଙ୍କୁ ଓ ଜଗନ୍ନାଥ ମନ୍ଦିର ପ୍ରଶାସକ ଧନ୍ୟବାଦର ପାତ୍ର। କିନ୍ତୁ ମନ୍ଦିର ରତ୍ନ ଭଣ୍ଡାର ଖୋଲିବାରେ ପ୍ରଶାସକ ଓ ସରକାର ଉଦାସିନତା କଣ ପାଇଁ ? ୨୫ ବର୍ଷରେ ୨୫ ଲକ୍ଷ ବେକାରୀ ସୃଷ୍ଟି କରିବାର ଉଦ୍ଦେଶ୍ୟ କଣ ? ଭଡାରେ ସରକାରୀ ଅଫିସର କାର୍ଯ୍ୟ ସଂପାଦନ କରିବା ବା ଚାକିରୀରୁ ଅବସର ନେବା ପରେ ପୁଣି ସେ ମାନଙ୍କୁ ନିଯୁକ୍ତି ଦେବା ଶିକ୍ଷିତ ଯୁବକ ଯୁବତୀ ମାନଙ୍କୁ ଅପରାଧ ଘଟାଇବା ନିମନ୍ତେ ପ୍ରବର୍ତ୍ତାଇବା କେତେଦୁର ଠିକ୍ ?

### ଦିପକ କୁମାର କର, ଆଇନଜୀବୀ



ଅତ୍ୟନ୍ତ ଅପରିହାର୍ଯ୍ୟ। ତୁରନ୍ତ ଲାଗୁ କରାଯାଉ। ଜଗତରନାଥ ଜଗନ୍ନାଥଙ୍କ ମନ୍ଦିର ମା' ଲକ୍ଷ୍ମୀଙ୍କ ନିବାସ ସ୍ଥଳ। ଯିଏ ଅତ୍ୟନ୍ତ ପବିତ୍ର ବାତାବରଣ ପସନ୍ଦ କରନ୍ତି ଓ ବ୍ୟବସ୍ଥିତ ପରିପାଟି (ବେଶଭୂଷା / ବସ୍ତ୍ର) ଓ ଶାଳୀନତା ପ୍ରିୟ ଅଟନ୍ତି। ତାଙ୍କ ନିକଟକୁ ଗଲାବେଳେ ଭକ୍ତଟିକୁ ମଧ ସେହି ଅନୁଯାୟୀ ଶାଳୀନତା, ପରିଚ୍ଛନ୍ନତା, ପବିତ୍ର ମନୋଭାବର ସହିତ ଆସିବାର ଆପତ୍ତି ରହିବା ଉଚିତ। ଶ୍ରୀମନ୍ଦିର ମନୋରଞ୍ଜନ / ମନମାନିର ସ୍ଥାନ ନୁହେଁ। ନିଜ ରୁଚି ଭୋଜନ, ପର ରୁଚି ବେଶ।

### ସୂର୍ଯ୍ୟକାନ୍ତ ସ୍ୱାଇଁ, ସମାଜସେବୀ

ହଠାତ୍ ଭକ୍ତ ମାନଙ୍କ ପାଇଁ ଏଇ ଡ୍ରେସ୍ କୋଡ ଲାଗୁ କରିବା ପାଇଁ ସରକାର କାହିଁକି ତତ୍ପର ହେଲେ ମୁଁ ବୁଝି ପାରୁନି। ମୁଁ ଭାବୁଛି ସେବାୟତ ମାନଙ୍କର ଭକ୍ତ ମାନଙ୍କ ପ୍ରତି ଅଶାଳୀନ ବ୍ୟବହାର ମାତ୍ରା ଅଧିକ ହୋଇଗଲା ଯାହା କି ସରକାରଙ୍କର କଣକଣା କ୍ଷମତା ବାହାରକୁ ଚାଲିଗଲା। ଯଦି କଲେ ମୋ ମତରେ ସେବାୟତ ମାନଙ୍କ ପାଇଁ ବି ଡ୍ରେସ୍ କୋର୍ଡ ଲାଗୁ କରାଯିବା ଉଚିତ ଅଟେ। ବିଶେଷକରି ଯୁବ ସେବାୟତ ମାନଙ୍କ ପାଇଁ ଆଗ ଡ୍ରେସ୍ କୋର୍ଡ ନିୟମ ଲଗାଯାଉ। ମୋ ମତରେ ସରକାର ଟିକେ ତର୍ଜମା କରି ନିଷ୍ପତ୍ତି ନେଇଥିଲେ ଭଲ ହୋଇଥାନ୍ତା। କାରଣ ଏବେ ପ୍ରଶ୍ନ ଉଠୁଛି କି ନାଗା ସାଧୁମାନେ କିପରି ଶ୍ରୀମନ୍ଦିର ପ୍ରବେଶ କରିବେ ? ତେଣୁ ମୁଁ ଭାବୁଛି ଏଇ ନିଷ୍ପତ୍ତି କିଛି ନିର୍ଦ୍ଦିଷ୍ଟ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ଆଦୃତ ହୋଇଛି। ତେବେ ଯଦି ଭକ୍ତମାନେ ଡ୍ରେସ୍ କୋଡରେ ଶ୍ରୀମନ୍ଦିର ପ୍ରବେଶ କରିବେ ତା'ହେଲେ ସେବାୟତ ମାନେ ମଧ ଡ୍ରେସ କୋଡ୍‌ରେ ପ୍ରବେଶ କରିବା ସହିତ ଭକ୍ତମାନଙ୍କ ପ୍ରତି ଆଉ ଚିରାଚରିତ ବ୍ୟବହାର (ବେହିପୁଅ, ପେଲେଇ ପୁଅ, ଏମ୍‌ଜି ଆଦି) ନକରି ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ନିହାତି ଆବଶ୍ୟକ ଅଟେ।

### ଲଳିତ ମୋହନ ମିଶ୍ର, ଶିକ୍ଷକ ଓ ସାହିତ୍ୟିକ



ପ୍ରଭୁ ଶ୍ରୀଜଗନ୍ନାଥ ଉଦାରତା, ପ୍ରେମ ଓ ମୈତ୍ରୀର ପ୍ରତୀକ। ସେ ଭାବର ଠାକୁର ଏବଂ ତାଙ୍କର ପୀଠ ଉଦାର। ତାଙ୍କଠାରେ କୌଣସି ଭେଦଭାବ ନାହିଁ। ତାଙ୍କର ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁଙ୍କୁ କଠୋର ନିୟମ ପରିବର୍ତ୍ତେ ଉଦାର ନୀତି ଅବଲମ୍ବନ କରାଯିବା ଉଚିତ୍। ତେବେ ସେ ଉଦାରତାରେ ନଗ୍ନତା, ଯୌନତା, ଅଶ୍ଳୀଳତା ଓ ଅଣଆଧ୍ୟାତ୍ମିକତାର ସ୍ଥାନ ରହିବା ଗ୍ରହଣୀୟ ନୁହେଁ। ପୁରୀ ଦେଶର ଚାରି ପ୍ରମୁଖ ତୀର୍ଥକ୍ଷେତ୍ର ମଧ୍ୟରୁ ଅନ୍ୟତମ। ମନ୍ଦିର ଓ ପୀଠର ଲିଖିତ ଇତିହାସ କାଳରୁ ଏହି ମନ୍ଦିରରେ ପ୍ରବେଶ ପାଇଁ ଭକ୍ତଙ୍କ ନିମନ୍ତେ ପୋଷାକ ନିୟମାବଳୀ ନଥିଲା। ଏମିତି ମଧ ଦେଶର ଅଧିକାଂଶ ହିନ୍ଦୁ ମନ୍ଦିରରେ ଭକ୍ତଙ୍କ ନିମନ୍ତେ ନିର୍ଦ୍ଦିଷ୍ଟ ପରିଧାନର ନିୟମ ନାହିଁ। ଅଳ୍ପ କିଛି ମନ୍ଦିରରେ ନିର୍ଦ୍ଧାରିତ ବେଶ ପୋଷାକ ପରିଧାନର ନିୟମ ଅଛି। ପୋଷାକ ମଣିଷର ଲଜ୍ଜା ନିବାରଣ ପାଇଁ ଉଦ୍ଦିଷ୍ଟ। ସାଧୁ ସନ୍ଥଙ୍କର ପୋଷାକ ଗୋଟିଏ ପ୍ରକାରର ହୋଇଥିବା ବେଳେ ପୂଜକ ଓ ସେବକଙ୍କର ନିର୍ଦ୍ଦିଷ୍ଟ ପରିଧାନ ନିୟମ ରହିଛି। ମହିଳାମାନେ ସେମାନଙ୍କ ଆବଶ୍ୟକତା ଓ ସୁବିଧା ଅନୁସାରେ ବସ୍ତ୍ର ପରିଧାନ କରୁଥିବାବେଳେ ପୁରୁଷମାନେ ମଧ ନିଜ ମନପସନ୍ଦର ଧୋତି, ଚାଦର, କାମିଜ, ପଂଜାବୀ ଓ ପ୍ୟାଣ୍ଟସାର୍ଟ ପିନ୍ଧି ମନ୍ଦିରକୁ ପ୍ରବେଶ କରିଥା'ନ୍ତି। ଉପାସନା ଓ ଦେବ ଦର୍ଶନ ପାଇଁ ଯେ କୌଣସି ନିର୍ଦ୍ଦିଷ୍ଟ ପୋଷାକର ଆବଶ୍ୟକତା ଲୋଡ଼ା। ତେବେ ଈଶ୍ୱରଙ୍କ ଦର୍ଶନ ଓ ଉପାସନା ପାଇଁ ବସନର ଯେ ଏକ ଶୋଭନୀୟ ଓ ଶୃଙ୍ଖଳା ଅଛି। ବସନର ମାର୍ଜିତ ରୂପ, ଶୋଭନ, ସମ୍ଭ୍ରମ ସହିତ ଦର୍ଶନର ଏକ ଗଭୀର ପ୍ରଭାବ ରହିଛି। ଶାଳୀନ ପୋଷାକ ଉପାସନା ଓ ଦର୍ଶନକୁ ଅଧିକ ଅର୍ଥପୂର୍ଣ୍ଣ ଏବଂ ଶୋଭନ କରିଥାଏ। ଏହି ଶାଳୀନତା ମନରେ ଅସ୍ଥିରତା, ଚଞ୍ଚଳତା, ଅହଂ ଓ ଦେଖାଇହେବା ପଣିଆକୁ ଦୂର କରି ବିଭୁମୁଖୀ କରାଏ। ଭକ୍ତ ଓ ଭଗବାନ ମଧ୍ୟରେ ପ୍ରତ୍ୟକ୍ଷ ସମ୍ପର୍କ ସୃଷ୍ଟି ହୁଏ। ଅବ୍ୟବସ୍ଥିତ ଓ ଅସଂଯତ ପୋଷାକ ଦ୍ୱାରା ଉପାସକ କେବଳ ଅସ୍ଥିର ହୁଏ ନାହିଁ, ଅନ୍ୟ ଭକ୍ତ ଓ ଦର୍ଶନାର୍ଥୀଙ୍କ ଧ୍ୟାନ ଓ ଲୟ ମଧ ବିଘ୍ନିତ ହୁଏ। ତେଣୁ ପୋଷାକର ଶାଳୀନତା ଓ ମର୍ଯ୍ୟାଦା ଦେବାଳୟ ଅନୁକୂଳ ହେବା ଉଚିତ୍। ଯୁଗ ବଦଳୁଛି ଓ ତା' ସହିତ ନୂଆ ଫେଶନର କାୟା ବଢୁଛି। ଅନେକ ଯୁବବର୍ଗର ଭକ୍ତ ଓ ଦର୍ଶନାର୍ଥୀ ହାଫ୍ ପ୍ୟାଣ୍ଟ, ଗଞ୍ଜି, ବାନିୟାନ, ଫଟା ଜିନ୍ସ ଓ ମିନିସ୍କର୍ଟ ପିନ୍ଧି ମନ୍ଦିର ମଧ୍ୟରେ ଅନାୟସରେ ପ୍ରବେଶ କରି ଭକ୍ତି ପରିବେଶ ଓ ଉପାସନା ଶୃଙ୍ଖଳାକୁ ବ୍ୟାହତ କରୁଛନ୍ତି। ଯେହେତୁ ମନ୍ଦିର ପ୍ରବେଶ ପାଇଁ ପୋଷାକ ସଂହିତା ନାହିଁ, ତେଣୁ ଏ କ୍ଷେତ୍ରରେ ତାହାକୁ ବାରଣ କରିବା କଷ୍ଟ ସାଧ। ତେଣୁ ଶ୍ରୀମନ୍ଦିର ପ୍ରଶାସନ ଏ କ୍ଷେତ୍ରରେ ଯେଉଁ ପଦକ୍ଷେପ ନେଇଛନ୍ତି ତାହା ନିଶ୍ଚିତ ସ୍ୱାଗତଯୋଗ୍ୟ। ମନ୍ଦିରର ଭକ୍ତି ପରିବେଶ ଓ ଶୃଙ୍ଖଳାକୁ କୌଣସି ପରିସ୍ଥିତିରେ ଜଳାଞ୍ଜଳି ଦେଇ ହେବ ନାହିଁ। ମନ୍ଦିର ପରିସରରେ ପ୍ରବେଶ କରିବା ପୂର୍ବରୁ ଭକ୍ତମାନେ ଶାଳୀନତା ପୋଷାକ ପିନ୍ଧିବା ନିହାତି ଆବଶ୍ୟକ। ହାଫ୍ ପ୍ୟାଣ୍ଟ, ବରମୁଣ୍ଡା, ସର୍ଟସ, ମିନିସ୍କର୍ଟ, ନାଇଟ୍ ସୁଟ୍, ଫଟା ଜିନ୍ସ ଓ କାପ୍ରି ପ୍ୟାଣ୍ଟକୁ ନିଷିଦ୍ଧ କରାଯିବା ଉଚିତ୍। ମନ୍ଦିରକୁ ଆସୁଥିବା ସମସ୍ତ ଶ୍ରଦ୍ଧାଳୁଙ୍କୁ ଶୃଙ୍ଖଳା ବଜାୟ ରଖିବାକୁ ଅନୁରୋଧ କରାଯାଇଛି। ଲୋକମାନେ ମନ୍ଦିରକୁ ଏକ ପିକନିକ୍ ସ୍ପଟରେ ପରିଣତ କରିବା ଉଚିତ୍ ନୁହେଁ। ମୋ ମତରେ ଆମେ ଯେତେ ଶୃଙ୍ଖଳିତ ଏବଂ ଶାଳୀନତା ହେବା, ସେତେ ସଂସ୍କାରିତ ହେବା।

### ଶୁଭ୍ରାଂଶୁ ଷଡଙ୍ଗୀ, ଆଇନଜୀବୀ




ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଅନୁସାରେ ଭକ୍ତ ମାନଙ୍କ ଡ୍ରେସ୍ କୋଡ଼୍‌କୁ ନେଇ ଯାହା ନିଷ୍ପତି ନିଆଯାଇଛି ମୁଁ ଭାବୁଛି ତାହା ଠିକ୍ ଅଛି। କାରଣ ଆମେ ଯେତେବେଳେ କୌଣସି ମନ୍ଦିରକୁ ଯାଉଛେ ସେହି ସମୟରେ ଆମ ଭିତରେ ଆଧ୍ୟାତ୍ମିକ ଚେତନା ରହିବା ସହିତ ପୋଷାକ ପରିଧାନରେ ମଧ ଶାଳିନତା ରହିବା ଉଚିତ୍। ଅନ୍ୟପଟରେ ସେବାୟତ ମାନଙ୍କର ମଧ ଦର୍ଶନ କରିବାକୁ ଆସୁଥିବା ଲୋକଙ୍କ ପ୍ରତି ଭଲ ବ୍ୟବହାର କରିବା ସହିତ ସେମାନଙ୍କର ପୋଷାକ ପରିଧାନରେ ମଧ ପରିବର୍ତ୍ତନ ଆଣିବା ଉଚିତ୍। ସର୍ବଶେଷରେ ରତ୍ନଭଣ୍ଡାର ଖୋଲା ଯିବାକୁ ନେଇ ଏକ ପିଆଇଏଲ୍ ଉଚ୍ଚତମ ନ୍ୟାୟାଳୟରେ ବର୍ତ୍ତମାନ ବିଚାରାଧୀନ ଅଛି ଏବଂ ରାଜ୍ୟ ସରକାର ଉକ୍ତ କେସ୍‌ରେ ଏକ ଆଫିଡେଭିଟ ଦେଇ କହିଛନ୍ତି ଯେ ଶ୍ରୀଜଗନ୍ନାଥଙ୍କ ସମସ୍ତ ଅଳଙ୍କାର ସୁରକ୍ଷିତ ଅଛି ତେଣୁ ବର୍ତ୍ତମାନ ରତ୍ନଭଣ୍ଡାର ଖୋଲାଯିବ କି ନାହିଁ ତାହା କେବଳ କୋର୍ଟ ନିଷ୍ପତି ନେଇ ପାରିବେ।

### ରାମଚନ୍ଦ୍ର ବେହେରା, ସାହିତ୍ୟିକ



ଏହା ଏକ ଐତିହାସିକ ପଦକ୍ଷେପ। ଶ୍ରଦ୍ଧାରେ ଶାଳିନତା ରହିବା ବିଧେୟ। ମୁଁ ଏହାକୁ ହୃଦୟରେ ସ୍ୱାଗତ କରୁଛି। ଏହା ଆମ ଆଗାମୀ ପିଢିକୁ ସଂସ୍କାର ସଂସ୍କୃତିରେ ନିଶ୍ଚୟ ବାନ୍ଧି ରଖିବ। ବେଶ ପୋଷାକ ମାନବ ଶରୀରର ଶୋଭା ବଢାଇଥାଏ ଏବଂ ଅନ୍ୟଙ୍କ ସାମ୍ନାରେ ନିଜର ମାନବିକତାକୁ ପ୍ରକଟ କରିବାର ଅହମ ଭୂମିକା ନିଭାଇଥାଏ। ପାଶ୍ଚାତ୍ୟ ଦେଶର ବେଶ ପୋଷାକ, ନଗ୍ନତାର ପରିପ୍ରକାଶ। ସେପରି ବେଶଭୂଷାକୁ ମନରୁ ଦୂରେଇ, ନିଜ ଦେଶର ବେଶ ପୋଷାକକୁ ହୃଦୟରେ ଗ୍ରହଣ କରିବା ସ୍ୱାଗତଯୋଗ୍ୟ।

### ନବ ମଲ୍ଲିକ, ଆଇନଜୀବୀ



ବିଶ୍ୱ ପ୍ରସିଦ୍ଧି ଜୟ ଜଗନ୍ନାଥ ହେଉଛନ୍ତି କୋଟି କୋଟି ଓଡ଼ିଆଙ୍କ ମଉଡମଣୀ ତଥା ବିଶ୍ୱ ବ୍ରହ୍ମାଣ୍ଡର ଚଳନ୍ତି ଦେବତା। ବିଶ୍ୱର ପ୍ରତ୍ୟକ ଦେବ ଦେବୀଙ୍କ ଦର୍ଶନ କରିବାକୁ ଗଲେ ସମସ୍ତଙ୍କର କିଛି ନା କିଛି ଉପଦେଶ, କିମ୍ବା କୋଡ଼ର ବ୍ୟବସ୍ଥା ଅଛି। ହେଲେ ଆମ ବଡ ଠାକୁରଙ୍କୁ ଦର୍ଶନ ପାଇଁ ଗଲେ ସେମିତି କିଛି ବ୍ୟବସ୍ଥା ନାହିଁ କେବଳ ହିନ୍ଦୁ ଧର୍ମକୁ ଛାଡିଲେ କିଏ କେଉଁ ଧର୍ମର ଭକ୍ତଙ୍କର ଅବାଧ ପ୍ରବେଶ ଆମର ଏଠି କିଛି ବି ନିୟମ କାନୁନ ନାହିଁ। ଅତି ସୁନ୍ଦର ନିୟମ କରି ଡ୍ରେସ କୋର୍ଡର ବ୍ୟବସ୍ଥା କରାଯାଉ। ଯାହା ଫଳରେ ହିନ୍ଦୁ ଧର୍ମର ପରିଚୟ ଦେବ। ସଙ୍ଗେ ସଙ୍ଗେ ଆମ ସଂସ୍କୃତି ବଜାୟ ରହିବ। ପ୍ରଭୁଙ୍କ ରତ୍ନ ଭଣ୍ଡାରର ପ୍ରତିବର୍ଷ ଖୋଲା ଯାଉ କାହିଁକି ନା ପ୍ରତି ଓଡ଼ିଆଙ୍କ ଜାଣିବାର ଅଧିକାର ଅଛି। ହେଲେ ସରକାର କାହିଁକି ଭୟ କରୁଛନ୍ତି ଯଦି ତମେ ସରକାର ସଫା ତାହାଲେ ସଫା ଜିନିଷକୁ କାହିଁକି ଘୋଡେଇ ରଖିଛ, ଜଗନ୍ନାଥଙ୍କ ସମ୍ପତି ସମସ୍ତେ ଜାଣିବା କଥା ତେଣୁ ସର୍ବ ଜାଣିନ କରାଯାଉ ଏହା ନ କଲେ ଭଗବାନ କେବେ କ୍ଷମା କରିବେ ନାହିଁ।

### ପ୍ରଭାତ ମହାପାତ୍ର, ଶିକ୍ଷକ



ଶ୍ରୀମନ୍ଦିରରେ ଯେଉଁ ଡ୍ରେସ କୋଡ ବ୍ୟବସ୍ଥା ହୋଇଛି ତାହା ସମସ୍ତଙ୍କ ପାଇଁ ସମ୍ଭବ ନୁହେଁ। ଅବଶ୍ୟ ଶ୍ରୀମନ୍ଦିରକୁ ଯେଉଁ ଶ୍ରଦ୍ଧାଳୁ ମାନେ ଆସିବେ ସେମାନେ ମହତ୍ ଉଦ୍ଦେଶ୍ୟ ନେଇ କାୟ ମନ ବାକ୍ୟରେ ପବିତ୍ର ହେବା ଉଚିତ୍। ଯାହା ନିଜକୁ ଠିକ୍ ଲାଗୁ ନାହିଁ, ତାହା ଅନ୍ୟ ଆଗରେ ପ୍ରଦର୍ଶନ କରିବା ଉଚିତ୍ ନୁହେଁ। ଶ୍ରୀମନ୍ଦିରରେ ଅନ୍ୟାନ୍ୟ ଯେଉଁ ମୁଖ୍ୟ କାର୍ଯ୍ୟ ଗୁଡ଼ିକ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକ୍ଷମ ହୋଇନାହିଁ ତାହା ନ କରି ଅଯଥାରେ ଅନ୍ୟାନ୍ୟ ସମସ୍ୟା ଗୁଡ଼ିକ ମୁଣ୍ଡରେ ଲଦି ମୁଖ୍ୟ ବିଷୟରୁ ଧ୍ୟାନ ଏଡାଇ ଦେବା ଭଳି ମନେ ହେଉଛି। ଯେପରିକି ଚାରି ଦୁଆର ଫିଟାଇବା ତଥା ଶ୍ରୀଜୀଉଙ୍କ ଅଳଙ୍କାର ଗୁଡ଼ିକ ସୁରକ୍ଷିତ ଅଛି କି ନାହିଁ ଏସବୁ ତଥ୍ୟ ଦେବା ରାଜ୍ୟ ସରକାରଙ୍କ କର୍ତ୍ତବ୍ୟ ହେବା ଉଚିତ୍। ଯେଉଁ ମାନେ ବଡ ଠାକୁରଙ୍କ ଦର୍ଶନ ପାଇଁ ଆସୁଛନ୍ତି, ସେମାନେ ମଧ ନିଜକୁ ସମ୍ପୂର୍ଣ୍ଣ ପରିମାର୍ଜିତ କରି ଶୁଦ୍ଧ ମନରେ ଶ୍ରୀମନ୍ଦିରକୁ ପ୍ରବେଶ କରିବା ଉଚିତ୍। ଏ ମନ ହେଉଚି ଗୋଟିଏ ଚଳନ୍ତା ଘୋଡ଼ା ସଦୃଶ୍ୟ। ତେଣୁ ଏ ମନକୁ ସ୍ଥିର କରିବାକୁ ହେଲେ ଈଶ୍ୱରଙ୍କ ଠାରେ ହିଁ ଲୟ ରଖିବା ଉଚିତ୍। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯଦି ଭକ୍ତ ମାନଙ୍କ ପାଇଁ ଏହି ଡ୍ରେସ କୋଡ ବ୍ୟବସ୍ଥା ହୁଏ ତେବେ ସେବାୟତ ମାନଙ୍କ ପାଇଁ ମଧ ସମାନ ବ୍ୟବସ୍ଥା କରିବା ଉଚିତ୍।

### ଭାଗବତ ପରିଡା, ସମାଜସେବୀ



ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲି ମହାପ୍ରଭୁଙ୍କ ସୁନା ଅଳଙ୍କାରକୁ ତଦାରଖ କରିବା ପାଇଁ ଦୀର୍ଘ ବର୍ଷ ଧରି ଆନ୍ଦୋଳନ ହୋଇ ଆସୁଛି। ରାଜ୍ୟ ସରକାର ରତ୍ନଭଣ୍ଡାର ଖୋଲିବା ପାଇଁ ଚାବି ଖୋଜିଥିଲେ। କଲେକ୍ଟର ଅଫିସରୁ ଟ୍ରେଜେରୀ ପର୍ଯ୍ୟନ୍ତ ଚାବି ଖୋଜିବା ପାଇଁ ଆୟୋଗ ଗଠନ କରିଥିଲେ। ଚବିଶ ଲକ୍ଷ ଟଙ୍କା ଖର୍ଚ୍ଚ ପରେ ଗୋଟିଏ ଡୁପ୍ଲିକେଟ ଚାବି ମିଳିଥିଲା ବୋଲି କହିଥିଲେ। ଅରିଜିନାଲ ଚାବି କିଏ ନେଲା ତାହା ସନ୍ଦେହ ଘେରରେ। ସରକାର ସମଗ୍ର ରାଜ୍ୟରେ ଥିବା ମହାପ୍ରଭୁ ଜଗନ୍ନାଥଙ୍କର ହଜାର ହଜାର ଏକର ଜମିର ହିସାବ କିତାବ ସହ ଜବରଦଖଲ ଉଚ୍ଛେଦ କରି ଶ୍ରୀମନ୍ଦିର ଅଧୀନକୁ ଆଣିବା ପାଇଁ ମଧ ଦାବି ହୋଇ ଆସୁଛି। ଏ ସବୁ ଦାବି ଉପରେ ନାଁ ରାଜ୍ୟ ସରକାର କର୍ଣ୍ଣପାତ କରୁଛନ୍ତି ନାଁ ଶ୍ରୀମନ୍ଦିର ପ୍ରଶାସନ ଦୃଷ୍ଟି ଦେଉଛନ୍ତି। ଶ୍ରୀମନ୍ଦିରର ତିନି ଦ୍ୱାରକୁ ବନ୍ଦ ରଖି କେବଳ ଗୋଟିଏ ଦ୍ୱାର ଖୋଲିବା ଦୁଃଖ ଏବଂ ପରିତାପର ବିଷୟ। ପୁରୀ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ଓ ଗଜପତି ମହାରାଜାଙ୍କ କ୍ଷମତାକୁ ସଙ୍କୁଚିତ କରି ରାଜନୈତିକ ଉଷ୍ମ ବାତାବରଣ ସୃଷ୍ଟି କରିଛନ୍ତି ରାଜ୍ୟ ସରକାର। ଶ୍ରୀମନ୍ଦିର ପରିକ୍ରମା ବିକାଶ ନାଁ ରେ ହଜାର ହଜାର ବର୍ଷର ପୁରୁଣା ମଠ ମନ୍ଦିରକୁ ଭାଙ୍ଗି ମନ୍ଦିର ବିହୀନ ଶ୍ରୀକ୍ଷେତ୍ର ନିର୍ମାଣ କରିବା ପାଇଁ ରାଜ୍ୟ ସରକାର ବଦ୍ଧପରିକର ବୋଲି ମନେହୁଏ। ନବକଳେବର କେଲେଙ୍କାରୀ, ଦାରୁ ଚୟନରେ ଫିକ୍ସିଂ, ବ୍ରହ୍ମ ବିଭ୍ରାଟ ଇତ୍ୟାଦି ଘଟଣା ରାଜ୍ୟ ସରକାରଙ୍କ ସ୍ୱଚ୍ଛତା ଉପରେ ନିଶ୍ଚିତ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦୀର୍ଘ ବର୍ଷ ଧରି ଆନ୍ଦୋଳନ ସହ ଦାବି ହୋଇ ଆସୁଥିବା ଅଭିଯୋଗକୁ ରାଜ୍ୟ ସରକାର/ମନ୍ଦିର ପ୍ରଶାସନ କର୍ଣ୍ଣପାତ ନ କରିବା କୋଟି କୋଟି ଜଗନ୍ନାଥ ପ୍ରେମୀ ଓ ଶ୍ରଦ୍ଧାଳୁଙ୍କୁ ମର୍ମାହତ କରିଛି। ହଠାତ ରାଜ୍ୟ ସରକାର ଶ୍ରୀମନ୍ଦିର ପ୍ରବେଶ ସମୟରେ ଡ୍ରେସ କୋଡ ଆଇନ ପ୍ରଣୟନ କରିବା ଯେତିକି ଉତ୍ସାହ ପ୍ରଦାନ କରୁଛି ସେତିକି ମଧ ସନ୍ଦେହ ସୃଷ୍ଟି କରିଛି। ହଁ ଦେଶର ବିଭିନ୍ନ ରାଜ୍ୟରେ ଥିବା ବଡ଼ ବଡ଼ ମନ୍ଦିରରେ ମଧ ଡ୍ରେସ କୋଡ ରହିଛି। ଡ୍ରେସ କୋଡ ନ ମାନିଲେ ପ୍ରବେଶ ନିଷେଧ। କିନ୍ତୁ ରାଜ୍ୟ ସରକାର ତେଇସି ଚବିଶ ପରେ ଶ୍ରୀମନ୍ଦିର ପାଇଁ ଏମିତି ଡ୍ରେସ କୋଡ ଆଣିବା ସହଜରେ ଗ୍ରହଣ କରି ହେଉନାହିଁ। ନିୟମ ଲାଗୁ କରିବା ପୂର୍ବରୁ ସମଗ୍ର ଦେଶରେ ପ୍ରଚାର କରିବାର ଆବଶ୍ୟକତା ରହିଛି। ଯେଉଁ ଶ୍ରଦ୍ଧାଳୁମାନେ ଓଡ଼ିଶା ବାହାରୁ ଆସୁଛନ୍ତି ସେମାନେ ହୁଏତ ଅସୁବିଧାରେ ପଡ଼ି ପାରନ୍ତି। ନୂଆ ପୋଷାକ କିଣିବା ପାଇଁ ଆର୍ଥିକ ସମସ୍ୟା ଦେଖାଦେଇ ପାରେ। ସେ ଯାହାହେଉ ଡ୍ରେସ କୋଡ ନିଶ୍ଚିତ ଭାବେ ଭଲ ପଦକ୍ଷେପ। ସେବାୟତ/ପଣ୍ଡା ମାନଙ୍କ ପାଇଁ ମଧ ଡ୍ରେସ କୋଡ ଲାଗୁ କରାଯାଉ। ମହାପ୍ରଭୁ ଜଗନ୍ନାଥ ହେଉଛନ୍ତି ଅବଢ଼ା ଅନ୍ନଖିଆ ଠାକୁର,ତାଙ୍କ ଶ୍ରୀକ୍ଷେତ୍ରରେ ବୃହତ ଅନ୍ନ ପ୍ରସାଦ ଭୋଜନାଳୟ ନାହିଁ। ଯେଉଁଠି କି ଧନୀ ଗରିବ ଲୋକ ମାଗଣାରେ ହେଉ କିମ୍ବା ସ୍ୱଳ୍ପ ମୂଲ୍ୟରେ ପ୍ରସାଦ ସେବନ କରି ପାରିବେ। ମହାପ୍ରଭୁଙ୍କ ଆନନ୍ଦ ବଜାରରେ ଯେଉଁଭଳି ମନମାନି ଚାଲିଛି ତାହା ଅତ୍ୟନ୍ତ ବିଚାର ଯୋଗ୍ୟ। ତିରୁପତି ବାଲାଜି ମନ୍ଦିର ହେଉ କି ଦେଶର ଅନ୍ୟ ମନ୍ଦିର, ଅଧିକାଂଶ ମନ୍ଦିରରେ ବୃହତ ଅନ୍ନ ପ୍ରସାଦ ଭୋଜନାଳୟ ରହିଛି। ଏକା ସାଙ୍ଗରେ ଚାରି ପାଞ୍ଚ ହଜାର ଶ୍ରଦ୍ଧାଳୁ ଭୋଜନ କରିବାର ବ୍ୟବସ୍ଥା ରହିଛି। ସେଇଭଳି ଭୋଜନାଳୟ ଶ୍ରୀକ୍ଷେତ୍ର ପାଇଁ ଜରୁରୀ ବୋଲି ମନେ ହୁଏ।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି